ବର୍ଷ-୨୬, ସଂଖ୍ୟା-୨୫୨
ଭୁବନେଶ୍ୱର
ସେପ୍ଟେମ୍ବର, ୧୯, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 252
Bhubaneswar
September, 19, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ନରାଜରେ ହେବ ଓଡ଼ିଶା ସିଲିକନ୍ ଭାଲି

ନୂଆଦିଲ୍ଲୀ,୧୮।୯: 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। କଟକ'ର ନରାଜଠାରେ ୮୭୦ ଏକର ପରିମିତ ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।ସୂଚନାଯୋଗ୍ୟଯେ, ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ?'ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ନରାଜର ଭୌଗଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ। ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ।ଏହି ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା 'ସେମିକନ୍ ୨.୦' ଅଧୀନରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଭାଲ୍ୟୁ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଏହା ସହିତ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର ପ୍ରସ୍ତୁତି ପାଇଁ 'କ୍ୱାଡ୍‌କ୍ୱାଣ୍ଟମ' ସଂସ୍ଥା ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଜାପାନ, ସ୍ୱିଡେନ୍ ଏବଂ ତାଇୱାନର ଆନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହାବ୍ୟତୀତ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ ସେମ୍, ଥ୍ରୀ-ଡି ଗ୍ଲାସ୍ ସୋଲୁସନ ଏବଂ ସାଇଏଣ୍ଟ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରା ବର୍ତ୍ତମାନ କେବଳ ପରିକଳ୍ପନା ସ୍ତରରୁ ଆଗକୁ ଯାଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆମେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ଆକର୍ଷିତ କରିବାରେ ଏବଂ ସବୁଠାରୁ ବଡ଼ କଥା ହେଲା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ସଫଳ ହୋଇଛୁ। 'ସେମିକନ୍ ଇଣ୍ଡିଆ ୨୦୨୬'ରେ ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷଙ୍କ ସହ ଆମର ଆଲୋଚନା ଏହି ଗତିକୁ ଆହୁରି ଆଗକୁ ବଢ଼ାଇବା ଏବଂ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟାୟର ସେମିକଣ୍ଡକ୍ଟର ନିବେଶ ଆଣିବା ଉପରେ କେନ୍ଦ୍ରୀଭୂତ ରହିଛି।ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେବା ପାଇଁ ଆବଶ୍ୟକ ହେଉଥିବା ବ୍ୟାପକ ଇକୋସିଷ୍ଟମ୍ ଗଠନ ନିମନ୍ତେ ଓଡ଼ିଶା କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତିକୁ ବିକଶିତ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦ ସହିତ ସମନ୍ୱୟ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଏହାର ସେମିକଣ୍ଡକ୍ଟର ନୀତିର ସଦ୍ୟତମ ତୃତୀୟ ସଂଶୋଧନ ମାଧ୍ୟମରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟତାକୁ ଆହୁରି ବ୍ୟାପକ କରାଯାଇଛି। ଏହି ସଂଶୋଧନ ଜରିଆରେ, ଓଡ଼ିଶା ପକ୍ଷରୁ ସେମିକଣ୍ଡକ୍ଟର ଉପକରଣ ତିଆରି, ସେମିକଣ୍ଡକ୍ଟର-ଗ୍ରେଡ୍ ଗ୍ୟାସ୍, କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳା ବିଭାଗରେ ଆଇଏସଏମ-ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ୨୫% ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନର ନୀତିଗତ ବ୍ୟବସ୍ଥା ଅଧୀନରେ ୱାର୍କଫୋର୍ସର ଦକ୍ଷତା ବୃଦ୍ଧି, ଇଣ୍ଟର୍ନସିପ୍, ଆନ୍ତର୍ଜାତୀୟ ପେଟେଣ୍ଟ ଏବଂ ଗବେଷଣା ତଥା ବିକାଶ ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି।

# ପୌର ନିର୍ବାଚନ ପାଇଁ ତତ୍ପରତା

ଭୁବନେଶ୍ୱର,୧୮।୯(ମହାଭାରତ): ରାଜ୍ୟରେ ଆଗାମୀ ପୌର ନିର୍ବାଚନ ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟର ପୌରପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ(ଏନଏସି) ଓ ମହାନଗର ନିଗମଗୁଡିକରେ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ସହ ଆସନ ସଂରକ୍ଷଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି। ପୂର୍ବରୁ ସେପ୍ଟେମ୍ବର ୧୦ ତାରିଖରେ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ଆଂଶିକ ପରିବର୍ତ୍ତନ କରାଯାଇ ବୌଦ୍ଧ ଜିଲ୍ଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ଏହି ନୂଆ ସମୟସୀମା କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ତାରିଖ ବଦଳାଇଲେ ସରକାର, ଅକ୍ଟୋବର ୩୧ରେ ଚୂଡାନ୍ତ ତାଲିକା**

ସୂଚନା ଅନୁସାରେ, ଓଡିଶା ମ୍ୟୁନିସିପାଲ ଆଇନ-୧୯୫୦ର ଧାରା ୧୧ ଓ ୧୨ର ଏବଂ ରୁଲସ୍ ଅନୁସାରେ ଜିଲ୍ଲାପାଳମାନେ ଆସନ୍ତା ସେପ୍ଟେମ୍ବର ୨୪ତାରିଖରେ ପୌର ପରିଷଦ ଓ ଏନଏସି ପାଇଁ ୱାର୍ଡ ସୀମା ପୁନର୍ଗଠନ ଓ ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ କରି ଜନସାଧାରଣଙ୍କଠୁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରିବେ। ଏହାଉପରେ ଦାବି କିମ୍ବା ଆପତ୍ତି ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୩ତାରିଖ ରଖାଯାଇଛି। ଏହି ପ୍ରାଥମିକ ବିଜ୍ଞପ୍ତି ବିରୋଧରେ ଯଦି କାହାର ଆପତ୍ତି ଥାଏ, ତେବେ ସେମାନେ ଅକ୍ଟୋବର ୭ରୁ ୨୧ତାରିଖ ମଧ୍ୟରେ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ୍ କରିପାରିବେ। ଦାଖଲ ହୋଇଥିବା ସମସ୍ତ ଅପିଲ୍ ଓ ତାହା ଉପରେ ଜିଲ୍ଲାପାଳଙ୍କ ମନ୍ତବ୍ୟକୁ ସ୍ୱତନ୍ତ୍ର ଦୂତ ଜରିଆରେ ଅକ୍ଟୋବର ୨୨ତାରିଖ ସୁଦ୍ଧା ଭୁବନେଶ୍ୱରସ୍ଥିତ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ଏହାପରେ ରାଜ୍ୟ ସରକାର ଅପିଲେଟ୍ କର୍ତ୍ତୃପକ୍ଷ ଭାବେ ପୌର ପ୍ରଶାସନ ନିର୍ଦ୍ଦେଶକ ଅକ୍ଟୋବର ୨୬ରୁ ୨୮ ମଧ୍ୟରେ ଏହି ଅପିଲଗୁଡିକର ଶୁଣାଣି କରି ଚୂଡାନ୍ତ ନିଷ୍ପତ୍ତି ଜଣାଇବେ। ସରକାରୀ ନିଷ୍ପତ୍ତି ଆଧାରରେ ଆବଶ୍ୟକ ସଂଶୋଧନ କରି ଜିଲ୍ଲାପାଳମାନେ ଅକ୍ଟୋବର ୩୧ ତାରିଖରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ କରିବେ ଓ ତୁରନ୍ତ ଏହାର ନକଲ ରାଜ୍ୟ ନିର୍ବାଚନ କମିଶନ, ସରକାର ତଥା ସମ୍ପୃକ୍ତ ପୌରପାଳିକା କିମ୍ବା ଏନଏସିକୁ ପଠାଇବେ ବୋଲି ଜଣାପଡିଛି।

ସେହିପରି ରାଜ୍ୟର ୪ ପ୍ରମୁଖ ମହାନଗର ନିଗମ ଯଥା ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ପାଇଁ ମଧ୍ୟ ସ୍ୱତନ୍ତ୍ର ସମୟସୀମା ନିର୍ଦ୍ଧାରଣ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୨୪ ତାରିଖ ସୁଦ୍ଧା ସମ୍ପୃକ୍ତ ମହାନଗର ନିଗମଗୁଡିକ ପକ୍ଷରୁ ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ରେ ୱାର୍ଡ ବିଭାଜନ, ଆସନ ସଂରକ୍ଷଣ ସୂଚନା, ସ୍କ ?ଚ୍ ମ୍ୟାପ୍ ଓ ନିଗମର ସଂକଳ୍ପ ସହିତ ନଗର ଉନ୍ନୟନ ବିଭାଗ ନିକଟରେ ଦାଖଲ କରାଯିବ। ଏହାପରେ ଅକ୍ଟୋବର ୫ ତାରିଖରେ ସରକାରଙ୍କ ପକ୍ଷରୁ ମହାନଗର ନିଗମଗୁଡିକର ପ୍ରସ୍ତାବିତ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣର ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ। ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଏହା ଉପରେ ସାଧାରଣ ଲୋକେ ନିଜର ଆପତ୍ତି ଓ ପ୍ରସ୍ତାବ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମଗ୍ର ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଭାବେ ଶେଷ କରିବାକୁ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ପୌର ନିର୍ବାଚନ ଆସନ୍ତାବର୍ଷ ଏପ୍ରିଲ-ମଇ ସୁଦ୍ଧା କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

# ୮ ଲକ୍ଷ ଲାଞ୍ଚ ନେଇ ଧରା ପଡିଲେ ଜିଏସଟି ଅଧିକାରୀ

ନୂଆଦିଲ୍ଲୀ,୧୮।୯: ଧରାପଡିଛନ୍ତି ଜଣେ ଲାଞ୍ଚୁଆ ଜିଏସଟି ଅଧିକାରୀ। ମାମଲା ରଫାଦଫା କରିବାକୁ ଜଣେ କେନ୍ଦ୍ରୀୟ ଜିଏସଟି ସୁପରିନଟେଣ୍ଡେଣ୍ଟ ୮ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ। କିନ୍ତୁ ବେଙ୍ଗାଲୁରୁ ସିଟି ଲୋକାଯୁକ୍ତ ନଗଦ ୮ ଲକ୍ଷ ଟଙ୍କା ସହ ଲାଞ୍ଚୁଆ ଅଧିକାରୀଙ୍କୁ ରଙ୍ଗେ ହାତ ଧରିଛି। କ୍ୟାମେରାରେ ମଧ୍ୟ ତାଙ୍କ ଲାଞ୍ଚ କାରବାରର ରେକର୍ଡ କଏଦ ହୋଇଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ମୋହିତ ପ୍ରତାପ ସିଂହ। ସେ ଦକ୍ଷିଣ କମିଶନରେଟର ଦକ୍ଷିଣ ଡିଭିଜନ ୪ର କେନ୍ଦ୍ରୀୟ ଜିଏସ୍ଟି ସୁପରିନଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରନ୍ତି। କିନ୍ତୁ ସେ ଏହି ପଦର ଦୁରୋପଯୋଗ କରିଥିଲେ।ଜଣେ ବ୍ୟବସାୟୀଙ୍କ ନାଁରେ ମୋଟା ଅଙ୍କର କେନ୍ଦ୍ରୀୟ ଜିଏସଟି ବାବଦ ଙ୍ଖ' ଫାଙ୍କିବା ଅଭିଯୋଗ ଦାଖଲ ହୋଇଥିବା ଅଧିକାରୀ ଜଣଙ୍କ ତାଙ୍କୁ କହିଥିଲେ। ଏଥିସହ ମାମଲା ବନ୍ଦ କରିବାକୁ ଟଙ୍କା ମାଗିଥିଲେ।

# ପଶ୍ଚିମବଙ୍ଗ ଉପ-ନିର୍ବାଚନ; କଂଗ୍ରେସ ପ୍ରାର୍ଥୀ ଗିରଫ

କୋଲକାତା,୧୮।୯: ପଶ୍ଚିମବଙ୍ଗ ବିଧାନସଭା ଉପ-ନିର୍ବାଚନ ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ମିଳନ ପ୍ରଧାନଙ୍କୁ ଶୁକ୍ରବାର ଗିରଫ କରିଛି ପୁଲିସ। ୨୦୦୭ ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ବେଳେ ସଂଘଟିତ ଏକ ହତ୍ୟା ମାମଲାରେ ତାଙ୍କୁ ଗିରଫ କରାଯାଇଛି। ନନ୍ଦିଗ୍ରାମ ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ପୂର୍ବତନ ମମତା

## ମମତାଙ୍କ 'ମମତା ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ'

ବାନାର୍ଜୀଙ୍କ ଗୋଷ୍ଠୀ ସମର୍ଥନ କରିବାକୁ ଘୋଷଣା କରିବାର କିଛି ଘଣ୍ଟା ପରେ ଘଟିଛି ଏହି ଘଟଣା। ମମତାଙ୍କ ଗୋଷ୍ଠୀ ସଞ୍ଜିତା ପ୍ରଧାନ ଦେ'ଙ୍କୁ ନନ୍ଦିଗ୍ରାମ ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ କରିଥିଲା। କିନ୍ତୁ ସେ ଓହରି ଯିବା ପରେ ମମତାଙ୍କ ଗୋଷ୍ଠୀ ଆଉ କାହାକୁ ପ୍ରାର୍ଥୀ ନ କରି ବିଜେପି ବିପକ୍ଷରେ ଲଢେଇ କରୁଥିବା ଇଣ୍ଡି ମେଣ୍ଟକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଥିଲା। ତାଙ୍କ ଗୋଷ୍ଠୀ ମିଳନ ପ୍ରଧାନଙ୍କୁ ସମର୍ଥନ କରିବ ବୋଲି ମମତା ନିଜେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ।

ସଞ୍ଜିତା ପ୍ରଧାନ ଦେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟିବା ପରେ ପ୍ରାର୍ଥୀ ହେବେନି ବୋଲି ଘୋଷଣା କରିଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କର ସାକ୍ଷାତକୁ ସୌଜନ୍ୟମୂଳକ ବୋଲି କୁହାଯାଇଥିଲା। କିନ୍ତୁ ପରେ ଜଣାପଡିଲା, ଏହା ପଛରେ ରହିଥିଲା ରାଜନୀତି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରାଜୟ ପରେ ଟିଏମସିରେ ଦେଖାଯାଇଥିବା ଦଳୀୟ କନ୍ଦଳ ଏବେ ବିସ୍ଫୋରକ ରୂପ ନେଇଛି। ସ୍ଥିତିକୁ ଦେଖି ନିର୍ବାଚନ କମିଶନ ମମତାଙ୍କ ଗୋଷ୍ଠୀଙ୍କୁ ଦେଇଛନ୍ତି ନୂଆ ଦଳୀୟ ଚିହ୍ନ ଓ ନାଁ। ସେହିପରି ରତୁବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସିକୁ ମଧ୍ୟ ନୂଆ ପରିଚୟ ମିଳିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁ ନିର୍ବାଚନ କମିଶନ ପ୍ରଥମେ ତୃଣମୂଳ କଂଗ୍ରେସର ପାରମ୍ପରିକ ଫୁଲ ଓ ଘାଷ ଚିହ୍ନକୁ ଫ୍ରିଜ କରି ଦେଇଥିଲେ। କୌଣସି ଗୋଷ୍ଠୀ ଏହାକୁ ବ୍ୟବହାର କରିପାରିବେ ନାହିଁ ବୋଲି କହିଥିଲେ।

ଏବେ ଦୁଇ ଗୋଷ୍ଠୀଙ୍କୁ ନୂଆ ପରିଚୟ ଦିଆଯାଇଛି। ମମତାଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଏଣିକି 'ମମତା ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ' ଭାବେ ପରିଚୟ ହାସଲ କରିଛି। ଏହି ଗୋଷ୍ଠୀର ଦଳୀୟ ଚିହ୍ନ ହେଉଛି 'ଫୁଟବଲ ଖେଳାଳି'।ସେହିପରି ରତୁବ୍ରତ ବାନାର୍ଜୀଙ୍କ ଗୋଷ୍ଠୀର ନାଁ ହେଉଛି ଡେମୋକ୍ରାଟିକ ତୃଣମୂଳ କଂଗ୍ରେସ ଓ ଏହାର ଦଳୀୟ ଚିହ୍ନ ହେଉଛି ଲଫାପା। ଏହି ଦଳୀୟ ଚିହ୍ନ ନାଁକୁ ଦୁଇ ଗୋଷ୍ଠୀ ଅସ୍ଥାୟୀ ଭାବେ ଆଗାମୀ ବେଙ୍ଗଲ ବିଧାନସଭାର ଉପ ନିର୍ବାଚନରେ ବ୍ୟବହାର କରିପାରିବେ। ?ଏହି ସମୟରେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରକୃତ ଟିଏମସି କିଏ, ତା'କୁ ନେଇ ନିର୍ବାଚନ କମିଶନ ବିଚାର ଜାରି ରଖିବେ।

ପଶ୍ଚିମବଙ୍ଗ ବିଧାନସଭା ଉପ-ନିର୍ବାଚନ ପାଇଁ ବିଜେପି ରେଜିନଗର ଆସନରୁ ଶାଖାରବ ସରକାରଙ୍କୁ ପ୍ରାର୍ଥୀ କରିଥିବା ବେଳେ ନନ୍ଦିଗ୍ରାମରୁ ହାସିରାଣୀ ରଥଙ୍କୁ ପ୍ରାର୍ଥୀ କରିଛି। ହାସିରାଣୀ ରଥ ହେଉଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସ୍ୱର୍ଗତଃ ବ୍ୟକ୍ତିଗତ ସହାୟକ (ପିଏ) ଚନ୍ଦ୍ରନାଥ ରଥଙ୍କ ମା'। ଗତ ମେ' ମାସରେ ଚନ୍ଦ୍ରନାଥ ରଥଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

# ଆଣ୍ଡାମାନ ସାଗରକୁ ଗତି କଲା ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୧୮।୯(ମହାଭାରତ): ଉତ୍ତର ଥାଇଲ୍ୟାଣ୍ଡ ଉପରେ ବାୟୁମଣ୍ଡଳର ମଧ୍ୟଭାଗରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସନ୍ଧ୍ୟା ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳକୁ ଗତି କରିଛି। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସେହି ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ଘନୀଭୂତ ହୋଇ ପରବର୍ତ୍ତୀ ୩-୪ ଦିନ ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଯାହା ଆକଳନ କରାଯାଉଛି, ଏହା ପ୍ରଭାବରେ ୨୨ ତାରିଖରୁ ରାଜ୍ୟର ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ଆସନ୍ତାକାଲି ସକାଳ ସାଢେ ୮ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ବିଜୁଳିଘଡଘଡିସହ ୪୦ ରୁ ୫୦ କିଲୋମିଟର ବେଗରେ ପବନ ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ସହ ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ ଜିଲ୍ଲାରେ ପ୍ରବଳ ବର୍ଷା ଓ ବିଜୁଳି ଘଡଘଡି ସହ ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ମୌସୁମୀ ଋତୁରେ ବର୍ତମାନ ପର୍ଯ୍ୟନ୍ତ ୧୧ଟି ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଗତ ୨୪ ଘଣ୍ଟାରେ ରାଜ୍ୟର ସବୁ ଜିଲ୍ଲାରେ ସ୍ୱାଭାବିକ ବର୍ଷା



ସହ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ଏହା ସହ ଗୋଟିଏ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ରେକର୍ଡ କରାଯାଇଥିବା ବେଳେ ୧୯ ଜିଲ୍ଲାରେ ଅତି ପ୍ରବଳ ଓ ୯ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା କେବଳ ଗଜପତି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ସେପଟେ ଜୁନ୧ ରୁ ଏଯାବତ ୧୨୭୬.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୧୦୭୬.୬ ମିଲିମିଟର।

# ସୁନ୍ଦରଗଡ଼ରେ ସ୍କ୍ରବ୍ ଟାଇଫସ୍ ଚିନ୍ତା: ୮୭୧ ପଜିଟିଭ୍

ସୁନ୍ଦରଗଡ଼:ବର୍ଷାଋତୁରେ ସୁନ୍ଦରଗଡ଼ରେ ଚିନ୍ତା ବଢ଼ାଇଛି ସ୍କ୍ରବ୍ ଟାଇଫସ୍। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଜଣେ ପରେ ଜଣେ ପଜିଟିଭ୍ ଚିହ୍ନଟ ହେଉଛନ୍ତି।

ଏବେ ସୁଦ୍ଧା ୮୭୧ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ସୂଚନା ମିଳିଛି। ତେବେ ଆଶ୍ୱସ୍ତିର କଥା, ଏହି ରୋଗରେ ଜିଲ୍ଲାରେ କାହାରି ମୃତ୍ୟୁ ହୋଇନଥିବା କହିଛି ସ୍ୱାସ୍ଥ୍ୟ ବିଭାଗ। ପରିସ୍ଥିତି ଉପରେ ନଜର ରଖିବା ସହ ଲୋକଙ୍କୁ ସଚେତନ କରାଯାଉଥିବା କହିଛନ୍ତି ସିଡିଏମ୍ଓ। ସ୍କ୍ରବ୍ ଟାଇଫସ୍ ଏକ ସଂକ୍ରମଣଜନିତ ରୋଗ। ଏହାର ଲକ୍ଷଣ ଦେଖାଦେଲେ ଅବହେଳା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।ଟଏପଟେ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ସ୍ଥିତି ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଥିବା ବେଳେ ଲୋକଙ୍କୁ ସଚେତନ ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି। ଏତେ ସଂଖ୍ୟକ ପଜିଟିଭ ଚିହ୍ନଟ ପରେ ରୋଗ ନିୟନ୍ତ୍ରଣ ସହ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଡ଼ ଆହ୍ୱାନ ହୋଇଛି।

## ନିଠାରୀ ହତ୍ୟାକାଣ୍ଡ

# ଦୋଷମୁକ୍ତ ସୁରେନ୍ଦ୍ର କୋଲିଙ୍କ ମୃତଦେହ ଉଦ୍ଧାର

ନୂଆଦିଲ୍ଲୀ,୧୮।୯: ଝୁଲନ୍ତା ଅବସ୍ଥା ମିଳିଛି ଏକଦା ନିଠାରୀର ରାକ୍ଷାସ ଭାବେ ପରିଚୟ ହାସଲ କରିଥିବା ସୁରିନ୍ଦର କୋଲିଙ୍କ ମୃତଦେହ। ନୋଏଡାର ନିଠାରୀ ଠାରେ ଛୋଟ ଛୋଟ ପିଲାଙ୍କୁ ହତ୍ୟା କରିବା ଘଟଣାରେ ଗତବର୍ଷ ସୁପ୍ରିମକୋର୍ଟ ସୁରେନ୍ଦ୍ରଙ୍କୁ ଦୋଷମୁକ୍ତ କରିଥିଲେ। ହେଲେ ଏବେ ହରିଦ୍ୱାର ସ୍ଥିତ ଗୋଟିଏ ଚା' ଷ୍ଟଲ ଭିତରୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଗତବର୍ଷ ସୁପ୍ରିମକୋର୍ଟରୁ ଦୋଷମୁକ୍ତ ହେବା ପରେ କୋଲି ସିଧା ହରିଦ୍ୱାର ଚାଲି ଯାଇଥିଲେ। ସେଠାରେ ଭଡାରେ ଗୋଟିଏ ଚା' ଷ୍ଟଲ ନେଇ ସେ ବେପାର ଆରମ୍ଭ କରିଥିଲେ। ହେଲେ ଆଜି ଚା' ଷ୍ଟଲ ଭିତରୁ ସେ ଗୋଟିଏ ଶିଡି ଦ୍ୱାରା ଆତ୍ମହତ୍ୟା କରିଛନ୍ତି। ପୁଲିସ୍ ମୃତଦେହକୁ ଜବତ କରି ଉତ୍ତର ପ୍ରଦେଶର ଅଲମୋରାରେ ରହୁଥିବା ପରିବାର ଲୋକଙ୍କୁ ଖବର ଦେଇଛି। ସେହିପରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆଜି ସକାଳେ ସପତ ଋଷି ପୁଲିସ୍ ?ଆଉଟପୋଷ୍ଟ ଏ ସମ୍ପର୍କରେ ପ୍ରଥମେ ଖବର ପାଇଥିଲା। ସପତ ସରଭର ରୋଡରେ ସ୍ଥିତ ଲାଲମାତା ମନ୍ଦିରର ବିପରୀତ ଦିଗରେ ଥିବା ଗୋଟିଏ ଚା' ଷ୍ଟଲ ଭିତରେ ଜଣେ ବ୍ୟକ୍ତି ଝୁଲି ପଡିଥିବା ଖବର ପାଇ ପୁଲିସ୍ ? ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲା।



# ପ୍ରଶ୍ନପତ୍ର ଲିକ୍ ବିବାଦରେ ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୮।୯(): ପ୍ରଶ୍ନପତ୍ର ଲିକ୍ ବିବାଦରେ ଛନ୍ଦି ହୋଇପଡିଛି ରାଜ୍ୟର ପ୍ରତିଷ୍ଠିତ ଉଚ୍ଚଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟ। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ହ୍ୱାଟସଆପରେ ପ୍ରଶ୍ନପତ୍ର ଘୁରିବୁଲିବା ଘଟଣା ତୀବ୍ର ଆଲୋଡନ ସୃଷ୍ଟି କରିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜର ଦୋଷ ଏଡାଇ ନପାରି ଶେଷରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା କଥାକୁ ସ୍ୱୀକାର କରିଛନ୍ତି। ଆଉ ଶହୀଦନଗର ଥାନାରେ ଏନେଇ ବିଧିବଦ୍ଧ ଏତଲା ମଧ୍ୟ ଦେଇଛନ୍ତି।

ସୂଚନା ଅନୁସାରେ, ଯୁକ୍ତ ତିନି ଶ୍ରେଣୀର ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ହ୍ୱାଟସଆପରେ ଭାଇରାଲ ହୋଇଛି। ସେପ୍ଟେମ୍ବର ୧୨ତାରିଖରୁ ଆରମ୍ଭ ହୋଇଥିବା ଏହି ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବାପରେ ପୁଣିଥରେ ପରୀକ୍ଷା ହେବାର ଆଶଙ୍କା ଦେଖାଦେଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରାୟ ୩୦୦ କଲେଜର ହଜାର ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବାବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ କିଭଳି ହେଲା ତାହା ଏବେ ସବୁଠୁ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ହୃଷିକେଶ ନାୟକ କହିଛନ୍ତି ଯେ, ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଘଟଣା ସତ୍ୟ ଓ ଏହା କେଉଁ ସୂତ୍ରରୁ ବାହାରିଲା ତା'ର ପୁଙ୍ଖାନୁପୁଙ୍ଖ ଯାଂଚ ଆରମ୍ଭ ହୋଇଛି।

କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯିବା ସହିତ ଘଟଣାର ଅପରାଧିକ ଦିଗ ଉନ୍ମୋଚନ ପାଇଁ ଶହୀଦନଗର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିବାରୁ ଆବଶ୍ୟକ ପଡିଲେ ସାଇବର ଥାନାର ମଧ୍ୟ ଦ୍ୱାରସ୍ଥ ହେବୁ ବୋଲି ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ନିୟମ ଅନୁସାରେ ବିଶ୍ୱବିଦ୍ୟାଳୟ ପରିସରରୁ କଡା ସୁରକ୍ଷା ମଧ୍ୟରେ ସିଲ୍ ହୋଇ ପ୍ରଶ୍ନପତ୍ର ବିଭିନ୍ନ କଲେଜକୁ ପଠାଯାଇଥାଏ ଓ ପରୀକ୍ଷାର ଠିକ୍ ଅଧଘଣ୍ଟା ପୂର୍ବରୁ ସେଣ୍ଟର ସୁପରିଟେଣ୍ଡେଣ୍ଟଙ୍କ ଉପସ୍ଥିତିରେ ତାହା ଖୋଲାଯିବାର ବ୍ୟବସ୍ଥା ରହିଛି। ତେବେ ଏହି ସୁରକ୍ଷିତ ବ୍ୟବସ୍ଥାରେ କେଉଁଠି ତ୍ରୁଟି ରହିଲା ଓ କେଉଁ ଶିକ୍ଷକ ବା କର୍ମଚାରୀଙ୍କ ଅବହେଳା ଯୋଗୁଁ ଏପରି ଘଟିଲା, ତାହାର ପର୍ଦ୍ଦାଫାଶ ପାଇଁ ପ୍ରୟାସ ଚାଲିଛି।

ଶ୍ରୀ ନାୟକ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ତଦନ୍ତ ପରେ ଯଦି ପ୍ରଶ୍ନପତ୍ର ବ୍ୟାପକ ଭାବେ ଲିକ୍ ହୋଇଥିବା ପ୍ରମାଣିତ ହୁଏ, ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଷୟଗୁଡିକର ପରୀକ୍ଷା ବାତିଲ କରି ପୁନର୍ବାର ପରୀକ୍ଷା କରାଯିବ। ଏହି ଘଟଣାରେ ଯେଉଁମାନେ ବି ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଦୃଢ଼ ଦଣ୍ଡବିଧାନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ମୟୂରଭଞ୍ଜରେ କଙ୍ଗାରୁ କୋର୍ଟ

ବାରିପଦା: ମୟୂରଭଞ୍ଜଜିଲ୍ଲା ସାରସକଣା ବ୍ଲକ ଯୋକା ପଞ୍ଚାୟତରେ କଙ୍ଗାରୁ କୋର୍ଟର ଭିଡିଓ ସାମାଜିକ ଗଣମାଧ୍ୟମରେ ବେସ୍ ? ଆଲୋଡନ ସୃଷ୍ଟି କରିଛି। ଏକ ବିବାହିତା ମହିଳା ଓ ଯୁବକଙ୍କୁ ଗାଁ ପଞ୍ଚାୟତରେ ବିଚାର କରାଯାଇ ଦଣ୍ଡିତ କରାଯାଉଥିବା ଭିଡିଓକୁ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁସାରେ, ରତିଲା ଗ୍ରାମର ଜଣେ ଯୁବକଙ୍କ ସହ ଯୋକା ଗ୍ରାମର ଜଣେ ଦୁଇ ସନ୍ତାନର ବିବାହିତା ମହିଳାଙ୍କ ମଧ୍ୟରେ ଇନଷ୍ଟାଗ୍ରାମ ଜରିଆରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତେବେ ଉଭୟ କୌଣସି ଏକାନ୍ତ ସ୍ଥାନରେ ପରସ୍ପରକୁ ସାକ୍ଷାତ କରିଥିଲେ। ଏହା ଗାଁର କେତେକ ଯୁବକ ଦେଖି ସେମାନଙ୍କୁ କାବୁ କରି ଗଛରେ ବାନ୍ଧିଥିଲେ। ଗାଁରେ ପଞ୍ଚାୟତ ବସାଇ ଜେରା କରିବା ସହ ନିର୍ଯାତନା ଦେଇଥିଲେ। ଦୀର୍ଘ ଦୁଇ ଦିନ ଧରି ସେମାନଙ୍କୁ ଏଭଳି ଅଟକ ରଖାଯାଇଥିବା କୁହାଯାଉଛି। ଘଟଣାସ୍ଥଳରେ ଉପସ୍ଥିତ କିଛି ଲୋକ ଏହାର ଭିଡିଓ ରେକର୍ଡ କରି ଭାଇରାଲ କରି ଦେଇଥିଲେ। ଏସପି ବରୁଣ ଗୁଣ୍ଡ ପାଲିଙ୍କ ନିର୍ଦ୍ଦେଶ ମତେ ଝାରପୋଖରିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଛି। ଏନେଇ ଏକ ମାମଲା ରୁଜୁ କରି ପଞ୍ଚାୟତ ବସାଇଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଛି।



# ଆଜି କଟକ ଓ ଭୁବନେଶ୍ୱରଠାରେ ରୋଜଗାର ମେଳା

ଭୁବନେଶ୍ୱର,୧୮।୯(): ସେପ୍ଟେମ୍ବର ୧୯ରେ ଆୟୋଜିତ ହେବାକୁ ଥିବା ୨୦ତମ ରୋଜଗାର ମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥାରେ ନୂତନ ଭାବେ ନିଯୁକ୍ତି ପାଇଥିବା ଯୁବକଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିବେ। ଏହି ଅବସରରେ ସେ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସମ୍ବୋଧିତ କରିବେ।

ଦେଶବ୍ୟାପୀ ଏହି ରୋଜଗାର ମେଳା ୪୫ଟି ସ୍ଥାନରେ ଅନୁଷ୍ଠିତ ହେବ। ନୂତନ ଭାବେ ନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ରାଜସ୍ୱ ବିଭାଗ, ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ।

ଦେଶବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବରେ ଓଡ଼ିଶାରେ ଦୁଇଟି ରୋଜଗାର ମେଳା କଟକ ଏବଂ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଉଭୟ ସ୍ଥାନରେ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଆନୁଷ୍ଠାନିକ ଭାବରେ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ଏବଂ କିଛି ନୂତନ ନିଯୁକ୍ତିପ୍ରାପ୍ତ ପ୍ରାର୍ଥୀ ସରକାରୀ ଚାକିରିରେ ଯୋଗଦେବାର ନିଜର ଅଭିଜ୍ଞତା ସମ୍ପର୍କରେ କହିବେ।

କଟକରେ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରେଭେନ୍ସା କନଭେନ୍ସନ୍ ସେଣ୍ଟରରେ ଏହି ରୋଜଗାର ମେଳା ଅନୁଷ୍ଠିତ ହେବ। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁର ସ୍ଥିତ ରେଳ କୁଟୀର, ଜି-୧୮/୪, ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ଏଥିରେ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ।ଭୁବନେଶ୍ୱର କାର୍ଯ୍ୟକ୍ରମରେ ବିଭିନ୍ନ କେନ୍ଦ୍ରୀୟ ସରକାରୀ ବିଭାଗରୁ ପ୍ରାୟ ୧୬୧ ଜଣ ନବନିଯୁକ୍ତ ପ୍ରାର୍ଥୀ ଅଂଶଗ୍ରହଣ କରିବେ। ଅଂଶଗ୍ରହଣ କରୁଥିବା ବିଭାଗଗୁଡ଼ିକ ମଧ୍ୟରେ ରେଳବାଇ (୩୭), ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ/ଏମ୍ସ (୪୧), ଡାକ ବିଭାଗ (୩୦), ଭୁବନେଶ୍ୱର ସିଜିଏସ୍ଟି (୨୨), ଆୟକର/ସିବିଡିଟି (୧୦), ଇଏସ୍ଆଇସି ଓଡ଼ିଶା (୮), ଜଳ ଶକ୍ତି ମନ୍ତ୍ରଣାଳୟ/କେନ୍ଦ୍ରୀୟ ଭୂଜଳ ବୋର୍ଡ (୪), ଆର୍ଥିକ ସେବା ବିଭାଗ/ଏସ୍ଏଲ୍‌ବିସି (୩), ସିଆଇଏସ୍ଏଫ୍ (୨), ଶିକ୍ଷା ମନ୍ତ୍ରଣାଳୟ (୨), ପ୍ରତିରକ୍ଷା ଲେଖା ବିଭାଗ/ସିଜିଡିଏ (୧), ଏବଂ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (୧) ଅନ୍ତର୍ଭୁକ୍ତ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଭୁବନେଶ୍ୱର କାର୍ଯ୍ୟକ୍ରମରେ ରୋଜଗାର ମେଳାର ଉଦ୍ଦେଶ୍ୟ ଏବଂ ମୁଖ୍ୟ ଦିଗଗୁଡ଼ିକ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ, ଯାହାପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ରହିବ। ଏହାପରେ ମୁଖ୍ୟ ଅତିଥି ନୂତନ ନିଯୁକ୍ତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ ଏବଂ ଶେଷରେ କିଛି ନୂତନ ନିଯୁକ୍ତିପ୍ରାପ୍ତ ବ୍ୟକ୍ତି ସେମାନଙ୍କର ନୂତନ ଦାୟିତ୍ୱ ସମ୍ପର୍କରେ ନିଜର ଅଭିଜ୍ଞତା ଓ ଚିନ୍ତାଧାରା ବାଣ୍ଟିବେ।

# ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ



ଖବର

# ରାବଣ କାହିଁକି ଉଠାଇ ପାରିଲାନି ଶିବ ଧନୁ ?



ରାବଣ ଜଣେ ବଳଶାଳୀ ରାଜା ଥିଲା। ସେ ଶିବଙ୍କ ସହ କୈଳାସ ପର୍ବତକୁ ହାତରେ ଉଠାଇଥିଲା।

ତେବେ ସୀତାଙ୍କ ସ୍ୱୟମ୍ବରରେ ଶିବ ଧନୁ ଉଠାଇ ପାରିନଥିଲା। ସେହି ଧନୁକୁ ଭଗବାନ ଶ୍ରୀରାମ ଉଠାଇ ଗୁଣ ଚଢାଇବା ବେଳେ ତାହା ଭାଙ୍ଗିଯାଇଥିଲା। ତେବେ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେଉଁ ରାବଣ କୈଳାସ ପର୍ବତ ହାତରେ ତୋଳିଧିରଥିଲା ଶିବଧନୁ ଉଠାଇ ପାରିଲାନି କାହିଁ। ତେବେ ଜାଣିବା ଏହି ପ୍ରଶ୍ନର ଉତ୍ତର। ଶିବଙ୍କ ଧନୁ ବହୁତ ଶକ୍ତିଶାଳୀ ଓ ଚମତ୍କାରୀ ଥିଲା। ଶିବଙ୍କ ଧନୁର ଟଙ୍କାରରେ ବାଦଲ ବି ଫାଟିଯାଉଥିଲା। କୁହାଯାଏ ଏହାର ଟଙ୍କାରରେ ହିମାଳୟ ବି କମ୍ପୁଥିଲା। ଏହି ଧନୁରୁ ବାହାରିଥିବା ଗୋଟିଏ ତୀର ତ୍ରିପୁରାସୁରର ୩ଟି ନଗରୀଙ୍କୁ ଧ୍ୱଂସ ହୋଇଯାଇଥିଲା। ଏହି ଧନୁର ନାମ ଥିଲା ପିନାକ। ତେବେ ଦେବୀଦେବତାଙ୍କ ସମୟ ସମାପ୍ତି ପରେ ଧନୁକୁ ଇନ୍ଦ୍ରଙ୍କ ଦାୟିତ୍ୱରେ ଦିଆଯାଇଥିଲା। ତେବେ ଦେବତାମାନେ ଏହି ଧନୁକୁ ଜନକଙ୍କ ପୂର୍ବଜ ତଥା ନିମିଙ୍କ ଜ୍ୟେଷ୍ଠପୁତ୍ର ଦେବରାଜଙ୍କୁ ଦେଇଦେଇଥିଲେ। ପରିବାରର ଉତ୍ତରାଧିକାରରେ ଧନୁଟି ଜନକଙ୍କ ଅଧୀନକୁ ଆସିଥିଲା। ତେବେ ସୀତାଙ୍କ ସ୍ୱୟମ୍ବରରେ ରଖା ଯାଇଥିବା ଧନୁ ଉଠାଇବାକୁ ସର୍ତ୍ତ ଥିଲା। ରାବଣ ବାହୁବଳରେ କୈଳାଶ ପର୍ବତକୁ ହାତରେ ଉଠାଇଥିଲା। ହେଲେ ଅହଂକାର ଯୋଗୁ ଧନୁକୁ ଉଠାଇପାରିନଥିଲା। ସେ ଯେତେ ବଳ ପ୍ରୟୋଗ କରୁଥିଲା ଧନୁ ସେତେ ଭାରି ହୋଇଯାଉଥିଲା। କାରଣ ଥିଲା ଧନୁର ଦୈବୀ ଶକ୍ତି । ଯେତେବେଳେ ଜଣକ ପରେ ଜଣେ ରାଜା ଧନୁ ଉଠାଇ ନ ପାରି ଲଜ୍ଜିତ ହୋଇ ଫେରିଲେ ଗୁରୁ ବିଶ୍ୱାମିତ୍ର ରାମଙ୍କୁ ଧନୁ ଉଠାଇବାକୁ ଆଦେଶ ଦେଲେ। ରାମଚନ୍ଦ୍ର ଜାଣି ଯାଇଥିଲେ ଧନୁର ଐଶ୍ୱରିକ ଶକ୍ତି ରହିଛି। ଏଣୁ ସେହି ଅନୁସାରେ ପ୍ରସ୍ତୁତି କରି ଉଠିଥିଲେ ଧନୁ ଉତ୍ତୋଳନ ଲାଗି। ରାମଚନ୍ଦ୍ର ଧନୁ ନିକଟରେ ପହଞ୍ଚି ପ୍ରଥମେ ପ୍ରଣାମ କରିବା ସହ ଶସ୍ତ୍ରକୁ ସମ୍ମାନ କରିଥିଲେ। ଏହା ଶିବ ଧନୁ ହୋଇଥିବାରୁ ପ୍ରଦକ୍ଷିଣ କରି ନିଜକୁ ଶରଣ କରିଥିଲେ। ଫଳରେ ଧନୁ ଶୁଖିଲା ତୃଣ ଠାରୁ ବି ହାଲୁକା ହୋଇଯାଇଥିଲା। ଯାହାକୁ ମର୍ଯ୍ୟାଦାପୁରୁଷୋତ୍ତମ ଅକ୍ଲେଶରେ ଉଠାଇ ଗୁଣ ଦେବାକୁ ଉଦ୍ୟମ କରନ୍ତେ ପ୍ରକାଣ୍ଡ ଧ୍ୱନି କରି ଭାଙ୍ଗିଯାଇଥିଲା। ରାମଙ୍କ ପୂର୍ବରୁ ସୀତା ମଧ୍ୟ ଧନୁକୁ ଉଠାଇଥିବାର ପୁରାଣ କୁହେ। ଶିବଙ୍କୁ ପ୍ରଣାମ ପୂର୍ବକ ମାତା ସୀତା ଧନୁକୁ ବାମ ହାତରେ ଉଠାଇ ସ୍ଥାନାନ୍ତର କରିଦେଇଥିଲେ। ଏଣୁ ଜନକ ଏହି ଧନୁକୁ ଯିଏ ଉଠାଇବ ତାକୁ କନ୍ୟାଦାନ କରିବେ ବୋଲି ସର୍ତ୍ତ ରଖିଥିଲେ। ସୀତାଙ୍କ ଭଳି ରାମ ମଧ୍ୟ ଧନୁ ଉଠାଇବାକୁ ପ୍ରୟାସ କରି ଏଥିରେ ସଫଳ ହୋଇଥିଲେ।

# ବାସ୍ତୁପୂଜା ସ୍ଥାନରେ ଗୃହ ନିର୍ମାଣ





ଭବନ ନିର୍ମାଣ ପୂର୍ବରୁ ଭୂମିର ଯେଉଁ ସ୍ଥାନରେ ବାସ୍ତୁ ପୂଜା ହୋଇଥାଏ, ସେହି ସ୍ଥାନକୁ ଭବନ ନିର୍ମାଣ ସମୟରେ ବାଦ୍ ଦେବା ଦ୍ୱାରା ଗୃହରେ ଗୁରୁତର ବାସ୍ତୁ ଦୋଷ ସୃଷ୍ଟି ହୋଇଥାଏ । କୌଣସି ପରିସ୍ଥିତିରେ ମଧ ଏପରି ଦୋଷ ଦୂର କରିବାକୁ ଚେଷ୍ଟା କରନ୍ତୁ । ନଚେତ୍ ଗୃହସ୍ଥଙ୍କ ଜୀବନରେ ନାନା ସମସ୍ୟା । ଦେଖାଦେଇଥାଏ । ଭବନର ବ୍ରହ୍ମସ୍ଥାନ ଦୂଷିତ ହେଲେ ଏହାର କୁପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ଏଣୁ ଗୃହର ଡ୍ରେନେଜ୍ ବ୍ୟବସ୍ଥା ବାସ୍ତୁ ଅନୁଯାୟୀ ହେବା ଉଚିତ୍ । ଏଣୁ ବ୍ରହ୍ମସ୍ଥାନ ବା ଦକ୍ଷିଣ-ପଶ୍ଚିମକୋଣକୁ ଛାଡ଼ି ଗାଧୁଆଘରର ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଉଚିତ୍ । ଉତ୍ତର ଦିଗରେ ଏହି ବ୍ୟବସ୍ଥା ହେଲେ ଉତ୍ତମ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇପାରିବ ।

# ଭଗବାନ ଶ୍ରୀକୃଷ୍ଣଙ୍କ ଶଙ୍ଖ

ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୁତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଶବ୍ଦରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଶବ୍ଦ କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କଙ୍କ ଆଶ୍ରମରେ ରଖିଦେଇଯାଇଥିଲେ କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ ଥିବା ମଧ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ



ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

# ଅଙ୍ଗାରେଶ୍ୱର ମହାଦେବ ମନ୍ଦିର



ମଣିଷ ଜୀବନରେ ଅନେକ ସମସ୍ୟା ଲାଗି ରହିଥାଏ । ନିଜ ସମସ୍ୟା ଦୂର କରିବା ପାଇଁ ମଣିଷ ଭଗବାନଙ୍କ ଶରଣରେ ପଶିଥାଏ । ଲୋକମାନଙ୍କର ବିଭିନ୍ନ ସମସ୍ୟା ମଧ୍ୟରୁ ବିବାହ ଦୋଷ ବା ସମସ୍ୟା ଅନ୍ୟତମ । ଏହି ଦୋଷ ଲାଗିଲେ ସେ ପୁଅ ଅବା ଝିଅ ହେଉ ବିବାହରେ ବିଭିନ୍ନ ସମସ୍ୟା ଉପୁଜେ । ଏହି ଦୋଷ ଦୂର କରିବା ପାଇଁ ଲୋକମାନେ ଅନେକ ମନ୍ଦିରକୁ ଯାଆନ୍ତି । କିଛି ଲୋକଙ୍କ ସମସ୍ୟା ଦୂର ହୋଇଥାଏ ତ କିଛି ଲୋକଙ୍କ ସମସ୍ୟା ସମସ୍ୟାରେ ହିଁ ରହିଯାଏ । କାହାରି ଯଦି ଏପରି କିଛି ସମସ୍ୟା ରହିଛି ତେବେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଏ। ଏଥର ଜାଣିବା ଏହି ବିଶେଷ ମନ୍ଦିରରେ ରହିଛି କଣ ଅଲୌକିକତା । ଉଜ୍ଜୟିନୀ ସହର ଯେଉଁଠାରେ ମହାଦେବ ପ୍ରତ୍ୟେକ କୋଣରେ ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ପ୍ରତିଦିନ ଏଠାରେ କିଛି ନା କିଛି ଚମତ୍କାର ଦେଖିବାକୁ ମିଳେ । ଏହି ସହରରେ ଏକ ମନ୍ଦିର ଅଛି, ଯାହା ଅଙ୍ଗାରେଶ୍ୱର ମହାଦେବ ନାମରେ ପ୍ରସିଦ୍ଧ । ଏହି ମନ୍ଦିର ମଙ୍ଗଳନାଥ ମନ୍ଦିର ପଛରେ ଥିବା ଶିପ୍ରା କୂଳରେ ଅବସ୍ଥିତ । ଉଜ୍ଜୟିନୀ ନଗରୀରେ ୮୪ ମହାଦେବଙ୍କ ସମେତ ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ବିଷୟରେ ସ୍କନ୍ଦ ପୁରାଣର ଅବନ୍ତିକା ବିଭାଗରେ ଉଲ୍ଲେଖ କରାଯାଇଛି । ପଣ୍ଡିତ ଯତୀନ ଶର୍ମାଙ୍କ ଅନୁଯାୟୀ ଏହି ମନ୍ଦିରର ଧାର୍ମିକ ମହତ୍ତ୍ୱ ରହିଛି । ବିଶ୍ୱାସ କରାଯାଏ ଯେ କେବଳ ଦର୍ଶନ ମାତ୍ରକେ ମଙ୍ଗଳ ଦୋଷର ପ୍ରଭାବ ଦୂର ହୋଇଯାଏ । ଏହା ବ୍ୟତୀତ ମଙ୍ଗଳବାର ପୂଜା କରିବା ଦ୍ୱାରା କୌଣସି କାର୍ଯ୍ୟରେ ବାଧା ଉପୁଜି ନଥାଏ । ଅଙ୍ଗାରେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଦୀପାବଳି ପରେ ପଡୁଥିବା ମଙ୍ଗଳବାର ବିଶେଷ ଭାବେ ଅନ୍ନକୁଟ ଲଗାଯାଇଥାଏ । ତେଣୁ ଦୂର ଦୂରାନ୍ତରୁ ଭକ୍ତମାନେ ମଙ୍ଗଳବାର ଦର୍ଶନ କରିବାକୁ ଆସିଥାନ୍ତି ଏବଂ ମଙ୍ଗଳ ଗ୍ରହର କୁପ୍ରଭାବରୁ ମୁକ୍ତି ପାଇଥାନ୍ତି ।

**ବିବାହ ଦୋଷ ଦୂର ହୁଏ:**

ଭଗବାନ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତ ପୂଜାର ରହିଛି ବିଶେଷ ମହତ୍ତ୍ୱ । ଏଠାକାର ପଣ୍ଡିତଙ୍କ କହିବା ଅନୁସାରେ ଭାତ ପୂଜା କରିବା ଦ୍ୱାରା କଚେରି ସମସ୍ୟା ମଧ୍ୟ ସମାଧାନ ହୋଇଯାଏ । ଏହା ବ୍ୟତୀତ ସମ୍ପତ୍ତି ସମ୍ବନ୍ଧୀୟ କାର୍ଯ୍ୟରେ ମଧ୍ୟ ସଫଳତା ମିଳିଥାଏ । ନେତାମାନେ ମଧ୍ୟ ନିୟମିତ ଭାବେ ଅଙ୍ଗାରେଶ୍ୱର ମନ୍ଦିରରେ ପୂଜା କରିବାକୁ ଆସନ୍ତି । ଶୁଭ କାର୍ଯ୍ୟକଳାପରେ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ଲୋକମାନେ ମଧ୍ୟ ପୂଜା କରିବାକୁ ଆସନ୍ତି । ବିଶ୍ୱାସ କରାଯାଏ ଯେ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତପୂଜା କରିବା ଦ୍ୱାରା ବିବାହର ଦୋଷ ଦୂର ହୋଇଥାଏ ।

**ସିନ୍ଦୂରରେ ହୋଇଥାଏ ଶୃଙ୍ଗାର:**

ସିନ୍ଦୂର ଦ୍ୱାରା ଶୃଙ୍ଗାର କରାଯାଇଥିବା ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ଶିପ୍ରା ନଦୀ କୂଳରେ ଅବସ୍ଥିତ । ପୁରାଣ ମାନ୍ୟତା ଅନୁସାରେ ମଙ୍ଗଳ ଗ୍ରହର ଜନ୍ମସ୍ଥାନ ହେଉଛି ଉଜ୍ଜୟିନୀ । ଏବଂ ଅଙ୍ଗାରେଶ୍ୱର ମହାଦେବ ହିଁ ଭୂମିପୁତ୍ର ମଙ୍ଗଳ । ଏଣୁ ଅଙ୍ଗାରେଶ୍ୱର ମହାଦେବଙ୍କୁ ମଙ୍ଗଳ ଦେବ ମଧ୍ୟ କୁହାଯାଏ । ମଙ୍ଗଳ ଗ୍ରହର ଶାନ୍ତି ପାଇଁ ଅଙ୍ଗାରେଶ୍ୱର ମହାଦେବଙ୍କ ସ୍ୱତନ୍ତ୍ର ପୂଜା କରାଯାଏ ଏବଂ ଏହା ଲାଭଦାୟକ ମଧ୍ୟ ହୋଇଥାଏ ।

# ଓଁ ଧ୍ୱନିରେ ଲୁଚି ରହିଛି ବିଶ୍ୱ ବ୍ରହ୍ମାଣ୍ଡ

ଓଁ ଧ୍ୱନି ସାରା ବିଶ୍ୱରେ ଗୁଞ୍ଜରଣ ହୋଇଥାଏ । ସେଥିପାଇଁ ଓଁ ଉଚ୍ଚାରଣ ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଏହି ଧ୍ୱନି ମନୁଷ୍ୟର ଶ୍ରବଣ କ୍ଷମତାଠାରୁ ବହୁ ଊର୍ଦ୍ଧ୍ୱରେ । କିନ୍ତୁ ଯେଉଁମାନେ ସାଧନା କରିବାକୁ ଚାହିଁଥାନ୍ତି ସେମାନେ ଏହି ଚମତ୍କାରୀ ଧ୍ୱନିକୁ ଶୁଣି ପାରନ୍ତି । ତିନିଟି ଅକ୍ଷର ଅ, ଉ ଏବଂ ମ୍ କୁ ମିଶାଇ ହୋଇଛି ଓଁ । ଓଁ ଈଶ୍ୱରଙ୍କର ୩ଟି ସ୍ୱରୂପ ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କ ସଂଯୁକ୍ତ ରୂପ । ଓଁରେ ହିଁ ସୃଷ୍ଟି, ପାଳନ ଏବଂ ବିନାଶ । ଓଁ ମନ୍ତ୍ରର ସଠିକ ପ୍ରୟୋଗ ଦ୍ୱାରା ଜୀବନର ସବୁ ସମସ୍ୟା ଦୂର କରାଯାଇପାରେ । ଓଁର ସଠିକ ଉଚ୍ଚାରଣ ଦ୍ୱାରା



ଈଶ୍ୱରଙ୍କ ନିକଟ ହୋଇପାରିବେ । ଓଁ ଧ୍ୱନି ଏତେ ପବିତ୍ର ଯେ ମୁନିଋଷି ପ୍ରତ୍ୟେକ ମନ୍ତ୍ର ପୂର୍ବରୁ ଓଁ ଯୋଡି ଦେଇଛନ୍ତି । ଓଁ ସହ ଜଡିତ ହେବାପରେ ମନ୍ତ୍ରର ଶକ୍ତି ଅନେକ ଗୁଣ ବୃଦ୍ଧି ପାଇଥାଏ ବୋଲି କୁହାଯାଏ । କିନ୍ତୁ ଓଁ ମନ୍ତ୍ର ଉଚ୍ଚାରଣର ମଧ କିଛି ନିୟମ ରହିଛି । ଉଚ୍ଚାରଣ ସମୟରେ ଏହି ନିୟମ ପାଳନ କରିବା ଉଚିତ । ଓଁ ଉଚ୍ଚାରଣ ବ୍ରହ୍ମ ମୁହୂର୍ତ୍ତରେ କିମ୍ବା ସଂଧ୍ୟା ସମୟରେ କରିବା ଉଚିତ । ମନ୍ତ୍ରର ସଠିକ ଲାଭ ପାଇବା ପାଇଁ ଏହାର ସଠିକ ଉଚ୍ଚାରଣ ପଦ୍ଧତି ଶିଖିବା ଆବଶ୍ୟକ। ଓଁ ଉଚ୍ଚାରଣ ସମୟରେ ମେରୁଦଣ୍ଡ ସିଧା ରହିବା ଉଚିତ । ଉଚ୍ଚାରଣ ପୂରା କରିବାର ୧୦ ମିନିଟ ଯାଏଁ ଜଳ ସ୍ପର୍ଶ କରିବା ଉଚିତ ନୁହେଁ । ଡାହାଣ ହାତରେ ତୁଳସୀ ପତ୍ର ନେଇ ୧୦୮ ଥର ଓଁ ଉଚ୍ଚାରଣ କରନ୍ତୁ । ଉଚ୍ଚାରଣ ପରେ ତୁଳସୀ ପତ୍ରକୁ ପିଇବା ପାଣିରେ ପକାଇ ଏହି ପାଣିକୁ ପିଅନ୍ତୁ । ଏହି ସମୟରେ ତାମସିକ ଆହାର ନ କରିବା ଉଚିତ । ଏହାଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟର ବରଦାନ ମିଳିଥାଏ । ଘରର ମୁଖ୍ୟଦ୍ୱାରର ଉଭୟ ପାର୍ଶ୍ୱରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ । ମୁଖ୍ୟ ଦ୍ୱାର ଉପରେ ଓଁ ଲେଖନ୍ତୁ । ଏହି ପ୍ରୟୋଗ ମଙ୍ଗଳବାର ଅପରାହ୍ନରେ କରିବା ଶୁଭ ହୋଇଥାଏ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ ।

# ଖୁବ୍ ଶୀଘ୍ର ପୂରଣ ହେବ ପାଣ୍ଡରା ଆଧୁନିକ ହୋଲସେଲ୍ ମାଛ ବଜାର କାର୍ଯ୍ୟ:ଅପରାଜିତା

ଭୁବନେଶ୍ୱର, ୧୮।୯(ମହାଭାରତ): ଭୁବନେଶ୍ୱରର ମାଛ ବଜାରରେ ଆଉ ରହିବ ନାହିଁ ପୂତି ଗନ୍ଧମୟ ପରିବେଶ। ଦୂର ହେବ ୟୁନିଟ୍-୪ ର ମାଛ ବଜାରରେ ଦେଖାଯାଉଥିବା ଭିଡ ଓ ଟ୍ରାଫିକ ସମସ୍ୟା। ଆସନ୍ତା ୨୦୨୮ ମାର୍ଚ୍ଚ ଶେଷ ସୁଦ୍ଧା ପାଣ୍ଡରା ଠାରେ ପ୍ରାୟ ୫.୪ ଏକର ଜମିରେ ପାଖାପାଖି ୫୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ



ନିର୍ମାଣ କରାଯାଉଥିବା ଅତ୍ୟାଧୁନିକ ମାଛ ବଜାର କାର୍ଯ୍ୟ ସମ୍ପନ୍ନ ହେବ। ଯେଉଁ ବଜାର ରେ ନିର୍ମିତ ହେଉଛି ୪୦ଟି ହୋଲସେଲ କାଉଂଟର ସମେତ ୧୦୦ଟି ପିଣ୍ଡି। ଆଜି ଉତ୍ତର ଭୁବନେଶ୍ୱରର ପାଣ୍ଡରା ଠାରେ ନିର୍ମାଣାଧୀନ ଆଧୁନିକ ହୋଲସେଲ୍ ମାଛ ବଜାର ପ୍ରକଳ୍ପର ସ୍ଥଳ ପରିଦର୍ଶନ କରିବା ପରେ ଏଭଳି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଅଂଚଳ ପରିଦର୍ଶନ ପରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧୀରେ ଧୀରେ ଆକାର ନେଉଥିବା ଦେଖିବା ନିଶ୍ଚିତ ଭାବେ ଏକ ସ୍ୱପ୍ନ ସାକାର ହେବାର ଅନୁଭୂତି ଦେଉଛି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ।

ଏଠାରେ ସୂଚନା ଯୋଗ୍ୟ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ସ୍ୱପ୍ନର ପ୍ରକଳ୍ପ ଭାବରେ ତାଙ୍କର ଲଗାତାର ପ୍ରୟାସ ପରେ ବି.ଏମ୍.ସି ଦ୍ୱାରା ଏହି ପ୍ରକଳ୍ପର ଟେଣ୍ଡର କରାଯାଇ ଗତ ଏପ୍ରିଲ ୨୦୨୬ ମସିହାରୁ ସାଇଟ୍ ହସ୍ତାନ୍ତର କରାଯାଇଛି। ଏପରିକି ସାଂସଦଙ୍କ ପ୍ରତ୍ୟକ୍ଷ ପ୍ରୟାସ ରେ ବି.ଏମ୍.ସି ପକ୍ଷରୁ ମାମଲା ମୁକ୍ତ ବା ଲିଟିଗେଶନ ଫ୍ରି ଜମି ହସ୍ତାନ୍ତର କାର୍ଯ୍ୟ ସମ୍ପନ୍ନ ହୋଇଛି ।ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ଆଧୁନିକ ହୋଲସେଲ୍ ଓ ରିଟେଲ୍ ମାଛ ବଜାର ପ୍ରତିଷ୍ଠା କରିବା ସହିତ ୟୁନିଟ୍-୪ ମାଛ ବଜାରରେ ବର୍ତ୍ତମାନ ଦେଖାଦେଉଥିବା ଭିଡ଼ ଓ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା।

ଏହି ପରିଦର୍ଶନ ସମୟରେ ସାଂସଦ ଙ୍କ ସହ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର , ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ବିଏମସି ଅଧିକାରୀମାନଙ୍କ ସହିତ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିବା ସହ ପାଣ୍ଡରା ଗ୍ରାମବାସୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ୩୧ ମାର୍ଚ୍ଚ ୨୦୨୮ ମଧ୍ୟରେ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି ସାଂସଦ।ଏଥିସହିତ ପ୍ରକଳ୍ପଟିକୁ ନିର୍ଦ୍ଧାରିତ ସମୟରେ ଏବଂ ଉଚ୍ଚମାନର ସହ ସମ୍ପୂର୍ଣ୍ଣ ହେବା ନିଶ୍ଚିତ କରିବା ପାଇଁ ଏହାର ଅଗ୍ରଗତିକୁ ନିଜେ ନିୟମିତ ଭାବେ ନିକଟରୁ ତଦାରଖ କରିବେ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସହଯୋଗୀମାନଙ୍କୁ ମଧ୍ୟ ଆନ୍ତରିକ କୃତଜ୍ଞତା ଜଣାଇବା ସହିତ ଭୁବନେଶ୍ୱରବାସୀଙ୍କ ପାଇଁ ଏକ ଆଧୁନିକ, ସୁସଂଗଠିତ ଏବଂ ସୁଚାରୁ ଭାବେ ପରିଚାଳିତ ମାଛ ବଜାର ନିର୍ମାଣ ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି ସାଂସଦ।ଏହା ମାଧ୍ୟମରେ ମାଛ ବ୍ୟବସାୟୀମାନଙ୍କ ପାଇଁ ଉନ୍ନତ ଓ ସୁବିଧାଜନକ ବ୍ୟବସ୍ଥା ସୃଷ୍ଟି ହେବ।ଆଜିର ସ୍ଥଳ ପରିଦର୍ଶନ ସମୟରେ ବିଏମସିର ସିଟି ଇଞ୍ଜିନିୟର, ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର, ବିଏମସି ଡେପୁଟି କମିଶନର, ଜୋନାଲ୍ ଡେପୁଟି କମିଶନର (ନର୍ଥ ଜୋନ୍)ଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ ମାନନୀୟା ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରଣୟ କରଣଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ଭୁବନେଶ୍ୱର ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,୧୮।୯(ମହାଭାରତ): : ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନର୍ବିକାଶ କାର୍ଯ୍ୟର ନିରୀକ୍ଷଣ କରିବା ସହିତ ବିଭିନ୍ନ ଭିତ୍ତିଭୂମି ବିକାଶ ଓ ଯାତ୍ରୀ ସୁବିଧା ସମ୍ପର୍କିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି।

ଏହି ନିରୀକ୍ଷଣ ସମୟରେ, ମହାପ୍ରବନ୍ଧକ ଷ୍ଟେସନର କନକୋର୍ସ ଏରିଆ, ପ୍ଲାଟଫର୍ମ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ପରିଦର୍ଶନ କରିବାସହ ଚାଲିଥିବା କାର୍ଯ୍ୟର ତଦାରଖ କରିଥିଲେ। କାର୍ଯ୍ୟନ୍ୱୟନକାରୀ ସଂସ୍ଥାଗୁଡ଼ିକର ପ୍ରତିନିଧି ଏବଂ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ସହିତ ଗୁଣବତ୍ତା, ସୁରକ୍ଷା ଓ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ ଦେଇ ପ୍ରଗତିର ସମୀକ୍ଷା କରିଥିଲେ।



ପୁନର୍ବିକାଶ କାର୍ଯ୍ୟ ଚାଲିଥିବା ସମୟରେ ଯାତ୍ରୀମାନଙ୍କୁ ଯେପରି କୌଣସି ଅସୁବିଧା ନହୁଏ ଏବଂ ଷ୍ଟେସନରେ ଯାତ୍ରୀମାନଙ୍କ ଯାତାୟାତ ସୁଗମ ରହେ, ସେଥିପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।ଭୁବନେଶ୍ୱର ରେଳ ଷ୍ଟେସନର ପୁନର୍ବିକାଶର ମୁଖ୍ୟ ଲକ୍ଷ୍ୟ ହେଉଛି ଏହାକୁ ଏକ ଆଧୁନିକ, ଯାତ୍ରୀ ଅନୁକୂଳ ଏବଂ ଦକ୍ଷ ପରିବହନ କେନ୍ଦ୍ରରେ ରୂପାନ୍ତରିତ କରିବା, ଯେଉଁଥିରେ ଯାତ୍ରୀଙ୍କ ସୁଗମ ଚଳପ୍ରଚଳ, ଉନ୍ନତ ପ୍ଲାଟଫର୍ମ ସୁବିଧା ଏବଂ ବର୍ଦ୍ଧିତ ଆନୁଷଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ ହେବ।

# ଅକ୍ଟୋବରରେ ଓଡ଼ିଶା ଆସିପାରନ୍ତି ରାହୁଲ ଗାନ୍ଧି: ଭକ୍ତ

ଭୁବନେଶ୍ୱର, ୧୮।୯(ମହାଭାରତ): ଅକ୍ଟୋବରରେ ଓଡ଼ିଶା ଆସିପାରନ୍ତି ରାହୁଲ ଗାନ୍ଧି । ଛାତ୍ରୋଁ କି ଗୁଞ୍ଜ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଓଡ଼ିଶା ଆସିବେ । ଏନେଇ ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ରାହୁଲଙ୍କ ସହ କଂଗ୍ରେସର ଅନ୍ୟ ନେତା ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହେବେ ।କଂଗ୍ରେସ ଭବନଠାରେ ବିଭିନ୍ନ ଗଣମାଧ୍ୟମଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ,ଏହି ସରକାର କୌଣସି ବିଷୟରେ ଗମ୍ଭୀର ନୁହଁନ୍ତି, ଶିଳ୍ପପତିଙ୍କ ଚାରିପଟେ ସରକାର ଘୁରୁଛି, ଖାଉଟିଙ୍କ ସ୍ୱାର୍ଥ ପାଇଁ କୌଣସି ଯୋଜନା ନାହିଁ। ଦରବୃଦ୍ଧି ୯.୮ ହେଲାଣି, ଲୋକେ ବଂଚିବେ କିପରି ? ଦରଦାମ ବୃଦ୍ଧି ଯୋଗୁଁ ଲୋକେ କିଣିପାରୁ ନାହାନ୍ତି, ଏପରିକି ପନିପରିବା ମଧ୍ୟ ଅତ୍ୟଧିକ ଦରବୃଦ୍ଧି ଯୋଗୁଁ ସାଧାରଣ ଖାଉଟି କ୍ରୟ କରିବାକୁ ଅକ୍ଷମ କ୍ଷ ଜନତା ଅତ୍ୟଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ଡକୁମେଂଟସ୍ ସରକାର ଦେଖାଉ ନାହାନ୍ତି। ଆଜି ପର୍ଯ୍ୟନ୍ତ ଗୋଟିଏ ମଧ୍ୟ ୱେରହାଉସ୍ କରିପାରିଲେ ନାହିଁ ଯେଉଁଠି ଆମ କୃଷି ଉତ୍ପାଦିତ ଦ୍ରବ୍ୟ ସାଇତି ରଖାହେବ। କେଉଁ ଉତ୍ପାଦିତ ଦ୍ରବ୍ୟ କେତେ ଉତ୍ପାଦିତ ହେଉଛି ତାର ପରିମାଣ ମଧ୍ୟ ଜାଣି ନାହାନ୍ତି କ୍ଷ ପ୍ରକୃତରେ ସରକାରଙ୍କ ହାତରେ ମୂଲ୍ୟ ନିୟନ୍ତ୍ରଣ ନାହିଁ, କାରଣ ଏମାନଙ୍କୁ ଶାସନ କରିବା ଜଣା ନାହିଁ, ବର୍ତ୍ତମାନର ସରକାର ଗମ୍ଭୀରହୀନ ବ୍ୟକ୍ତି ବିଶେଷଙ୍କ ଏକ ସମାହାର, ଜଣେ ସଦସ୍ୟ ମଧ୍ୟ ଗମ୍ଭୀର ନୁହଁନ୍ତି କ୍ଷ ସମସ୍ତ ସରକାରୀ ଅଫିସ୍ ଓ ଲାଇନ୍ ଅଫିସ ମାନଙ୍କୁ ବିଜେପି ନେତାଙ୍କ ପ୍ରାଦୁର୍ଭାବ ଦେଖାଦେଇଛି।

କର୍ଣ୍ଣାଟକ ଓ ଓଡ଼ିଶାର ରାଜନୀତି ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଆମେ ନାରୀ ନ୍ୟାୟ, ସମ୍ବିଧାନ ବଂଚାଅ, ଖଣି ଆନ୍ଦୋଳନ କରିଛୁ। ଆମ ଜିଲ୍ଲା ଓ ବ୍ଲକ୍ କମିଟି ଗଠିତ ହୋଇଛି, ଅଳ୍ପ କିଛି ବାକି ଅଛି। ସମ୍ପୂର୍ଣ୍ଣ ହେଲେ, ଏହାର ବ୍ୟାପକ ସ୍ୱରୂପ ରାଜରାସ୍ତାରେ ଦେଖାଯିବ କ୍ଷ କଂଗ୍ରେସ କାର୍ଯ୍ୟକର୍ତ୍ତା ଟ୍ରେନିଂ ପ୍ରୋଗ୍ରାମ କରାଯିବ, ପରେ ବିରାଟ ସମାବେଶ ଗୁଡ଼ିକ ହେବ, ଅକ୍ଟୋବରରୁ ଆରମ୍ଭ ହୋଇ ଜାନୁଆରୀ ଫେବୃଆରୀ ପର୍ଯ୍ୟନ୍ତ ଆମର କାର୍ଯ୍ୟକ୍ରମ ଚାଲିବ। ଏହି କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ସଂଗଠନ ସଚିବ କେସି ବେନୁଗୋପାଲ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଆସିବାର କାର୍ଯ୍ୟକ୍ରମ ରହିଛି, ଜେନ-ଜୀ ସଭା ଗୁଡ଼ିକ ମଧ୍ୟ ଆୟୋଜନ କରାଯିବ କ୍ଷ ଗୋଟିଏ ଗୋଟିଏ ବ୍ଲକରେ ଅନ୍ୟୁନ ୫ କିଲୋମିଟର ପଦଯାତ୍ରା ହେବ। ବିଭିନ୍ନ ସମସ୍ୟା ଉତ୍ଥାପନ କରାଯିବା ସହ କର୍ମୀଙ୍କ ସହ ମିଶିକି କଂଗ୍ରେସକୁ ତୃଣମୂଳ ସ୍ତରରେ ମଜବୁତ କରାଯିବ କ୍ଷ ଓଡ଼ିଶାରେ ଛାତ୍ର କି ଗୁଞ୍ଜ କାର୍ଯ୍ୟକ୍ରମ କଂଗ୍ରେସ କରିବ। ଶ୍ରୀ ଦାସ କହିଥିଲେ, ଏମଏମଡିଆର ବିଷୟରେ ସରକାରଙ୍କୁ ଆଲୋଚନା କରିବା ପାଇଁ ଖୋଲା ଚାଲେଞ୍ଜ କରିଥିଲି, କିନ୍ତୁ ସେମାନେ ଆସିଲେନି। କଂଗ୍ରେସ ଜନତାଙ୍କୁ ବିଭ୍ରାନ୍ତ କରୁନାହିଁ। ପ୍ରକୃତରେ ସରକାର ମିଛ କହୁଛନ୍ତି, ତେଣୁ ବିତର୍କକୁ ଆସୁ ନାହାନ୍ତି କ୍ଷ ସରକାର ଖର୍ଚ୍ଚ କରିବା ପାଇଁ ତାଙ୍କ ପାଖରେ ମାନବ ସମ୍ବଳ ଓ ବୈଷୟିକ ସମ୍ବଳ ନାହିଁ। ତେଣୁ ଖର୍ଚ୍ଚ କରିପାରୁ ନାହାନ୍ତି। କେନ୍ଦ୍ର ଯେତେ ଅନୁଦାନ ଦେଲେ କଣ ହେବ ?

# ଭୁବନେଶ୍ୱର ମହାନଗର ନିଗମ ୫୫ ନମ୍ବର ୱାର୍ଡରେ ଓଜେସିର ସାଂଗଠନିକ ବୈଠକ

ଭୁବନେଶ୍ୱର, ୧୮।୯(ମହାଭାରତ):ଆଗାମୀ ପୌର ନିର୍ବାଚନକୁ ଓଡ଼ିଶା ଜନତା କଂଗ୍ରେସ ଗୁରୁତର ସହ ନେଉଥିବା ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସାଂଗଠନିକ ଶକ୍ତିବୃଦ୍ଧି ନିମନ୍ତେ ଓଜେସି ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବିଏମସିର ବିଭିନ୍ନ ୱାର୍ଡରେ ସାଂଗଠନିକ ବୈଠକ ଆୟୋଜନ କରାଯାଇ ଏଥିରେ ନିଜେ ମହମ୍ମଦ ମୋକିମ୍ ଉପସ୍ଥିତ ମଧ୍ୟ ରହୁଛନ୍ତି। ଏହି କ୍ରମରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ୫୫ ନମ୍ବର ୱାର୍ଡରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଅଛି । ଦଳର ଯୁବନେତା ଆଦିତ୍ୟ ମିଶ୍ରଙ୍କ ସଂଯୋଜନାରେ ସ୍ଥାନୀୟ ନାଗେଶ୍ୱର ଟାଙ୍ଗୀ ଅଂଚଳରେ ଏକ ବୈଠକରେ ମୁଖ୍ୟ ଅତିଥି ଭାବେ ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ଯୋଗ ଦେଇଥିଲେ । ସେ ସ୍ଥାନୀୟ କର୍ମକର୍ତ୍ତା ମାନଙ୍କ ସହିତ ୱାର୍ଡର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଲୋକମାନେ ପିଇବା ପାଣି ଭଳି ମୌଳିକ ସୁବିଧାରୁ ମଧ୍ୟ ବଂଚିତ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ରାସ୍ତାଘାଟ ଠାରୁ ଆରମ୍ଭ କରି ନାଳନର୍ଦ୍ଦମା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ବିଏମସି କର୍ତ୍ତୃପକ୍ଷ ଓ ସ୍ଥାନୀୟ ନେତୃତ୍ୱ ବିଫଳ ହୋଇଥିବା ସେ କହିଥିଲେ । ଓଜେସି ସାଧାରଣ ଲୋକଙ୍କ ଦଳ ଭାବେ ଭୁବନେଶ୍ୱରବାସୀଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ସ୍ୱର ହେବ ବୋଲି ସେ ଅଭିଭାଷଣ ରଖିଥିଲେ ।

ଦଳ ପକ୍ଷରୁ ଭୁବନେଶ୍ୱର ଜିଲ୍ଲା ସଭାପତି ବଦ୍ରି ନାରାୟଣ ମହାନ୍ତି, ଉପସଭାପତି ପ୍ରଦୀପ ପ୍ରଧାନ, ନଯିବୁର ରେହମାନ ଖାନ, ମହିଳା ଜନତା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, କୃଷକ ଜନତା କଂଗ୍ରେସ ସଭାପତି ସଂଗ୍ରାମ କିଶୋର ମାଝୀ, ସାଧାରଣ ସମ୍ପାଦକ ସୋମନାଥ ରାଉତ, ସମ୍ପାଦିକା ସୋନାଲି ମହାପାତ୍ର, ସୀତା ସାହୁ ଓ ସସ୍ମିତା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ୫୫ ନମ୍ବର ୱାର୍ଡ ଅଂଚଳରେ ଓଜେସିର ସାଂଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ବକ୍ତବ୍ୟ ରଖିଥିଲେ । ସ୍ଥାନୀୟ ଅଂଚଳର ଅଶୋକ ଭୋଇ, ଗୀତାଞ୍ଜଳୀ ଦେବୀ, ସ୍ୱର୍ଣ୍ଣପ୍ରଭା ଦେବୀ, ରାଜେଶ ନାୟକ, ଗଣେଶ ବାବୁ, ଜଗୁ ନାୟକ, ସୁଶାନ୍ତ ଭୋଇ, ବନୀତା ଭୋଇ ଓ କବିତା ବେହେରା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

# ବାର୍ଦ୍ଧକ୍ୟ ଭତ୍ତା ମିଳିବାରେ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କଲା ବିଜେଡି

ଭୁବନେଶ୍ୱର,୧୮।୯(ମହାଭାରତ): ରାଜ୍ୟରେ ସାମାଜିକ ସୁରକ୍ଷା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ବାର୍ଦ୍ଧକ୍ୟ ଭତ୍ତା ବିଳମ୍ବ ଯୋଗୁ ଏହାର ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ରାଜ୍ୟ ସରକାର ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି, ଗତ ମାର୍ଚ୍ଚ ମାସରୁ ଚଳିତ ସେପ୍ଟେମ୍ବର ମାସ ଭିତରେ, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ ଦେଖାଦେଇଛି, ଯେଉଁଥିପାଇଁ ଏହାର ହିତାଧିକାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ଏପ୍ରିଲ ମାସରୁ ଜୁନ ମାସ ପର୍ଯ୍ୟନ୍ତ ପ୍ରାୟ ୨୦ ଲକ୍ଷ ହିତାଧିକାରୀ ସେମାନଙ୍କର ୧୦୦୦ ଟଙ୍କାର ମାସିକ ଭତ୍ତା ପାଇ ନଥିଲେ । ସେହି ସମୟରେ ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା ।

ଏହାର ଉତ୍ତରରେ ରାଜ୍ୟ ସରକାରଙ୍କ ତରଫରୁ ବୈଷୟିକ ବା ସଫ୍ଟୱେୟାର ତ୍ରୁଟି ଯୋଗୁ ଏହି ଭତ୍ତା ପ୍ରଦାନରେ ବିଳମ୍ବ ହେଉଛି ବୋଲି କୁହାଯାଇଥିଲା । ଏହି ତ୍ରୁଟିକୁ ସୁଧାରିବା ପରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସ୍ୱାଭାବିକ ହୋଇଛି ବୋଲି ସରକାରଙ୍କ ତରଫରୁ ଦାବି ହୋଇଥିଲେ ହେଁ ଏବେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ଠିକ ସମୟରେ ମିଳୁ ନାହିଁ ବୋଲି ରାଜ୍ୟର ବିଭିନ୍ନ ଜାଗାରୁ ଖବର ଆସୁଛି । ଉଲ୍ଲେଖଯୋଗ୍ୟ ଯେ, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଔଷଧ ଓ ନିତ୍ୟ ଆବଶ୍ୟକୀୟ ଜିନିଷ କିଣିବା ପାଇଁ ବ୍ୟବହାର କରିଥାନ୍ତି ଓ ଏହା ମିଳିବାରେ ବିଳମ୍ବ ହେଲେ ସେମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ।

ଡ. ମହାନ୍ତି କହିଛନ୍ତି, ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ତାଲିକାରେ ଯୋଡି ହେବା ପାଇଁ ରାଜ୍ୟରେ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ଦରଖାସ୍ତ ସରକାରଙ୍କ ନିକଟରେ ପଡ଼ି ରହିଛି । କିନ୍ତୁ, ଏମାନଙ୍କୁ ତାଲିକାରେ ଯୋଡ଼ା ଯାଉ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ତାଲିକାରୁ ମୃତ ବ୍ୟକ୍ତି ମାନଙ୍କୁ ବାଦ ଦେବା ଓ ନୂତନ ଯୋଗ୍ୟ ବ୍ୟକ୍ତିଙ୍କୁ ଯୋଡିବା ଏକ ନିୟମିତ ପ୍ରକ୍ରିୟା, ଯାହାକୁ ବିଜେପି ସରକାର ଜାଣିଶୁଣି କାର୍ଯ୍ୟକାରୀ କରୁନାହାନ୍ତି । ବିଜେପି ତାର ନିର୍ବାଚନ ଇସ୍ତାହାରରେ, ବାର୍ଦ୍ଧକ୍ୟ ଭତ୍ତାକୁ ୧୦୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ସରକାରକୁ ଆସିବା ପରେ ବିଜେପି ଏହା ଭୁଲି ଯାଇଛି । ହିତାଧିକାରୀ ମାନଙ୍କ ଭତ୍ତା ବୃଦ୍ଧି କରିବା ଦୂରର କଥା ସେମାନଙ୍କୁ ନିୟମିତ ଭାବରେ ଭତ୍ତା ପ୍ରଦାନ କରାଯାଉ ନାହିଁ । ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ସହିତ ସେମାନେ କିପରି ଠିକ ସମୟରେ ବାର୍ଦ୍ଧକ୍ୟ ଭତ୍ତା ପାଇବେ ସେ ବ୍ୟବସ୍ଥା କରିବା ସହିତ ନୂତନ ହିତାଧିକାରୀ ମାନଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରିବା ପାଇଁ ବିଜେଡି ଦାବି କରୁଛି ବୋଲି ଡ. ମହାନ୍ତି କହିଛନ୍ତି ।

# ସମ୍ବଲପୁରରେ ନୂଆଁଖାଇ ପାଳିଲେ ସାଂସଦ

## ନୂଆଁଖାଇରେ 'ନବାନ୍ନ'ରୁ ଆଗାମୀ ପିଢ଼ିର 'ପୋଷଣ' ଦାୟିତ୍ୱ ନେବା : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୮।୯(ମହାଭାରତ): ସମ୍ବଲପୁର ଗସ୍ତରେ ଥିବା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର 'ନୂଆଁଖାଇ-୨୦୨୬' ଅବସରରେ ନିଜ ସଂସଦୀୟ କ୍ଷେତ୍ରରେ ନବାନ୍ନ ସେବନ କରି ଏହି ଗଣପର୍ବକୁ ପାଳନ କରିବା ସହ ନବାନ୍ନରୁ ଆଗାମୀ ପିଢ଼ିର ପୋଷଣ ଦାୟିତ୍ୱ ନେବା ପାଇଁ ଆହ୍ୱାନ ଦେଇଛନ୍ତି ।

ଶ୍ରୀ ପ୍ରଧାନ ଆଜି ପ୍ରଥମେ ସମ୍ବଲପୁରର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ବାସଭବନରେ ପହଂଚି ପରିବାର ସଦସ୍ୟଙ୍କ ସହ ଏକାଠି ବସି 'ନବାନ୍ନ' ଗ୍ରହଣ କରିଥିଲେ । ପରେ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପରିସରରେ ଦେଶ-ବିଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ରଙ୍ଗବତୀ ଫୋରମର ସଦସ୍ୟ, ବୁଦ୍ଧିଜୀବୀ ଏବଂ ସାମ୍ବାଦିକ ବନ୍ଧୁମାନଙ୍କ ସହ 'ନବାନ୍ନ' ସେବନ କରିଥିଲେ । ନବାନ୍ନ ଗ୍ରହଣ ପରେ ଶ୍ରୀ ପ୍ରଧାନ 'ରଙ୍ଗବତୀ ଫୋରମ୍' ଦ୍ୱାରା ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ସାମିଲ ହୋଇ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମଣ୍ଡଳୀଙ୍କ ସହ ନୂଆଁଖାଇର ମହତ୍ତ୍ୱ, ସରସତିଆ ଓ ସ୍ଥାନୀୟ ସମ୍ଭାବନା ଉପରେ ଅଭିଭାଷଣ ରଖିଥିଲେ । ସମ୍ବଲପୁର ଜିଲ୍ଲା ସମେତ ଆଖପାଖ ଅଂଚଳର କଳା, ସଂସ୍କୃତି ଓ ପର୍ଯ୍ୟଟନକୁ ଅନୁଭବ କରିବା ସହ ସେ ବିଷୟରେ ଜାଣିବା ଏବଂ ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ 'ମାରୱାଡ଼ି ଯୁବା ମଂଚ', ଓଡ଼ିଶା ସାଂସ୍କୃତିକ ସମାଜ ସମେତ ଅନେକ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ଆୟୋଜିତ 'ନୂଆଁଖାଇ ଭେଟଘାଟ୍-୨୦୨୬' କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ ।

ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ନୂଆଁଖାଇ କେବଳ ଏକ ପର୍ବ ନୁହେଁ ; ଏହା ଆମ ସଂସ୍କୃତିର ପ୍ରତୀକ ଏବଂ ସଂସ୍କାରର ଅବିଚ୍ଛେଦ୍ୟ ଅଙ୍ଗ । ନୂଆଁଖାଇ ହେଉଛି ପାରସ୍ପରିକ ସ୍ନେହ, ଶ୍ରଦ୍ଧା ଏବଂ ସମ୍ମାନର ଏକ ଅନନ୍ୟ ମହାମିଳନ । ଏହି ଦିନ ଦେଶ-ବିଦେଶରେ ରହୁଥିବା ଆମର ଭାଇ-ଭଉଣୀମାନେ ନିଜ ମାଟିକୁ, ନିଜ ଗାଁକୁ ଫେରିଆସନ୍ତି । ସମସ୍ତେ ଏକାଠି ବସି ମା' ସମଲେଶ୍ୱରୀ, ମା' ପାଟଣେଶ୍ୱରୀ, ମା' ସୁରେଶ୍ୱରୀ ଏବଂ ଇଷ୍ଟଦେବୀଙ୍କ ନିକଟରେ ଲାଗି ହୋଇଥିବା ପ୍ରଥମ ଶସ୍ୟ 'ନବାନ୍ନ' ଗ୍ରହଣ କରନ୍ତି । ଏହି ସାମାଜିକ ବନ୍ଧନ ଓ ପରିବାରର ପ୍ରଥା ହିଁ ଆମ ଓଡ଼ିଆ ସଂସ୍କୃତିର ପ୍ରକୃତ ଶକ୍ତି । ଅନାଦି ଅନନ୍ତ କାଳରୁ ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମଧ୍ୟ ନବାନ୍ନ ଭୋଗ ଲାଗି ହେବାର ପବିତ୍ର ପରମ୍ପରା ରହିଛି, ଯାହା ଆମ କୃଷି ଓ ସଂସ୍କୃତିର ମାନ୍ୟତାକୁ ଦର୍ଶାଉଛି । ଏହି ପବିତ୍ର ଅବସରରେ ଅନ୍ନଦାତା ଚାଷୀ ଭାଇମାନଙ୍କୁ ପ୍ରଣାମ ଜଣାଇଛନ୍ତି ଶ୍ରୀ ପ୍ରଧାନ । କାକର, ଖରା, ବର୍ଷାକୁ ଖାତିର ନକରି ଯେଉଁ କୃଷକ ଭାଇ ନିଜର ପରିଶ୍ରମ ବଳରେ ମାଟିରେ ସୁନା ଫଳାଏ,ସାରା ସମାଜର ପେଟ ପୋଷେ, ସେହି ଚାଷୀ ଭାଇମାନଙ୍କ ନିଷ୍ଠା ଓ ତ୍ୟାଗ ଯୋଗୁଁ ହିଁ ଆମେ ଆଜି ଏହି ଉତ୍ସବ ପାଳନ କରୁଛେ । ଆମର ଏହି ଗଣପର୍ବ ପ୍ରକୃତି ଓ ମାନବ ସଭ୍ୟତା ଭିତରେ ଥିବା ଗଭୀର ସମ୍ପର୍କର ପ୍ରତିଫଳନ।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'ଅନ୍ନର ମହିମା' କାବ୍ୟର ପଂକ୍ତି - "ଅନ୍ନ ଘେନି ରହିଛି ଅଖିଳ ସଂସାର, ଅନ୍ନ ବିନା ଜଗତେ ଉଠେ ହାହାକାର" କୁ ଉଦ୍ଧୃତ କରି ସାଂସଦ କହିଛନ୍ତି ଯେ, ଅନ୍ନ ହିଁ ଜୀବନର ମୂଳ ଆଧାର। ନୂଆଁଖାଇ କେବଳ ପରିବାରକୁ ଏକାଠି କରେନାହିଁ, ବରଂ ସମଗ୍ର ସମାଜକୁ ଏକ ବନ୍ଧନରେ ବାନ୍ଧିଥାଏ । ତେଣୁ ଏହି ସମାଜକୁ ସଶକ୍ତ କରିବାକୁ ହେଲେ ଆମକୁ ଆମ ଭବିଷ୍ୟତ ବା ଭବିଷ୍ୟତର ପିଢିକୁ ସୁରକ୍ଷିତ କରିବାକୁ ହେବ । ଭବିଷ୍ୟତର ପିଢିକୁ ସୁରକ୍ଷିତ ରଖିବା ପାଇଁ ହେଲେ ଆମକୁ ଏବେ ଠାରୁ ନବଜାତ ଶିଶୁ ଓ ଯୁବପିଢିଙ୍କ ପୋଷଣ ଏବଂ ମାଆମାନଙ୍କ ସ୍ୱାସ୍ଥ୍ୟର ଦାୟିତ୍ୱ ନେବାକୁ ପଡିବ ।

ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ଯେ ନୂଆଁଖାଇର ମୂଳ ମହତ୍ତ୍ୱ ହେଉଛି ପ୍ରଥମ ଶସ୍ୟ ବା 'ନବାନ୍ନ' ଗ୍ରହଣ କରିବା, ଯାହା ଆମ ସମାଜ, ସଂସ୍କୃତି ଓ କୃଷିର ମୂଳ ଆଧାର। ଅନ୍ନ ହିଁ ମାନବ ସଭ୍ୟତାର ଅନ୍ୟତମ ବଡ଼ ଆବଶ୍ୟକତା। ଆଜି ଦେଶରେ ଖାଦ୍ୟର ଅଭାବ ନାହିଁ, ମାତ୍ର ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି 'ପୁଷ୍ଟିକର ଖାଦ୍ୟ' ବା ପୋଷଣର ସୁରକ୍ଷା। ସମାଜର ପ୍ରତିଟି ଶିଶୁ ଓ ମା'ଙ୍କୁ 'ପୁଷ୍ଟିକର ଖାଦ୍ୟ' ଯୋଗାଇ ସେମାନଙ୍କ ପୋଷଣ ସୁରକ୍ଷାର ଦାୟିତ୍ୱ ନେବା ହିଁ ନୂଆଁଖାଇର ପ୍ରକୃତ ସାର୍ଥକତା । ଏହି ନୂଆଁଖାଇରେ ଆମେ ସଙ୍କଳ୍ପ ନେବା - ଆମ ଘରକୁ ଆସିଥିବା ଏହି 'ନବାନ୍ନ' ଯେପରି ସମାଜର ପ୍ରତିଟି ଶିଶୁ ଓ ମା'ଙ୍କୁ 'ସୁଷମ ପୋଷଣ' ଯୋଗାଇବ, ତାହାର ଦାୟିତ୍ୱ ନେବା । ଆମେ ଏପରି ଏକ

# ୧୦୦ ମେଟ୍ରିକ୍ ଟନ୍ ପଣ୍ୟ ଅନ୍‌ଲୋଡିଂରେ ଦେଶର ପ୍ରଥମ ରେଳପଥ ଜୋନ୍ ହେଲା ପୂର୍ବତଟ ରେଳପଥ

ଭୁବନେଶ୍ୱର, ୧୮।୯(ମହାଭାରତ): ପୂର୍ବ ତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ମାଲ୍‌ବାହୀ ଟ୍ରେନ୍‌ରୁ ପଣ୍ୟ ଖଲାସ ବା ଅନ୍‌ଲୋଡିଂ କ୍ଷେତ୍ରରେ ୧୦୦ ମେଟ୍ରିକ୍ ଟନର ସୀମା ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧୭ ଦିନ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରି ପୂର୍ବ ତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍‌ରେ ପରିଣତ ହୋଇଛି।



ଏହି ସଫଳତା ପୂର୍ବତଟ ରେଳପଥର ପଣ୍ୟ ହ୍ୟାଣ୍ଡଲିଂ, ୱାଗନ୍ ଟର୍ନଅରାଉଣ୍ଡ ଏବଂ ରେଳ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର କ୍ଷେତ୍ରରେ ପୂର୍ବ ତଟ ରେଳପଥର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହା ଫଳରେ ରେଳପଥ ମାଧ୍ୟମରେ ପଣ୍ୟର ଅଧିକ ଦ୍ରୁତ ଓ ଦକ୍ଷ ପରିବହନ ସମ୍ଭବ ହେଉଛି ।ଏହି ସମୟ ମଧ୍ୟରେ, ୨୦୨୫-୨୬ ଆର୍ଥିକ ବର୍ଷର ସମାନ ସମୟ ତୁଳନାରେ ପୂର୍ବତଟ ରେଳପଥ ପଣ୍ୟ ରିଲିଜ୍ ଟନେଜ୍‌ରେ ୯.୮% ଅଭିବୃଦ୍ଧି ରେକର୍ଡ କରିଛି। ବିଶେଷକରି ଇଙଡଘ ଏବଂ ଇଙଇଜଘ ୱାଗନ୍‌ଗୁଡ଼ିକର ଉନ୍ନତ ହ୍ୟାଣ୍ଡଲିଂ ଓ ଶୀଘ୍ର ରିଲିଜ୍ ଦ୍ୱାରା ଏହି ବୃଦ୍ଧି ସମ୍ଭବ ହୋଇପାରିଛି।

ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଇଙଡଘ ୱାଗନ୍‌ଗୁଡ଼ିକର ରିଲିଜ୍ ୭.୩% ବୃଦ୍ଧି ପାଇଥିବା ବେଳେ ଇଙଇଜଘ ୱାଗନ୍ ରିଲିଜ୍‌ରେ ୯.୮% ବୃଦ୍ଧି ପଞ୍ଜୀକୃତ ହୋଇଛି। ୱାଗନ୍ ରିଲିଜ୍‌ରେ ଏହି ସୁଧାର, ଉନ୍ନତ ଟର୍ନଅରାଉଣ୍ଡ ଏବଂ ମାଲ୍ ପରିବହନ ପରିଚାଳନାରେ ବର୍ଦ୍ଧିତ ଦକ୍ଷତାକୁ ଦର୍ଶାଉଛି ।ପୂର୍ବତଟ ରେଳପଥ ପଣ୍ୟ ଲୋଡିଂ କ୍ଷେତ୍ରରେ ୩.୯% ବୃଦ୍ଧି ପଞ୍ଜୀକୃତ କରିଥିବା ବେଳେ ଏହି ସମାନ ଅବଧି ମଧ୍ୟରେ ପଣ୍ୟ ପରିବହନରୁ ରାଜସ୍ୱ ଆଦାୟରେ ୩.୨% ଅଭିବୃଦ୍ଧି ରେକର୍ଡ କରିଛି। ଏହି ପ୍ରଗତି ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଏବଂ ଉପଲବ୍ଧ ରେଳ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର ଉପରେ ଜୋନ୍‌ର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି ।

ପୂର୍ବତଟ ରେଳପଥ ମାଧ୍ୟମରେ ପଣ୍ୟ ପରିବହନ ବିଭିନ୍ନ ପ୍ରମୁଖ ଶିଳ୍ପ ଓ ବ୍ୟବସାୟିକ କ୍ଷେତ୍ରର ଲଜିଷ୍ଟିକ୍ସ ଆବଶ୍ୟକତା ପୂରଣ କରୁଛି। ଅତ୍ୟାବଶ୍ୟକ ସାମଗ୍ରୀ ଓ କଞ୍ଚାମାଲର ପରିବହନକୁ ସୁଗମ କରିବା ସହିତ, ଉନ୍ନତ ପଣ୍ୟ ଅନ୍‌ଲୋଡିଂ ଏବଂ ୱାଗନ୍ ରିଲିଜ୍ ପ୍ରଦର୍ଶନ ଅଧିକ ଦ୍ରୁତ, ସୁଗମ ଓ ବ୍ୟୟସାପେକ୍ଷ ପଣ୍ୟ ପରିବହନକୁ ଆହୁରି ସୁଦୃଢ଼ କରିବ ଏବଂ ଲଜିଷ୍ଟିକ୍ସ ବ୍ୟବସ୍ଥାରେ ରେଳପଥର ଭୂମିକାକୁ ଅଧିକ ମଜବୁତ କରିବ।

# ସାର୍ ଏମ୍. ବିଶ୍ୱେଶ୍ୱରୈୟାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ରାଜ୍ୟପାଳ, ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୯(ମହାଭାରତ): ଇଞ୍ଜିନିୟର୍ସ ଦିବସରେ ସାର୍ ଏମ୍. ବିଶ୍ୱେଶ୍ୱରୈୟାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ରାଜ୍ୟପାଳ, ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନେ ।

ରାଜ୍ୟପାଳ ଡ.ହରିବାବୁ କମ୍ଭମପତି ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି କହିଛନ୍ତିଯେ, ଇଞ୍ଜିନିୟର୍ସଦିବସ ଅବସରରେ ଭାରତ ରତ୍ନ ସାର୍ ଏମ୍ ବିଶ୍ୱେଶ୍ୱରାୟାଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ତାଙ୍କର ଦୂରଦୃଷ୍ଟି, ଇଞ୍ଜିନିୟରିଂ କ୍ଷେତ୍ରରେ ଉତ୍କର୍ଷ ଏବଂ ରାଷ୍ଟ୍ରନିର୍ମାଣ ପ୍ରତି ସମର୍ପଣ ଭାରତର ପ୍ରଗତିରେ ଏକ ସ୍ଥାୟୀ ଅବଦାନ ରହିଛି। ତାଙ୍କର ଶୃଙ୍ଖଳାବଦ୍ଧତା ଓ ନବସୃଜନର ଭାବନା ଆଜି ମଧ୍ୟ ପିଢ଼ିପରେ ପିଢ଼ି ଇଞ୍ଜିନିୟରମାନଙ୍କୁ ରାଷ୍ଟ୍ରସେବା କରିବା ଏବଂ ଏକ ସଶକ୍ତ ଭାରତ ଗଠନ ପାଇଁ ପ୍ରେରଣା ଦେଇଆସୁଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୋସିଆଲ ମିଡିଆରେ ଏକ ବାର୍ତ୍ତା ଜାରି କରି କହିଛନ୍ତି ଯେ, ଜାତୀୟ ଇଞ୍ଜିନିୟର୍ସ ଦିବସ ଅବସରରେ ଭାରତ ରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜୟନ୍ତୀକୁ ସ୍ମରଣ କରି ଆମେ ଆମର ଭବିଷ୍ୟତକୁ ଆକାର ଦେଉଥିବା ଇଞ୍ଜିନିୟରମାନଙ୍କର ସୃଜନଶୀଳତା, ଦୃଢ଼ ଅଧ୍ୟବସାୟ ଏବଂ ସମସ୍ୟା ସମାଧାନର ମନୋଭାବକୁ ସମ୍ମାନ ଓ ପ୍ରଶଂସା କରୁଛୁ। ଭିତ୍ତିଭୂମିକୁ ସୁଦୃଢ଼ କରିବାଠାରୁ ଆରମ୍ଭ କରି ପ୍ରଯୁକ୍ତି ଓ ନବସୃଜନର ଅଗ୍ରଗତି ପର୍ଯ୍ୟନ୍ତ, ସେମାନଙ୍କର ଦକ୍ଷତା ଏକ ଅଧିକ ସକ୍ଷମ, ସୁଦୃଢ଼ ଓ ପ୍ରଗତିଶୀଳ ଭାରତ ଗଠନରେ ସହାୟକ ହେଉଛି। ଜାତୀୟ ଇଞ୍ଜିନିୟର୍ସ ଦିବସ ଅବସରରେ ସମସ୍ତ ଇଞ୍ଜିନିୟରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଏକ ବାର୍ତ୍ତାରେ କହିଛନ୍ତି ଯେ, ଇଞ୍ଜିନିୟର୍ସ ଦିବସ ଭାବେ ପାଳିତ ହେଉଥିବା ଭାରତ ରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟା ଜୀଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି। ତାଙ୍କ ଦୂରଦୃଷ୍ଟି, ନବସୃଜନ ଓ ସମର୍ପଣ ପାଇଁ ପ୍ରସିଦ୍ଧ ଏହି କିମ୍ବଦନ୍ତୀ ଇଞ୍ଜିନିୟରଙ୍କୁ ଆଜି ସ୍ମରଣ କରୁଛୁ। ତାଙ୍କର ଆଦର୍ଶ ଓ ଅବଦାନ ସମଗ୍ର ଦେଶର ପିଢ଼ିପରେ ପିଢ଼ି ଇଞ୍ଜିନିୟରଙ୍କୁ ନିରନ୍ତର ପ୍ରେରଣା ଯୋଗାଇ ଆସୁଛି।

# ‘ସୁଭଦ୍ରା’କୁ ଦୁଇ ବର୍ଷ

ଓଡ଼ିଶାର ଘରେ ଘରେ ମହିଳା କେବଳ ପରିବାରର ମେରୁଦଣ୍ଡ ନୁହନ୍ତି, ସେ ଅର୍ଥନୀତିର ମଧ୍ୟ ଏକ ନିରବ ଚାଳିକାଶକ୍ତି। ତାଙ୍କ ହାତରେ ଘରର ବଜେଟ, ସନ୍ତାନଙ୍କ ଭବିଷ୍ୟତ, ପରିବାରର ଆବଶ୍ୟକତା ଓ ସଞ୍ଚୟର ଚିନ୍ତା ଥାଏ। କିନ୍ତୁ ଦୀର୍ଘଦିନ ଧରି ଏହି ଅବଦାନର ବଡ଼ ଅଂଶ ଅଦୃଶ୍ୟ ରହିଛି। ଏହି ପରିପ୍ରେକ୍ଷିତରେ ୨୦୨୪ ସେପ୍ଟେମ୍ବର ୧୭ରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ଓଡ଼ିଶାର ମହିଳାକେନ୍ଦ୍ରିକ ଜନକଲ୍ୟାଣ ଚିନ୍ତାଧାରାରେ ଏକ ବଡ଼ ପଦକ୍ଷେପ ଭାବେ ଆସିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନାର ଲକ୍ଷ୍ୟ ଥିଲା ଓଡ଼ିଶାର ଯୋଗ୍ୟ ମହିଳାମାନଙ୍କୁ ପାଞ୍ଚ ବର୍ଷ ମଧ୍ୟରେ ମୋଟ ୫୦ ହଜାର ଟଙ୍କାର ସହାୟତା ଦେବା, ଅର୍ଥାତ୍ ପ୍ରତିବର୍ଷ ୧୦ ହଜାର ଟଙ୍କା ଦୁଇଟି ସମାନ କିସ୍ତିରେ ସିଧାସଳଖ ବ୍ୟାଙ୍କ ଖାତାକୁ ପହଞ୍ଚାଇବା। ଦୁଇ ବର୍ଷ ପୂର୍ତ୍ତିରେ ସୁଭଦ୍ରାକୁ ଦେଖିବାର ଅର୍ଥ କେବଳ କେତେ ଟଙ୍କା ବଣ୍ଟନ ହେଲା ତାହା ଗଣନା କରିବା ନୁହେଁ; ପ୍ରକୃତ ପ୍ରଶ୍ନ ହେଉଛି—ଏହି ଅର୍ଥ ମହିଳାଙ୍କ ଜୀବନରେ କେତେ ନୂଆ ସମ୍ଭାବନା ଖୋଲିଛି ? ସେ କେତେ ଅଧିକ ଆତ୍ମନିର୍ଭର ହୋଇଛନ୍ତି ? ନିଜ ଟଙ୍କା ବିଷୟରେ ନିଜେ ନିଷ୍ପତ୍ତି ନେବାର ସାହସ କେତେ ବଢ଼ିଛି ? ଏହି ପ୍ରଶ୍ନଗୁଡ଼ିକ ହିଁ ସୁଭଦ୍ରାର ଦୀର୍ଘକାଳୀନ ସଫଳତାର ପ୍ରକୃତ ମାପଦଣ୍ଡ ହୋଇପାରେ। ଯୋଜନାର ନିର୍ଦ୍ଦେଶାବଳୀ ଅନୁସାରେ ଯୋଗ୍ୟ ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତାଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଆବଶ୍ୟକ। ଯୋଜନାର ଲାଭ ପାଇଁ ଆଧାର ସଂଯୁକ୍ତ ଓ ସିଧାସଳଖ ଅର୍ଥ ହସ୍ତାନ୍ତରଯୋଗ୍ୟ ବ୍ୟାଙ୍କ ଖାତା ଭଳି ବ୍ୟବସ୍ଥା ରହିଛି। ଏହାର ଉଦ୍ଦେଶ୍ୟ କେବଳ ଟଙ୍କା ପହଞ୍ଚାଇବା ନୁହେଁ, ବରଂ ମହିଳାଙ୍କୁ ଔପଚାରିକ ଆର୍ଥିକ ବ୍ୟବସ୍ଥା ସହିତ ଆହୁରି ଦୃଢ଼ ଭାବେ ଯୋଡ଼ିବା। ଦୁଇ ବର୍ଷର ଯାତ୍ରାରେ ସୁଭଦ୍ରାର ପରିସର ଏକ କୋଟିରୁ ଅଧିକ ମହିଳାଙ୍କୁ ଛୁଇଁଛି। ୨୦୨୬ ମାର୍ଚ୍ଚ ୮ରେ ଚତୁର୍ଥ କିସ୍ତି ଅବସରରେ ଏକ କୋଟିରୁ ଅଧିକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ହସ୍ତାନ୍ତର ହୋଇଥିବା ରାଜ୍ୟ ସରକାର କହିଥିଲେ। ସେହି ସମୟରେ ମୋଟ ସହାୟତା ୫ ହଜାର କୋଟି ଟଙ୍କାରୁ ଅଧିକ ଥିବା ମଧ୍ୟ ଜଣାଇଥିଲେ। ପରେ ୨୦୨୬ ଅଗଷ୍ଟ ୨୮ରେ ପଞ୍ଚମ କିସ୍ତି ଅବସରରେ ଏକ କୋଟି ୩ ଲକ୍ଷରୁ ଅଧିକ ମହିଳାଙ୍କ ଖାତାକୁ ସହାୟତା ସିଧାସଳଖ ପଠାଯାଇଥିବା ରାଜ୍ୟ ସରକାର ପ୍ରକାଶ କରିଛନ୍ତି। ଏହି ସଂଖ୍ୟା ଏକ ବଡ଼ ପ୍ରଶାସନିକ ପହଞ୍ଚକୁ ସୂଚାଏ, କିନ୍ତୁ ସଂଖ୍ୟାଠାରୁ ବଡ଼ ହେଉଛି ଏହାର ମାନବୀୟ କାହାଣୀ। ଗାଁର ଜଣେ ମହିଳା ନିଜ ଘରୋଇ ଆବଶ୍ୟକତା ସହିତ କିଛି ଟଙ୍କା ସଞ୍ଚୟ କରୁଛନ୍ତି, ଅନ୍ୟଜଣେ ଛୋଟ ବ୍ୟବସାୟରେ ଅର୍ଥ ଲଗାଉଛନ୍ତି, ଆଉ କେହି ସନ୍ତାନଙ୍କ ଶିକ୍ଷା କିମ୍ବା ପରିବାରର ଆବଶ୍ୟକତାରେ ଏହା ବ୍ୟବହାର କରୁଛନ୍ତି। ଏହି ଛୋଟ ଛୋଟ ନିଷ୍ପତ୍ତିଗୁଡ଼ିକ ହିଁ ଏକ ବଡ଼ ସାମାଜିକ ପରିବର୍ତ୍ତନର ଭିତ୍ତି ହୋଇପାରେ। ସୁଭଦ୍ରାର ମୂଳ ଶକ୍ତି ଏଠି—ଏହା ମହିଳାଙ୍କୁ କେବଳ ଲାଭାର୍ଥୀ ଭାବେ ଦେଖିବାରୁ ଆଗକୁ ନେଇ ତାଙ୍କୁ ଆର୍ଥିକ ନିଷ୍ପତ୍ତିର ଏକ ସକ୍ରିୟ ଅଂଶୀଦାର କରିବାର ସୁଯୋଗ ଦେଉଛି। ରାଜ୍ୟର ୨୦୨୫–୨୬ ଆର୍ଥିକ ସର୍ବ ?କ୍ଷଣରେ ସୁଭଦ୍ରା ଯୋଜନାକୁ ପାଞ୍ଚ ବର୍ଷରେ ୫୦ ହଜାର ଟଙ୍କା ସହାୟତା ଦେଉଥିବା ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଭାବେ ଉଲ୍ଲେଖ କରାଯାଇଛି। ସର୍ବ ?କ୍ଷଣ ଅନୁସାରେ ୨୦୨୫ରେ ଏକ କୋଟିରୁ ଅଧିକ ହିତାଧିକାରୀଙ୍କୁ ୧୦ ହଜାର କୋଟିରୁ ଅଧିକ ଟଙ୍କା ବଣ୍ଟନ ହୋଇଥିଲା। ପ୍ରାୟ ୨୨ ହଜାର ହିତାଧିକାରୀଙ୍କ ନମୁନାକୁ ନେଇ କରାଯାଇଥିବା ସୁଭଦ୍ରା ସମୀକ୍ଷାରେ ଅର୍ଥର ଉତ୍ପାଦନଶୀଳ ବ୍ୟବହାର, ଆର୍ଥିକ ସ୍ୱାଧୀନତା ଓ ଟଙ୍କା ପରିଚାଳନାରେ ଆତ୍ମବିଶ୍ୱାସ ବୃଦ୍ଧି ଭଳି ପ୍ରଭାବ ଚିହ୍ନଟ ହୋଇଥିବା ସର୍ବ ?କ୍ଷଣରେ କୁହାଯାଇଛି। ଏହି ଦିଗଟି ବିଶେଷ ଗୁରୁତ୍ୱର। କାରଣ ମହିଳା ସଶକ୍ତିକରଣର ଅର୍ଥ କେବଳ ତାଙ୍କ ଖାତାରେ ଟଙ୍କା ରହିବା ନୁହେଁ; ସେହି ଟଙ୍କା କେଉଁଠି ଖର୍ଚ୍ଚ ହେବ, କେତେ ସଞ୍ଚୟ ହେବ, କେତେ ନିବେଶ ହେବ—ଏହି ନିଷ୍ପତ୍ତିରେ ମହିଳାଙ୍କ ସ୍ୱାଧୀନ ଭୂମିକା ବଢ଼ିବା ହେଉଛି ପ୍ରକୃତ ଲକ୍ଷ୍ୟ। ସେହି କାରଣରୁ ସୁଭଦ୍ରାକୁ ଆଗାମୀ ଦିନରେ ଅନ୍ୟାନ୍ୟ ମହିଳାମୁଖୀ କାର୍ଯ୍ୟକ୍ରମ ସହିତ ଯୋଡ଼ିବା ଆବଶ୍ୟକତା ରହିଛି। ଦକ୍ଷତା ବିକାଶ, ବଜାର ସଂଯୋଗ, ଡିଜିଟାଲ ଆର୍ଥିକ ସାକ୍ଷରତା, କ୍ଷୁଦ୍ର ଉଦ୍ୟମ, ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦନଶୀଳ ନିବେଶ ସହିତ ଯଦି ଅର୍ଥସହାୟତାର ସମନ୍ୱୟ ହୁଏ, ତେବେ ଏକ ଥରର ଆର୍ଥିକ ସହାୟତା ଦୀର୍ଘକାଳୀନ ଆୟ ସୃଷ୍ଟିର ମାଧ୍ୟମ ହୋଇପାରିବ। ରାଜ୍ୟ ସରକାର ମଧ୍ୟ ସୁଭଦ୍ରା ସହିତ ଦକ୍ଷତା, ମାର୍ଗଦର୍ଶନ, ବଜାର ସଂଯୋଗ ଓ ଆର୍ଥିକ ସହାୟତାକୁ ଯୋଡ଼ିବା ଦିଗରେ ପଦକ୍ଷେପ ନେଇଥିବା ଜଣାଇଛନ୍ତି। ଏଠାରେ ଆଉ ଏକ ପ୍ରଶ୍ନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ—ଯୋଜନାର ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କ ପାଖରେ ସୂଚନା, ଆବେଦନ, ପ୍ରମାଣୀକରଣ ଓ ଅର୍ଥ ପହଞ୍ଚିବାରେ କୌଣସି ବାଧା ରହିଛି କି ? ଗ୍ରାମାଞ୍ଚଳର ଦୂରଦୂରାନ୍ତର ମହିଳା, ବୃଦ୍ଧ ହିତାଧିକାରୀ, ଡିଜିଟାଲ ଜ୍ଞାନରେ ପଛୁଆ ଲୋକ ଓ ବ୍ୟାଙ୍କିଂ ସୁବିଧାରୁ ଦୂରେ ଥିବା ପରିବାର ପାଇଁ ସହଜ ସହାୟତା ନିଶ୍ଚିତ କରିବା ଦରକାର। କାରଣ କୌଣସି ଯୋଜନାର ଶେଷ ସଫଳତା ଘୋଷଣାରେ ନୁହେଁ, ଶେଷ ଯୋଗ୍ୟ ମହିଳାଙ୍କ ଜୀବନରେ ତାହାର ପ୍ରଭାବରେ ନିର୍ଣ୍ଣୟ ହୁଏ। ସୁଭଦ୍ରାର ଦୁଇ ବର୍ଷ ଆମକୁ ଏହି ଶିକ୍ଷା ମଧ୍ୟ ଦିଏ ଯେ, ମହିଳାଙ୍କ ହାତକୁ ଅର୍ଥ ପହଞ୍ଚିଲେ ତାହାର ପ୍ରଭାବ ଘରର ଚାରି କାନ୍ଥ ମଧ୍ୟରେ ଅଟକି ରହେ ନାହିଁ। ତାହା ଶିକ୍ଷା, ପୋଷଣ, ସ୍ୱାସ୍ଥ୍ୟ, ଛୋଟ ବ୍ୟବସାୟ, ସଞ୍ଚୟ ଓ ସାମାଜିକ ନିଷ୍ପତ୍ତିରେ ପ୍ରତିଫଳିତ ହୋଇପାରେ। ଜଣେ ମାଆଙ୍କ ଆର୍ଥିକ ଆତ୍ମବିଶ୍ୱାସ ଅନେକ ସମୟରେ ତାଙ୍କ ସନ୍ତାନଙ୍କ ଭବିଷ୍ୟତରେ ମଧ୍ୟ ଆତ୍ମବିଶ୍ୱାସ ଜନ୍ମାଏ। ଜଣେ ଗୃହିଣୀଙ୍କ ହାତରେ ନିଜସ୍ୱ ଅର୍ଥ ଥିଲେ ପରିବାରର ଅର୍ଥନୈତିକ ଆଲୋଚନାରେ ତାଙ୍କ ସ୍ୱର ଆହୁରି ଦୃଢ଼ ହୋଇପାରେ। ଜଣେ କ୍ଷୁଦ୍ର ଉଦ୍‌ଯୋଗୀ ମହିଳା ପାଇଁ ଏହି ସହାୟତା ଏକ ନୂଆ ଆରମ୍ଭ ହୋଇପାରେ। ଏହି ସମସ୍ତ ସମ୍ଭାବନାକୁ ଏକାଠି କଲେ ସୁଭଦ୍ରା କେବଳ ଏକ ଅର୍ଥସହାୟତା ଯୋଜନା ନୁହେଁ, ଏକ ବ୍ୟାପକ ସାମାଜିକ ପରିବର୍ତ୍ତନର ମାଧ୍ୟମ ହେବାର ସୁଯୋଗ ରଖେ। କିନ୍ତୁ ଏହି ଯାତ୍ରାରେ ସରକାର, ପ୍ରଶାସନ, ବ୍ୟାଙ୍କ, ସ୍ଥାନୀୟ ସଂସ୍ଥା ଓ ସମାଜ—ସମସ୍ତଙ୍କ ଦାୟିତ୍ୱ ରହିଛି। ଯୋଜନାର ଲାଭ ଯେପରି ସଠିକ୍ ମହିଳାଙ୍କ ପାଖକୁ ଯାଏ, ମଧ୍ୟସ୍ଥତା କିମ୍ବା ଅନିୟମିତତାର ସୁଯୋଗ ନ ରହେ, ଅଭିଯୋଗର ଦ୍ରୁତ ସମାଧାନ ହୁଏ ଏବଂ ହିତାଧିକାରୀ ନିଜ ଅଧିକାର ବିଷୟରେ ସଚେତନ ରହନ୍ତି—ଏହି ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଆବଶ୍ୟକ। ସେହିପରି ଦୁଇ ବର୍ଷ ପରେ ସୁଭଦ୍ରାର ପରବର୍ତ୍ତୀ ଅଧ୍ୟାୟ କେବଳ କିସ୍ତି ବଣ୍ଟନର ଅଧ୍ୟାୟ ହେବା ଉଚିତ ନୁହେଁ; ଏହା ମହିଳାଙ୍କୁ ସ୍ୱାବଲମ୍ବୀ କରିବାର ଅଧ୍ୟାୟ ହେବା ଆବଶ୍ୟକ। ସୁଭଦ୍ରାର ସ୍ୱପ୍ନ ସେତେବେଳେ ପୂରଣ ହେବ, ଯେତେବେଳେ ଜଣେ ମହିଳା କହିପାରିବେ—“ମୋ ହାତରେ ଥିବା ଟଙ୍କା ମୋତେ କେବଳ ସହାୟତା ଦେଇନାହିଁ, ନିଜ ପାଦରେ ଠିଆ ହେବାର ସାହସ ଦେଇଛି।” ଓଡ଼ିଶାର ବିକାଶର ଅର୍ଥ ଯଦି ସମସ୍ତଙ୍କ ଅଂଶଗ୍ରହଣ, ତେବେ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ତାହାର ଅପରିହାର୍ଯ୍ୟ ଅଂଶ।

# ବିକାଶ, ସ୍ୱାଭିମାନ ଓ ଭାରତୀୟତାର ପ୍ରତୀକ:ନରେନ୍ଦ୍ର ମୋଦୀ

## ମୋହନ ଚରଣ ମାଝୀ



ଆଜି ହେଉଛି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଜନ୍ମ ଦିବସ। ତାଙ୍କର ସାରା ଜୀବନ ଦେଶ ସେବା ଓ ସମାଜରେ ପରିବର୍ତ୍ତନ ଆଣିବା ଦିଗରେ ସମର୍ପିତ। ତେଣୁ, ତାଙ୍କର ଏହି ଜନ୍ମ ଦିବସକୁ ‘ସେବା ସଂକଳ୍ପ’ ଭାବେ ଏକ ମାସ ବ୍ୟାପୀ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ କେବଳ ଜଣେ ରାଜନେତାଙ୍କ ଜୀବନର ଉତ୍ସବ ନୁହେଁ, ବରଂ ଗତ ଦଶନ୍ଧି ମଧ୍ୟରେ ଭାରତର ଆତ୍ମବିଶ୍ୱାସ, ଆକାଂକ୍ଷା ଏବଂ ବିକାଶ ଦିଗକୁ ଆକାର ଦେଇଥିବା ପରିବର୍ତ୍ତନ ଉପରେ ପ୍ରତିଫଳନ କରିବାର ଏକ ସୁଯୋଗ।

ଆଧୁନିକ ଭାରତ, ବିଶେଷ ଭାବେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଇତିହାସ ଯେତେବେଳେ ବି ଲେଖାହେବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର କାଳଖଣ୍ଡ ବିଶେଷ ରୂପରେ ରେଖାଙ୍କିତ ହେବ। କାରଣ ଗତ ୨୦୧୪ ମସିହା ପରବର୍ତ୍ତୀ ଭାରତରେ ରାଷ୍ଟ୍ର ଗଠନ ପାଇଁ ଯେଉଁ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳୁଛି ତାହା ଦେଶକୁ ବ୍ରିଟିଶ ଶାସକଙ୍କ ଦାଉରୁ ଦେଶକୁ ମୁକ୍ତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଖାଯାଇଥିଲା। ଏହା ଅତ୍ୟୁକ୍ତି ନୁହେଁ, କାରଣ ସ୍ୱାଧୀନତାର ପ୍ରଥମ ପଚାଶ ଦଶକରେ ଅଭିବୃଦ୍ଧି ଏତେ କମ ଥିଲା ଯେ ପାଶ୍ଚାତ୍ୟ ଅର୍ଥଶାସ୍ତ୍ରୀମାନେ ଅପମାନ ସୂଚକ ‘ହିନ୍ଦୁ ଅଭିବୃଦ୍ଧି’ କହୁଥିଲେ। ଭାରତ ପରି ବିଶାଳ ଦେଶରେ ଅଭିବୃଦ୍ଧି କମ ରହୁଥିବାରୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ଦେଶ ମୁକୁଳିପାରି ନ ଥିଲା।

କିନ୍ତୁ, ୨୦୧୪ ମସିହାରେ ଦେଶର ରାଜନୈତିକ ମାନଚିତ୍ର ଯେ ବଦଳି ଥିଲା, ତାହା ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଦୁରଦୃଷ୍ଟି ସମ୍ପନ୍ନ ନୀତି ଦେଶର ବିକାଶକୁ ଏକ ନୂତନ ଦଶା ଓ ଦିଶା ପ୍ରଦାନ କରିଥିଲା। ଜୁଲାଇ ୨୦୧୬ ରେ ନୀତି ଆୟୋଗର ୧୫ ବର୍ଷୀୟ ଭିଜନ ଡକ୍ୟୁମେଣ୍ଟର ଉନ୍‌ମୋଚନ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କର ଦୁରଦୃଷ୍ଟି ସମ୍ପନ୍ନ ନୀତିକୁ ଲୋକ ଲୋଚନକୁ ଆଣିଥିଲେ। ଏହି ନୀତି ଅନୁସାରେ ଭାରତ ଆଉ ତାଳିପକା ବିକାଶ ଦିଗରେ ଚାଲି ପାରିବ ନାହିଁ। ଦେଶକୁ ବିକଶିତ କରିବାକୁ ହେଲେ ଦେଶର ନୀତିରେ ‘ରୂପାନ୍ତରିତ ପରିବର୍ତ୍ତନ’କୁ ଆଦୃତ କରିବାକୁ ହେବ ଯାହାରର ମୂଳଦୁଆ ହେଉଛି,‘ଗତି, ପାରଦର୍ଶିତା ଓ ଉତ୍ତରଦାୟିତ୍ୱତା’(Speed,Transformation &Accountability)। ଏହି ପରିବର୍ତ୍ତିତ ନୀତି ଓ ନୂତନ ସଂକଳ୍ପ ସହିତ ଆରମ୍ଭ ହେଲା ନୂତନ ରାଷ୍ଟ୍ର ଗଠନର ମହାଯଜ୍ଞ।

ବର୍ତ୍ତମାନ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ବାର ବର୍ଷରୁ କିଛି ଅଧିକ ସମୟ ଅତିବାହିତ ହୋଇଛି। ଏହି ସମୟ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ସମସ୍ୟା ଦେଶ ସମ୍ମୁଖରେ ଉପନୀତ ହୋଇଛି। ଯେପରିକି ରୁଷିଆ-ୟୁକ୍ରେନ ଯୁଦ୍ଧ, ବର୍ତ୍ତମାନ ଚାଲୁଥିବା ମଧ୍ୟପ୍ରାଚ୍ୟରେ ଯୁଦ୍ଧ। ଆଭ୍ୟନ୍ତରୀଣ କ୍ଷେତ୍ରରେ ଚଳିତ ଶତାବ୍ଦୀର ସବୁଠାରୁ ବଡ ସଙ୍କଟ କୋଭିଡ ତଥା ଦେଶ ଗତ ପଚାଶ ଦଶନ୍ଧି ଧରି ପ୍ରଭାବିତ ହୋଇଥିବା ନକ୍ସଲବାଦ ଓ ମାଓବାଦୀ ହିଂସା। କିନ୍ତୁ, ଏହି ପ୍ରତ୍ୟେକଟି ସମସ୍ୟାର ସମ୍ମୁଖୀନ ହୋଇ ଦେଶକୁ ଦୃଢ, ସ୍ଥିର ରଖି ବିକାଶର ଗତିକୁ ବଜାୟ ରଖିବା କୌଣସି ଚମତ୍କାରରୁ କମ ନୁହେଁ। ଏହାର ସଦ୍ୟତମ ପ୍ରମାଣ ହେଉଛି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ଥିଲା। ଯେତେବେଳେ ସମଗ୍ର ବିଶ୍ୱ ନିଜ ଅର୍ଥନୀତି ମଙ୍ଗ ସଳଖିବା ପାଇଁ ସଂଗ୍ରାମ କରୁଛନ୍ତି, ଭାରତ ବିଶ୍ୱର ଦୃତତମ ଅଭିବୃଦ୍ଧି ହାସଲ କରିଥିବା ବୃହତ ଅର୍ଥନୀତି ଭାବେ ଉଭା ହୋଇଛି ଯାହା କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ସୁପରିଚାଳନା ପାଇଁ ସମ୍ଭବ ହୋଇଅଛି।

ଏହି ଦଶ ବର୍ଷରେ ମାନନୀୟ ପ୍ରଧାନମନ୍ତ୍ରୀ ‘ସବ୍ ?କା ସାଥ, ସବ୍ ?କା ବିକାଶ, ସବ୍ ?କା ବିଶ୍ୱାସ ଓ ସବ୍ ?କା ପ୍ରୟାସ’ ମନ୍ତ୍ରରେ ଭାରତକୁ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଣତ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରି ଅଗ୍ରସର ହେଉଛନ୍ତି। ଏହି ବାର ବର୍ଷରେ ମୋଦୀ ଜୀଙ୍କର ଉପଲବ୍ଧିର ତାଲିକା ବହୁତ ଲମ୍ବା। ଏହି ସଫଳତା ମଧ୍ୟରେ ୨୫ କୋଟି ଭାରତୀୟଙ୍କୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ମୁକ୍ତ କରିବା ଏକ ମାପଦଣ୍ଡ। ସ୍ୱଚ୍ଛ ଭାରତ, ଉଜ୍ଜ୍ୱଳା ଯୋଜନା, ପିଏମ କିଷାନ, ଆୟୁଷ୍ମାନ ଭାରତ, ନୂତନ ଶିକ୍ଷାନୀତି, ମେକ ଇନ ଇଣ୍ଡିଆ, ନାରୀ ଶକ୍ତି ବନ୍ଦନ ଅଧିନିୟମ, ୟୁପିଆଇ, ଜିଏସଟି, ଖେଲୋ ଇଣ୍ଡିଆ ପରି ଯୁଗାନ୍ତକାରୀ ନୀତି ଓ କାର୍ଯ୍ୟକ୍ରମ ଫଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ଜୀବନଶୈଳୀ ସୁଲଳିତ ଓ ସ୍ୱାଚ୍ଛନ୍ଦ୍ୟ ହୋଇପାରିଛି।

ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଗତ ଜୁନ, ୨୦୨୪ରେ ରାଜ୍ୟରେ ଏକ ନୂତନ ସରକାର ଆସିବା ଏହି ଭୂମିକାକୁ ସାର୍ଥକ କରିବାରେ ନିଶ୍ଚିତ ଭାବେ ସହାୟକ ହେବ। ଦୀର୍ଘଦିନ ଧରି ଓଡିଶାର ପ୍ରକୃତିକ ପ୍ରାଚୁର୍ଯ୍ୟ, ଯେପରିକି ଖଣିଜ ଦ୍ରବ୍ୟ, ସୁଦୀର୍ଘ ତଟ, ପାଣି, ଜଳ, ଜଙ୍ଗଲର ସଦୁପୋଯୋଗ ହୋଇପାରି ନ ଥିଲା। ଏହି କାରଣରୁ ରାଜ୍ୟର ପ୍ରକୃତ ସାମର୍ଥ୍ୟର ସୁଫଳ ଏହାର ଜନସାଧାରଣ ପାଇ ପାରି ନ ଥିଲେ। କିନ୍ତୁ, ଗତ ଦୁଇ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଓଡିଶାରେ ଏକ ପ୍ରକାର ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି। ମାତ୍ର ଦୁଇ ବର୍ଷରେ ଓଡିଶା ପାଇଁ ୨୨ ଲକ୍ଷ କୋଟି ଟଙ୍କାରୁ ବି ଅଧିକ ନିବେଶ ସମ୍ଭାବନା ସୃଷ୍ଟି ହୋଇଛି ଯାହା ମଧ୍ୟରୁ ତିନି ଲକ୍ଷ କୋଟି ଟଙ୍କାରୁ ବି ଅଧିକ ବ୍ୟୟରେ ୧୫୪ ଗୋଟି ଶିଳ୍ପର ଉଦ୍ଘାଟନ କିମ୍ବା ଗ୍ରାଉଣ୍ଡ ବ୍ରେକିଙ୍ଗ କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଅତି କମରେ ୧୭ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହେବାକୁ ଯାଉଛି। ଏହା ସମ୍ଭବ ହୋଇଥିଲା ମୋଦୀ ଜୀଙ୍କର ଗୋଟିଏ ଆହ୍ୱାନ,‘ଓଡିଶାରେ ନିବେଶ ପାଇଁ ୟେହି ସମୟ ହେ, ସହି ସମୟ ହେ’।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବିକାଶ ଦୃଷ୍ଟିକୋଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ ଏହା ବିକାଶ ଏବଂ ମର୍ଯ୍ୟାଦାକୁ ପରସ୍ପରଠାରୁ ପୃଥକ ବୋଲି ବିବେଚନା କରେ ନାହିଁ। ତାଙ୍କ ମତରେ ଦେଶର ବିକାଶର ଫଳ ସମାଜର ଶେଷ ପାହୁଚରେ ଥିବା ବ୍ୟକ୍ତି ପାଖରେ ପହଞ୍ଚି ପାରିବ।

ତେଣୁ, ପ୍ରଧାନମନ୍ତ୍ରୀ ସବୁବେଳେ ଚାରି ବର୍ଗ ବିଶେଷ ଭାବେ ‘ମହିଳା, ଗରିବ, ଅନ୍ନଦାତା ଓ ଯୁବା’ଙ୍କ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ପୂର୍ବ ବ୍ୟବସ୍ଥା ଅନୁସାରେ ଏମାନେ କେବଳ ଲାଭାର୍ଥୀ ଭାବେ ପରିଗଣିତ ହେଉଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନୂତନ ଶାସନ ପଦ୍ଧତିରେ ତାଙ୍କୁ ‘ବିକାଶ ଯାତ୍ରାରେ ଅଂଶୀଦାର’ ଭାବେ ଗୁରୁତ୍ୱ ଦିଏ। ଏହି ଚିନ୍ତନର ପ୍ରତିଛବି ହେଉଛନ୍ତି ଦେଶର ପ୍ରଥମ ନାଗରିକ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍‌ରୌପଦୀ ମୁର୍ମୁ ମହୋଦୟା ଯିଏ କି ସାଧାରଣ ଜନଜାତି ପଡିବାରୁ ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍‌ଚ ସାମ୍ବିଧାନିକ ପଦ ଅଳଙ୍କୃତ କରି ପଡିଛନ୍ତି।

ଏକ ଆଦିବାସୀ ପରିବାରରେ ଜନ୍ମିତହୋଇ ବ୍ୟକ୍ତିଗତ ଭାବରେ ଏହି ଭାବନାକୁ ହୃଦୟଙ୍ଗମ କରେ। କେନ୍ଦୁଝରର ଏକ ଅଖ୍ୟାତ ପଲ୍ଲୀରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ମୋର ଯାତ୍ରା ପ୍ରମାଣ କରେ ଯେ ଲୋକତନ୍ତ୍ରରେ ସର୍ବୋତ୍ତମ ସମ୍ଭାବନା ସୁଯୋଗ ସୃଷ୍ଟି କରିପାରେ।ନୂତନ ଭାରତ ଏହି ବାର୍ତ୍ତା ପ୍ରଦାନ କରେ ଯେ ‘ଜନ୍ମ’ ଜଣେ ବ୍ୟକ୍ତିକୁ ସୀମିତ କରେ ନାହିଁ।କଠିନ ପରିଶ୍ରମ, ସେବା, ସଚ୍‌ଚୋଟତା ଏବଂ ସୁଯୋଗ ସେମାନଙ୍କୁ ଅଧିକ ଦାୟିତ୍ୱରେ ପହଞ୍ଚାଇପାରେ।

ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ଦୃଷ୍ଟିକୋଣ ଏହି ବ୍ୟାପକ ଜାତୀୟ ଦୃଷ୍ଟିକୋଣର ଏକ ଅଂଶ।ଭାରତର ବିକାଶ ସେତେବେଳେ ସନ୍ତୁଳିତ ହୋଇପାରିବ ଯେତେବେଳେ ପୂର୍ବ ଭାରତ ଏହାର ପୂର୍ଣ୍ଣ ସମ୍ଭାବନାକୁ ଆଗକୁ ବଢେ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଓଡ଼ିଶା ଏହି ପରିବର୍ତ୍ତନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ।

ପ୍ରଧାନମନ୍ତ୍ରୀ ମୋଦୀ ଜୀ ଙ୍କ ନେତୃତ୍ୱର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ବିଶ୍ୱ ମହତ୍ତ୍ୱାକାଂକ୍ଷା ଏବଂ ତୃଣମୂଳ ସମ୍ବେଦନଶୀଳତାର ସନ୍ତୁଳନ।ଆଜି, ଭାରତ ବିଶ୍ୱର ପ୍ରମୁଖ ମଞ୍ଚଗୁଡ଼ିକରେ ଆତ୍ମବିଶ୍ୱାସର ସହିତ କଥା ହେଉଛି ଯାହାର ସଦ୍ୟତମ ପ୍ରମାଣ ହେଉଛି ନିକଟରେ ସମାପ୍ତ ହୋଇଥିବା ବ୍ରିକ୍ସ ୨୦୨୬ ର ଆୟୋଜନ। ଅନ୍ତର୍ଜାତୀୟ ସମ୍ପର୍କ, ଆର୍ଥିକ ସହଯୋଗ ଏବଂ ବିଶ୍ୱ ନୀତି ଆଲୋଚନାରେ ଭାରତର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି।କିନ୍ତୁ ଏହି ବିଶ୍ୱ ପ୍ରତିଛବି ସହିତ ସମାନ୍ତରାଳ ଭାବରେ, ପ୍ରଧାନମନ୍ତ୍ରୀ ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ଆଲୋଚନା ମଧ୍ୟ ବଜାୟ ରଖିଛନ୍ତି।

ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ରାଜ୍ୟ ଶାସନ ପଦ୍ଧତିକୁ ବିଶେଷ ଭାବେ ପ୍ରଭାବିତ କରିଛି। ଦେଶରେ ଦୃତ ଶିଳ୍ପାୟନ ସହିତ ସମାଜର ଆର୍ଥିକ ଓ ସାମାଜିକ ସ୍ତରରେ ଦୁର୍ବଳ ବର୍ଗଙ୍କ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଣୟନ କରୁଛନ୍ତି। ସେଥିମଧ୍ୟରୁ ମାହିଳାଙ୍କ ପାଇଁ ସୁଭଦ୍ରା ଯୋଜନା,ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, କନ୍ୟା ସୁମଙ୍ଗଳ ଯୋଜନା, ଲଖ୍ ପତି ଦିଦି ଯୋଜନା, ଶିକ୍ଷା ପାଇଁ ନୂଆ ଶିକ୍ଷା ନୀତି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, କେଜି ରୁ ପିଜି ନିଃଶୁଳ୍କ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ନଦାତାଙ୍କ ପାଇଁ କୃଷକ ସମୃଦ୍ଧି ଯୋଜନା ଓ ସି ଏମ କିଷାନ ଯୋଜନା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କଲ୍ୟାଣକାରୀ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା ରାଜ୍ୟର ଗରିବଙ୍କ ପାଇଁ ଉତ୍ସର୍ଗୀକୃତ। ସବୁଠାରୁ ଉଲ୍ଲେଖନୀୟ ବିଷୟ ଯେ ଏହି ଯୋଜନା କେବଳ ଘୋଷାଣରେ ସୀମାବଦ୍ଧ ହୋଇ ରହିନାହିଁ, ଏହା ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ତାହାଙ୍କ ପାଖରେ ପହଞ୍ଚୁଛି।

ଅନେକ ସମୟରେ ବିଭିନ୍ନ ମହଲରେ ଆଲୋଚନା ହୁଏ ଯେ ଡବଲ ଇଞ୍ଜିନ ପରେ ଓଡିଶା ପାଇଲା କ’ଣ। ଏହାର ଏକ ଲମ୍ବା ତାଲିକା ଅଛି। ଶଙ୍କ ?ପରେ କହିଲେ ଡବଲ ଇଞ୍ଜିନ ସରକାରଙ୍କ ସୁଫଳ ସ୍ୱରୂପ ଓଡ଼ିଶାକୁ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪୦ ହଜାର କୋଟି ଟଙ୍କାର ସଡ଼କ ପ୍ରକଳ୍ପ, ୨୫ ହଜାର କୋଟିର ବନ୍ଦର ପ୍ରକଳ୍ପ ଏବଂ ୨୫ ହଜାର କୋଟି ଟଙ୍କା ବ୍ୟୟରେ ଜାହାଜ ନିର୍ମାଣ ଓ ମରାମତି ପ୍ରକଳ୍ପ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର,କୋଷ୍ଟାଲ ହାଇୱେ ଆଦି ବିଶାଳ ଭିତ୍ତିଭୂମି ଯୋଗାଇ ଦିଆଯାଇଛି।

ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ କେବେ ହେଲେ କାର୍ପଣ୍ୟତା ପ୍ରଦର୍ଶନ କରି ନାହାନ୍ତି। ଯେତେବେଳେ ରାଜ୍ୟରେ ବିରୋଧୀ ଦଳ ସରକାର ଥିଲା, ସେତେବେଳେ ମଧ୍ୟ ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେତେବେଳେ ଯାହା ସହାୟତା ଦାବି କରଯାଇଥିଲା, ସବୁ ଶ୍ରୀ ମୋଦୀ ଜୀ ଯୋଗାଇ ଦେଇଥିଲେ। ସେ କୋଭିଡ ମହାମାରୀ ପାଇଁ ସହାୟତା ହେଉ କି ପ୍ରକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରୀୟ ସହାୟତା ହେଉ। ଏହି ଉଦାରତା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ରାଜନେତା ଠାରୁ ‘ରାଷ୍ଟ୍ରନେତା’ ଭାବେ ଗଢି ତୋଳିଛି।

ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରଗଠନ ଲକ୍ଷ୍ୟରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି ‘ବିକାଶ ଭି, ବିରାଶତ ଭି’। ଶ୍ରୀ ମୋଦୀ ଜୀ ଙ୍କର ନେତୃତ୍ୱ ଓ ପୃଷ୍ଠପୋଷକତାରେ ଦେଶରେ ‘ସାଂସ୍କୃତିକ ରାଷ୍ଟ୍ରବାଦ’ର ଏକ ନୂତନ ସ୍‌ରୋତ ପ୍ରବାହିତ ହେଉଛି, ଯାହା ଆଗରୁ କେବେ ଦେଖାଯାଇ ନ ଥିଲା। ଆଜି ପ୍ରତ୍ୟେକ ଭାରତୀୟ ଆମର ହଜାର ହଜାର ବର୍ଷର ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ଅନୁସାରେ ଆମ ସରକାର ବି ଓଡିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଗତ ଦୁଇ ବର୍ଷରେ ରାଜ୍ୟ ସରକାର ଓଡିଆ ଭାଷା, ସଂସ୍କୃତି, ପରମ୍ପରା, ବିଶେଷ ଭାବେ ଜଗନ୍ନାଥ ସଂସ୍କୃତିକୁ ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ପରିଚିତ କରିବା ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଓ ଆଗକୁ ଜାରି ରହିବ।

ଭାରତ ଆଜି ଏପରି ଏକ ସମୟରେ ଅଛି ଯେତେବେଳେ ଆକାଂକ୍ଷା ଏବଂ ସମ୍ଭାବନା ଏକାଠି ଆଗକୁ ବଢୁଛି।ଓଡ଼ିଶା ଏହି ଯାତ୍ରାରେ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଚାହୁଁଛି, କେବଳ ଏକ ଅଂଶୀଦାର ନୁହେଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୋର ଜନ୍ମଦିନର ଶୁଭେଚ୍ଛା କେବଳ ଆନୁଷ୍ଠାନିକ ନୁହେଁ।ତାଙ୍କ ପ୍ରତି ସବୁଠାରୁ ଅର୍ଥପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ହେବ ଏକ ବିକଶିତ, ଆତ୍ମନିର୍ଭରଶୀଳ, ଆତ୍ମବିଶ୍ୱାସୀ ଏବଂ ଅନ୍ତର୍ଭୁକ୍ତିବାଦୀ ରାଷ୍ଟ୍ର ଭାବରେ ପରିକଳ୍ପିତ ଭାରତ ଗଠନରେ ଆମର କାର୍ଯ୍ୟ ମାଧ୍ୟମରେ ଯୋଗଦାନ ଦେବା।ଓଡ଼ିଶା ଏହି ଜାତୀୟ ସଂକଳ୍ପ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ।ଏକ ବିକଶିତ ଓଡ଼ିଶାରୁ ଏକ ବିକଶିତ ଭାରତ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆମର ସବୁଠାରୁ ସାର୍ଥକ ଇଚ୍ଛା ଏବଂ ଯଥାର୍ଥ ପ୍ରତିବଦ୍ଧତା।

ମୁଖ୍ୟମନ୍ତ୍ରୀ, ଓଡିଶା

# ଲଳିତା ସପ୍ତମୀ ଓ ବିଶ୍ୱକର୍ମା ପୂଜା

## ଜ୍ୟୋତ୍ସ୍ନା ମହାପାତ୍ର

ଭାଦ୍ରବ ଶୁକ୍ଳ ପକ୍ଷ ସପ୍ତମୀ ଦିନ ଅନୁଷ୍ଠିତ ହୁଏ ଲଳିତା ସପ୍ତମୀ ତଥା କୁକ୍କୁଟୀ ବ୍ରତ ବା ସନ୍ତାନ ସପ୍ତମୀ। ସୁପ୍ରସିଦ୍ଧ ଅଷ୍ଟ ଗୋପୀକା ବା ଅଷ୍ଟସଖୀଙ୍କ ମଧ୍ୟରେ ଲଳିତା, ରାଧାଦେବୀଙ୍କର ଅତି ପ୍ରିୟ। ଗୌଡ଼ୀୟ ବୈଷ୍ଣବ ପରମ୍ପରାରେ ସେ ଖଣ୍ଡିତ ଭାବର ପ୍ରତୀକ। ସେ ଉଭୟ ରାଧା ଓ କୃଷ୍ଣଙ୍କ ଅତି ଅନ୍ତରଙ୍ଗ ଥିଲେ। ଭାଦ୍ରବ ଶୁକ୍ଳ ପକ୍ଷ ସପ୍ତମୀ, ତାଙ୍କ ଜନ୍ମ ଦିବସ। ପୁଣି, ଏହି ଦିନରେ ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ବିବାହିତାମାନେ କୁକ୍କୁଟୀ ବ୍ରତ ବା ସନ୍ତାନ ସପ୍ତମୀ ପାଳନ୍ତି।

ଏହା ମଧ୍ୟ ସନ୍ତାନଙ୍କ ସୁରକ୍ଷା ପାଇଁ ପାଳନ କରାଯାଉଥିବା ବ୍ରତ। ସନ୍ତାନଙ୍କ ସୁଖ-ଶାନ୍ତି କାମନା କରି ଭାରତର କେତେକ ଅଞ୍ଚଳରେ ଉଭୟ ସ୍ତ୍ରୀ ଓ ପୁରୁଷ ଏହି ବ୍ରତ ପାଳନ କରନ୍ତି। ଲୋମେଶ ମୁନି ଦେବକୀ ଓ ବସୁଦେବଙ୍କୁ ତଥା ଶ୍ରୀକୃଷ୍ଣ, ଯୁଧିଷ୍ଠିରଙ୍କୁ ଏହି ବ୍ରତର କାହାଣୀ ଏବଂ ମହତ୍ତ୍ୱ ଶୁଣାଇଥିଲେ। ଅଯୋଧ୍ୟାର ରାଜା ନହୁଷଙ୍କ ପତ୍ନୀ ଚନ୍ଦ୍ରବତୀ ଓ ତାଙ୍କର ବ୍ରାହ୍ମଣୀ ବାନ୍ଧବୀ ରୂପମତୀ, ଏହି ବ୍ରତ ବାବଦରେ ଜାଣିଥିବା ସତ୍ତ୍ୱେ ପାଳନ ନକରି ପଶୁ ଯୋନିରେ ଜନ୍ମ ନେଇଥିଲେ। ପୁଣି ଥରେ, ମଣିଷ ଜନ୍ମ ପାଇବା ପରେ ଚନ୍ଦ୍ରବତୀ ଈଶ୍ୱରୀ ରୂପେ ଏବଂ ରୂପମତୀ, ଭୂଷଣା ରୂପେ ପରିଚିତା ହୋଇଥିଲେ।

ପର ଜନ୍ମରେ ମଧ୍ୟ ଦୁହେଁ ବାନ୍ଧବୀ ଥିଲେ। ଭୂଷଣାଙ୍କର ପୂର୍ବ ଜନ୍ମ କଥା ମନେଥିଲା ଏବଂ ସେ ବ୍ରତ ପାଳନ କରି ଆଠ ପୁତ୍ର ସନ୍ତାନ ପାଇଥିଲେ। ଆଉ ଈଶ୍ୱରୀ ସନ୍ତାନହୀନା ଥିଲେ। ଈର୍ଷାନ୍ୱିତା ହୋଇ ସେ ବାନ୍ଧବୀଙ୍କ ପୁତ୍ରମାନଙ୍କର କ୍ଷତି କରିବାକୁ ଉଦ୍ୟମ କରି, ବିଫଳ ହେବା ପରେ କ୍ଷମା ଭିକ୍ଷା କରିଥିଲେ। ଭୂଷଣାଙ୍କ ପରାମର୍ଶରେ ଶେଷରେ ବ୍ରତ ପାଳନ କରି ପୁତ୍ର ଲାଭ କରିଥିଲେ।

ବିଶ୍ୱକର୍ମା ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ । ସେ ଶିଳ୍ପରାଜ ବିଶ୍ୱକର୍ମା । ତାଙ୍କୁ ଦେବଶିଳ୍ପୀ ଭାବେ ଗ୍ରହଣ କରାଯାଇଛି । ତେବେ, ତାଙ୍କର ରୂପ ଓ ପ୍ରକୃତ ପରିଚୟ ଆଦିକୁ ନେଇ ନାନା କାହାଣୀ, କିମ୍ବଦନ୍ତୀ ରହିଛି । ତାଙ୍କୁ ବିଶ୍ୱନିୟନ୍ତା ନାରାୟଣଙ୍କ ଏକ ରୂପ ଭାବେ କେତେକ ଗ୍ରହଣ କରିଛନ୍ତି । ବିଶ୍ୱକର୍ମାର ଏକ ଅର୍ଥ ହେଉଛି ସୃଷ୍ଟିକର୍ତ୍ତା । ପୁରାଣ ଅନୁଯାୟୀ ଅନନ୍ତଶୟନରେ ଶାୟିତ ନାରାୟଣଙ୍କର ନାଭି କମଳରୁ ସୃଷ୍ଟି ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ତାଙ୍କୁ ବ୍ରହ୍ମାଙ୍କ ଏକ ରୂପ ଭାବେ ମଧ୍ୟ କଳ୍ପନା କରି ପୂଜା କରାଯାଏ । ପଶ୍ଚିମ ବଙ୍ଗ ଓ ବିହାରରେ ବିଶ୍ୱକର୍ମା ହେଉଛନ୍ତି ଶ୍ରୀ ଶ୍ରୀ ନାରାୟଣ ଦେବ । ଭଗବାନଙ୍କୁ ମଣିଷ ନାନା ରୂପରେ କଳ୍ପନା କରିଛି । ଯେତେବେଳେ ସେ ସୃଷ୍ଟି କରନ୍ତି, ସେତେବେଳେ ବ୍ରହ୍ମା ତାଙ୍କର ପାଳନକର୍ତ୍ତା ରୂପ ହେଉଛି ବିଷ୍ଣୁ, ଯେତେବେଳେ ସଂହାର କରନ୍ତି ସେତେବେଳେ ରୁଦ୍ର, ସେହିପରି ତାଙ୍କର ଶିଳ୍ପୀ ରୂପ ହେଉଛି ବିଶ୍ୱକର୍ମା । ସଂକ୍ଷେପରେ ଏତିକି କୁହାଯାଇପାରେ । ଆଶ୍ୱିନ ସଂକ୍ରମଣ ଦିନରେ ବିଶ୍ୱକର୍ମା ପୂଜା ପାଳନ କରାଯାଏ । ଏହି ପୂଜାରେ ତିଥି, ନକ୍ଷତ୍ର ଓ ମୁହୂର୍ତ୍ତ ଆଦିକୁ ବିଚାରକୁ ନିଆଯାଏନାହିଁ । ଅତୀତରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା ପ୍ରଚଳିତ ନଥିଲା । କାରିଗରମାନେ ମୁଖ୍ୟତଃ ଆୟୁଧ ପୂଜା କରୁଥିଲେ । କେହି କେହି ଘଟ ଓ ଶାଳଗ୍ରାମ ପୂଜା କରୁଥିଲେ । ବିଶ୍ୱକର୍ମାଙ୍କ ଉରୂପ ସଂପର୍କରେ ପ୍ରାଚୀନ ଶାସ୍ତ୍ରମାନଙ୍କରେ କିଛି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନଥିବାରୁ ସମ୍ଭବତଃ ତାଙ୍କର ପ୍ରତିମା ପୂଜା ପ୍ରଚଳିତ ନଥିଲା । ଶିଳ୍ପର ବିକାଶ ପରେ ଦେବଶିଳ୍ପୀଙ୍କର ମୂର୍ତ୍ତି ପୂଜନ ଆରମ୍ଭ ହୋଇଥିଲା ।

ଆଜିକାଲି ପ୍ରାୟ ସମସ୍ତ ଶିଳ୍ପାନୁଷ୍ଠାନରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହେଉଛି। ବିଶ୍ୱକର୍ମା ପୂଜାରେ ଗାଡ଼ି ଓ ଇଲେକ୍ଟ୍ରି ସାଜସରଞ୍ଜାମ ପରିଷ୍କାର ପରିଚ୍ଛନ୍ନ ଓ ସଫାସୁତୁରା ହୋଇ ଏହି ଦିନ ପୂଜା ହୋଇଥାଏ। ଭଗବାନ ବିଶ୍ୱକର୍ମାଙ୍କ ମହିମା ସମ୍ପର୍କରେ ଓଡ଼ିଆ ‘ଲକ୍ଷ୍ମୀପୁରାଣ’ରେ ଉଲ୍ଲେଖ ରହିଛି। ମାଆଙ୍କ ଇଚ୍ଛାନୁଯାୟୀ ବିଶ୍ୱକର୍ମା ରାତାରାତି ଏକ ଭବ୍ୟ ନଗରୀ ନିର୍ମାଣ କରିଦେଇଥିଲେ। ବିଭିନ୍ନ ପୁରାଣରେ ବିଶ୍ୱକର୍ମାଙ୍କ ମହିମା ସମ୍ପର୍କରେ ଉଲ୍ଲେଖ ରହିଛି। ଆଜିପରି ପବିତ୍ର ଦିନରେ ଭଗବାନ ବିଶ୍ୱକର୍ମା ଆମ ସମସ୍ତଙ୍କୁ କଲ୍ୟାଣ କରନ୍ତୁ ଏହା ହିଁ ପ୍ରାର୍ଥନା।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧
E-mail : abhisekmohapatra1999@gmail.com

# ଟେକ୍ନୋଲୋଜି : ଭର୍ଚୁଆଲ୍ ରିଆଲିଟି

## ମନସିଜ୍ ଦାସ

ଟେକ୍ନୋଲୋଜିରେ ଦିନକୁ ଦିନ ପରିବର୍ତ୍ତନ ଘଟୁଛି, ଯେଉଁଥିରେ ଭର୍ଚୁଆଲ ରିଆଲିଟିର ବ୍ୟବହାର ବଢୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଯୁବପିଢ଼ି ଭିଡ଼ିଓ ଗେମିଂ କ୍ଷେତ୍ରରେ ଏହାର ସବୁଠୁ ଅଧିକ ବ୍ୟବହାର କରୁଛନ୍ତି। କେବଳ ଏତିକି ନୁହେଁ ଏବେ ଏହି ଟେକ୍ନୋଲୋଜିକୁ ବ୍ୟବହାର କରି ରୋଚକ ଢ଼ଙ୍ଗରେ ଅନଲାଇନ କ୍ଲାସ ନେବା ସହ ଜବ ପାଇଁ ଟ୍ରେନିଂ ଦେବା କାର୍ଯ୍ୟ ମଧ୍ୟ କରାଯାଉଛି। ଇଣ୍ଡଷ୍ଟ୍ରି ରିପୋର୍ଟ ମୁତାବକ ଗତ କିଛି ବର୍ଷ ହେବ ଆମ ଦେଶରେ ରିଆଲ ମାର୍କେଟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଗକୁ ଆହୁରି କରାଯିବାକୁ ଯୋଜନା କରାଯାଉଛି, ଯେଉଁଥିପାଇଁ ଆଗାମୀ ଦିନରେ ଯୁବପିଢ଼ିଙ୍କ ପାଇଁ ଭିଆର ଆପ୍ଲିକେଶନ ଆଧାରିତ ଜବ୍ ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ।

ଦିନକୁ ଦିନ ଭର୍ଚୁଆଲ ରିଆଲିଟିର ଉପଯୋଗ ବଢ଼ିବାରେ ଲାଗିଛି। କାରଣ ଅବାସ୍ତବ ହେଲେ ବି ଏହା ଏକ ଏଭଳି ବାସ୍ତବ ଓ ପ୍ରକୃତ ପରିବେଶର ଭ୍ରମ ସୃଷ୍ଟି କରେ, ଯାହାକି ମଣିଷକୁ ଏକ ଭିନ୍ନ ଧରଣର ରୋମାଞ୍ଚକର ଅନୁଭବ ଦେଇଥାଏ। ଯେଉଁଥିରେ ଏହା ମଣିଷକୁ ଏଭଳି ଏକ ଦୁନିଆରେ ପହଞ୍ଚାଇ ଦେଇଥାଏ, ଯାହାକୁ ନା କେବଳ ନିଜ ଇଚ୍ଛା ଅନୁସାରେ କଣ୍ଟ୍ରୋଲ କରାଯାଇପାରେ ବରଂ ଏହାର ଆଖପାଖର ବାତାବରଣ ସହିତ ଇଣ୍ଟରଆକ୍ଟ ମଧ୍ୟ କରାଯାଇପାରେ। ଯେଉଁଥିପାଇଁ ଗେମିଂ ଏବଂ ଏଣ୍ଟରଟେନମେଣ୍ଟ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯାଉଛି। ଯାହାଦ୍ୱାରା ୟୁଜରଙ୍କୁ ଗୋଟିଏ ସ୍ଥାନରେ ବସି ଫିଲ୍ଡରେ ଖେଳିବା, ରାସ୍ତାରେ ବାଇକ କିମ୍ବା କାର ରେସିଂ କରିବା ଭଳି ପ୍ରକୃତରେ ଖେଳିବା ଭଳି ଅନୁଭବ ମିଳିପାରୁଛି। ସେହିପରି ମ୍ୟୁଜିକ ଓ ଡାନ୍ସ ଲଭରଙ୍କୁ ଘରେ ବସି ଭିଆର ଦ୍ୱାରା ହଲରେ ବସି ଫିଲ୍ମ ଦେଖିବା ଲାଇଭ ମ୍ୟୁଜିକ କନ୍ସର୍ଟ ଆଟେଣ୍ଡ କରିବାର ମଜା ମିଳିପାରୁଛି। କେବଳ ଏତିକି ନୁହେଁ ଆକ୍ଟିଭ ଲାଇଫଷ୍ଟାଇଲ ପାଇଁ ବର୍ତ୍ତମାନ ଭିଆର ଏକ୍ସରସାଇଜ ଗେମ ବି ଖୁବ ଡିମାଣ୍ଡରେ ରହୁଛି। ସେହିପରି ଶିକ୍ଷାକ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଭର୍ଚୁଆଲ ଶିକ୍ଷା ବି ଅଧିକ ଇଣ୍ଟରଆକ୍ଟିଭ ଏବଂ ଇଣ୍ଟରେଷ୍ଟିଙ୍ଗ ହୋଇପାରୁଛି। ଉଦାହରଣ ସ୍ୱରୂପ ଭିଆର ଦ୍ୱାରା ପ୍ରସ୍ତୁତ ଦି ମ୍ୟାଜିକ ସ୍କୁଲ ବସକୁ ନିଆଯାଇପାରେ। ଯେଉଁଥିରେ ଛାତ୍ରଛାତ୍ରୀମାନେ ଘରେ ବସି ବିଭିନ୍ନ ସ୍ଥାନକୁ ଫିଲ୍ମ ଟ୍ରିପରେ ଯିବା, ଚନ୍ଦ୍ରପୃଷ୍ଠରେ ଠିଆ ହେବା, ଇଣ୍ଟରନାଶନାଲ ସ୍ପେଶ ସେଣ୍ଟର ଭିତରେ ଠିଆ ହେବା ଭଳି ଅନୁଭବ କରିପାରିବେ। ଚିକିତ୍ସା କ୍ଷେତ୍ରରେ ମଧ୍ୟ ଭର୍ଚୁଆଲ ରିଆଲିଟିକୁ ବ୍ୟବହାର କରାଯାଉଛି। ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ଥେରାପି ପାଇଁ ଭିଆର ବେଶ ଉପଯୋଗୀ ହୋଇପାରୁଛି।

ଗେମ, ସ୍ୱାସ୍ଥ୍ୟସେବା, ଶିକ୍ଷା, ମନୋରଞ୍ଜନ ଠାରୁ ଆରମ୍ଭ କରି ଆହୁରି ଅନେକ କ୍ଷେତ୍ରରେ ଭର୍ଚୁଆଲ ରିଆଲିଟି ଟେକନିକର ବ୍ୟବହାର ବୃଦ୍ଧି ପାଇଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅଧିକରୁ ଅଧିକ ଜବ ଅପ୍ସନ ମିଳିପାରୁଛି। ଆଗ୍ରହୀ ଯୁବପିଢ଼ି ଏହାକୁ ଶିଖି ଗେମ ଡେଭେଲପର, ଭିଆର କଣ୍ଟେଣ୍ଟ କ୍ରିଏଟର, ଭିଆର ଇଞ୍ଜିନିୟର, ଭିଆର ଥେରାପିଷ୍ଟ ଭାବେ କାର୍ଯ୍ୟ କରିପାରିବେ। ଭିଆର ସ୍କିଲ ଥିବା ପ୍ରଫେଶନାଲଙ୍କ ପାଇଁ ବର୍ତ୍ତମାନ ଆପ୍ଲିକେଶନ ଏବଂ ଗେମ ଡେଭେଲପମେଣ୍ଟ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ମିଳୁଛି। ଥ୍ରିଡ଼ି ମଡ଼େଲିଂ, ଆନିମେଶନ ଭଳି କାର୍ଯ୍ୟ ପାଇଁ ଆଜିର ଦିନରେ ଏହାର ବହୁତ ବ୍ୟବହାର କରାଯାଉଛି। ଏହାଦ୍ୱାରା ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ୱେବସାଇଟ ଏବଂ ଆପ୍ସ ବ୍ୟବହାରକୁ ଅଧିକ ସହଜ ଓ ଇଣ୍ଟରଆକ୍ଟିଭ କରିବା ଲାଗି ଏହାର ୟୁଜର ଏକ୍ସପେରିଏନ୍ସ ଏବଂ ୟୁଜର ଇଣ୍ଟରଫେସକୁ ଭିଆର ମାଧ୍ୟମରେ ଥ୍ରିଡ଼ି ଡିଜାଇନ ପ୍ରସ୍ତୁତ କରାଯାଉଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କୁ ଭିଆର ଡେଭେଲପର, ଭିଆର କଣ୍ଟେଣ୍ଟ କ୍ରିଏଟର, ଥ୍ରିଡ଼ି ଆର୍ଟିଷ୍ଟ, ୟୁଏକ୍ସ/ୟୁଆଇ ଡିଜାଇନର ଭାବେ ଅନେକ ଜବ ଅପ୍ସନ ମିଳୁଛି। (କ୍ରମଶଃ)

## ଆଇସିଏନ୍ ଜାତୀୟ ପ୍ରତିଯୋଗିତାରେ ଦୀପକ ଧରୁଆଙ୍କୁ ରୌପ୍ୟ ପଦକ

ପାଟଣାଗଡ଼ ( ମହାଭାରତ ) ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକର ବଗଲକ୍ଷବନ୍ଧ ଗ୍ରାମର ଯୁବ ପ୍ରତିଭା ଦୀପକ ଧରୁଆ ହାଇଦ୍ରାବାଦଠାରେ ଆୟୋଜିତ ସମ୍ପ୍ରତିକ 'ଆଇ କମ୍ପିଟ ନ୍ୟାଚୁରାଲ୍' (ଆଇ.ସି.ଏନ ) ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରି ଓଡ଼ିଶା ସହ ବଲାଙ୍ଗିର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ଆଜି ଏକ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଶ୍ରୀ ଧରୁଆଙ୍କୁ ଅଭିନନ୍ଦନ ଜଣାଇବା ସହ ଡ. ବି.ଆର୍. ଆମ୍ବେଦକର ପଦକ ପ୍ରଦାନ କରି ସମ୍ମାନିତ କରିଥିଲେ। ଶ୍ରୀ ବିଶି କହିଥିଲେ ଯେ, ଜଣେ



ଗ୍ରାମାଞ୍ଚଳର ଆଦିବାସୀ ଯୁବକ ଉପଯୁକ୍ତ ପ୍ରଶିକ୍ଷକ, ଉନ୍ନତ ପ୍ରଶିକ୍ଷଣ ସୁବିଧା ଓ ଆବଶ୍ୟକ ପୁଷ୍ଟିକର ଖାଦ୍ୟର ସୁବିଧା ବିନା ନିଜସ୍ୱ ପରିଶ୍ରମ, ଶୃଙ୍ଖଳା ଓ ଦୃଢ଼ ସଂକଳ୍ପରେ ଜାତୀୟ ସ୍ତରରେ ରୌପ୍ୟ ପଦକ ହାସଲ କରିବା ଅତ୍ୟନ୍ତ ପ୍ରଶଂସନୀୟ। "ଦୀପକ ଧରୁଆଙ୍କ ଏହି ସଫଳତା କେବଳ ବଲାଙ୍ଗିର ନୁହେଁ, ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ତାଙ୍କ ସଫଳତା ଗ୍ରାମାଞ୍ଚଳର ଅନେକ ଯୁବ ପ୍ରତିଭାଙ୍କୁ ପ୍ରେରଣା ଦେବ," ବୋଲି ସେ କହିଥିଲେ।

ଉପଯୁକ୍ତ ପ୍ରଶିକ୍ଷଣ, ପୁଷ୍ଟିକର ଖାଦ୍ୟ ଓ ଆର୍ଥିକ ସହାୟତା ମିଳିଲେ ଶ୍ରୀ ଧରୁଆ ଭବିଷ୍ୟତରେ ଆହୁରି ବଡ଼ ଜାତୀୟ ଓ ଆନ୍ତର୍ଜାତୀୟ ସଫଳତା ହାସଲ କରିପାରିବେ ବୋଲି ଶ୍ରୀ ବିଶି ଆଶା ପ୍ରକାଶ କରିଥିଲେ।

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ବିଭିନ୍ନ ପଦାଧିକାରୀଙ୍କ ସମେତ ସଇଁତଳା ବ୍ଲକ ସଭାପତି ସନ୍ତୋଷ ପୁଟା, କାର୍ଯ୍ୟକାରୀ ସଭାପତି ଶୁଭ ଛତ୍ରିଆ,ଆଦିବାସୀ ନେତା ପଞ୍ଚାନନ ମାଝି,କନ୍ଦର୍ପ ଭୋଇ,, କୀର୍ତ୍ତି ଭୋଇ, ଗଣେଶ ଭୋଇ, ବୀରେନ୍ଦ୍ର ଭୋଇ,ପବନ ଭୋଇ, ଲଳିତ ମଲ୍ଲିକ, ଘନ ଭୋଇ, ଜଳ ଧରୁଆ, ଚୂଡ଼ାମଣି ଧରୁଆ ଆଦିବାସୀ ମହିଳା ନେତ୍ରୀ ଶ୍ରୀମତୀ ପ୍ରମିଳା ଭୋଇ, ଶ୍ରୀମତୀ ରେବତୀ ମହାଲିଙ୍ଗ, ଶ୍ରୀମତୀ ମିନତୀ ଭୋଇ, ଶ୍ରୀମତୀ କଳ୍ପନା ମିର୍ଦ୍ଧା,ଶ୍ରୀମତୀ ଉପମା ଭୋଇ,ଶ୍ରୀମତୀ ସୁଜାତା ଭୋଇ, ଶ୍ରୀମତୀ ରଚନା ଭୋଇ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଦୀପକ ଧରୁଆଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ବଜ୍ରାଘାତରେ ବୃଦ୍ଧ ସହ ବଳଦ ମୃତ

ମୋହନା, (ମହାଭାରତ): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ତରାମାଳ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଘଟିଥିବା ଏକ ଦୁଃଖଦ ବଜ୍ରାଘାତ ଘଟଣାରେ ଜଣେ ବୃଦ୍ଧ ଓ ତାଙ୍କ ବଳଦର ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ ଉକ୍ତ ଗ୍ରାମର ଜାବି ମଳିକ (୭୦)। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ମୋହନା ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘନ ଘନ ବଜ୍ରପାତ ହେଉଥିଲା। ଜାବି ମଳିକ ପ୍ରତିଦିନ ଭଳି ସକାଳେ ଗୋରୁ ଚରାଇବା ପାଇଁ ଯାଇଥିଲେ। ଅପରାହ୍ନରେ ବର୍ଷା ଆରମ୍ଭ ହେବାରୁ ସେ ଗୋରୁମାନଙ୍କୁ ନେଇ ଘରକୁ ଫେରିଥିଲେ। ଘର ପହଞ୍ଚିବା ପରେ ସେ ନିଜ ବଳଦକୁ ଗୁହାଳରେ ବାନ୍ଧୁଥିବା ବେଳେ ହଠାତ୍ ଏକ ପ୍ରଚଣ୍ଡ ବଜ୍ରପାତ ହୋଇଥିଲା। ବଜ୍ରାଘାତ ସିଧାସଳଖ ଭାବେ ଗୁହାଳ ନିକଟରେ ହୋଇଥିବାରୁ ଜାବି ମଳିକ ଓ ତାଙ୍କ ବଳଦ ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ। ବଜ୍ରପାତର ତୀବ୍ରତା ଏତେ ଅଧିକ ଥିଲା ଯେ ଉଭୟଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଘଟଣା ସମୟରେ ପରିବାର ଲୋକ ଓ ଗ୍ରାମବାସୀ ଏକ ପ୍ରଚଣ୍ଡ ଶବ୍ଦ ଶୁଣି ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ସେଠାରେ ବୃଦ୍ଧ ଓ ବଳଦକୁ ନିଷ୍ପ୍ରାଣ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହି ଅଭାବନୀୟ ଘଟଣା ପରେ ତରାମାଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ସ୍ଥାନୀୟ ଲୋକେ ପ୍ରଶାସନକୁ ସୂଚନା ଦେଇଥିଲେ। ତେବେ ବାର୍ତ୍ତା ଲେଖାହେବା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବା ଜଣାପଡ଼ିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଏଏମ୍/ଏନଏସ୍ ଇଣ୍ଡିଆକୁ ୪ର୍ଥ ପାଓାର-ଜେନ୍ ଲିଡରସିପ୍ ୨୦୨୬ ପୁରସ୍କାର

ପାରାଦୀପ, (ମହାଭାରତ) : ନୂଆଦିଲ୍ଲୀସ୍ଥିତ କାଉନସିଲ୍ ଅଫ ଏନଭିରୋ ଏକ୍ସେଲେନ୍ସ ଦ୍ୱାରା ଆୟୋଜିତ ଚତୁର୍ଥ ନ୍ୟାସନାଲ୍ ପାଓାର-ଜେନ୍ ଲିଡରସିପ୍ ପୁରସ୍କାର-୨୦୨୬ରେ ୫୦ ମେଗାୱାଟ୍‌ରୁ କମ୍ ସିପିପି କୋଇଲା ୟୁନିଟ୍ ବେର୍ଗର ଉତ୍କର୍ଷତା ପାଇଁ ଆର୍ସେଲରମିତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ ଏନ୍‌ଏସ୍ ଇଣ୍ଡିଆ)ର ପାରାଦୀପସ୍ଥିତ କ୍ୟାପ୍ଟିଭ୍ ପାଓାର ପ୍ଲା□ (ସିପିପି)କୁ ସଷ୍ଟେନେବୁଲ୍ ପରଫର୍ମାନ୍ସ ସମ୍ମାନରେ ସମ୍ମାନୀତ କରାଯାଇଛି । କେନ୍ଦ୍ରୀୟ ବିଦ୍ୟୁତ ନିୟାମକ କମିସନର ଇଂଜିନିୟରିଂ ବିଭାଗ ଜଏ□ ଚିଫ୍ ଅନ୍ନାମଲାଇ




ଆର୍ ଏବଂ ସିଇଇର ଆଡଭାଇଜରି ବୋର୍ଡ ସଦସ୍ୟ ତଥା ଇ ଥ୍ରିପ୍ ଓାଇ ଏଆଇ ଏବଂ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ଆଡଭାଇଜର ଡଃ. ହିମାଦ୍ରି ବାନାର୍ଜୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏଏମ୍/ଏନ୍‌ଏସ୍ ଇଣ୍ଡିଆ କ୍ୟାପ୍ଟିଭ ପାଓାର ପ୍ଲା□ ଅପରେସନ୍ସ ବିବାଗ ସିନିୟର ମ୍ୟାନେଜର ବିଜୟ କୁମାର ମହାନ୍ତ ଏହି ପୁରସ୍କାର ଗ୍ରହଣ କରିଥିଲେ । ସମ୍ପୂର୍ଣ୍ଣ ଭାବେ ଘରୋଇ କୋଇଲା ଦ୍ୱାରା ପରିଚାଳିତ ପାରାଦୀପସ୍ଥିତ ସିପିପି ପରିଚାଳନାଗତ କ୍ଷମତା, ପରିବେଶ ସୁରକ୍ଷା ଏବଂ ଦୀର୍ଘସ୍ଥାହୀ ଉର୍ଜା ପ୍ରୟୋଗ କ୍ଷେତ୍ରରେ ନିରନ୍ତର ଭାବେ ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ଉତ୍କୃଷ୍ଟ ମାନଦଣ୍ଡ ସ୍ଥାପନ କରିଆସିଛି ବୋଲି କମ୍ପାନୀ ପକ୍ଷରୁ ମିଳିଥିବା ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

## ବିଶ୍ୱକର୍ମା ପୂଜାରେ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ପାରାଦୀପ, (ମହାଭାରତ) : ପାରାଦୀପର ଅନ୍ୟତମ ପ୍ରମୁଖ ସ୍ୱେଚ୍ଛାସେବୀ ସଙ୍ଗଠନ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉପଲକ୍ଷେ ଶୁକ୍ରବାର ସକାଳେ ବଡପଡିଆ ଥାନା ଛକରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ରାସ୍ତା ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି । ଟ୍ରଷ୍ଟର ଉପଦେଷ୍ଟା ନିରଂଜନ ନାୟକଙ୍କ ତତ୍ତ୍ୱାବଧାନରେ ଏହି ସେବା କାର୍ଯ୍ୟକ୍ରମରେ ଇନ୍ଦିରା ଗାନ୍ଧୀ ଟ୍ରଷ୍ଟର ସଦସ୍ୟମାନେ ମିଳିତ ଭାବେ ସାମିଲ ହୋଇଥିଲେ । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ସଫେଇ କାର୍ଯ୍ୟ ଜାରୀ ରହିବ ବୋଲି ନଗର କଂଗ୍ରେସ୍ ସଭାପତି କେଦାରନାଥ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ଏନଏସି ପ୍ଲାଣ୍ଟ ଭ୍ରମଣକଲେ ବିଦ୍ୟାଳୟ ଛାତ୍ରଛାତ୍ରୀ

ଓଡଗାଁ, (ମହାଭାରତ):ସେପ୍ଟେମ୍ବର ୧୭ ତାରିଖରୁ ମାସେ ବ୍ୟାପି ସାରା ରାଜ୍ୟରେ ସ୍ୱଛତାହିଁ ସେବାପକ୍ଷ ପାଳନ କରାଯାଉଛି ।ବିଦ୍ୟାଳୟ ସ୍ତରରୁ ପିଲାମାନଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରିବା ଉଦ୍ଦେଶ୍ୟରେ ଓଡଗାଁ ଏନଏସି କାର୍ଯ୍ୟାଳୟ ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀ ମଧ ଇଂରାଜୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଜାରିଙ୍ଗି ସ୍ଥିତ ଏନଏସିର ସାମଗ୍ରୀ ପୁନଃ ଉଦ୍ଧାରକେନ୍ଦ୍ର ଭ୍ରମଣର ଆୟୋଜନ କରାଯାଇଥିଲା ।ଏନଏସି ସଫେଇ ବିଭାଗ ମୁଖ୍ୟ ବରଦା ପ୍ରସନ୍ନ ଦାସଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ୫୦ରୁ ଉର୍ଦ୍ଧ୍ୱ ଛାତ୍ର ପ୍ଲାଣ୍ଟସ୍ଥିତ ଅଣୁ ଜୈବସାର ପ୍ରକ୍ରିୟା କରଣକେନ୍ଦ୍ର,ସାମଗ୍ରୀ ପୁନଃ ଉଦ୍ଧାର କେନ୍ଦ୍ର,ମଳ ଉପଚାରକେନ୍ଦ୍ର ବୁଲି ଦେଖିବାସହ ଏହା କିପରି କାର୍ଯ୍ୟକରୁଛି ପ୍ରତ୍ୟକ୍ଷ ଭାବରେ ପ୍ଲାଣ୍ଟ କର୍ମଚାରୀ ମାନେ ପିଲାଙ୍କୁ ଅବଗତ କରିଥିଲେ ।ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷୟିତ୍ରୀମାନଙ୍କୁ କାର୍ଯ୍ୟାଳୟ ତରଫରୁ ମାସ୍କ ଲଗେଇବାକୁ ଦିଆଯାଇଥିଲା ।ସ୍ୱଚ୍ଛ,ସୁନ୍ଦର ପରିବେଶରେ ବୈଜ୍ଞାନିକ ପଦ୍ଧତିରେ କିଭଳି ଆବର୍ଜନାକୁ ପୁଣି ବ୍ୟବହାର ଯୋଗ୍ୟ କରାଯାଉଛି ତାହାଦେଖି ପିଲାମାନେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପୁନଃ ଚକ୍ରଣ ଯୋଗ୍ୟ ଓ ପୁନଃ ଚକ୍ରଣ ଅଯୋଗ୍ୟ ବସ୍ତୁ ବିଷୟରେ ବାସ୍ତବ ଜ୍ଞାନବୃଦ୍ଧି କରିବାରେ ସହାୟକହେବା ସହ ସ୍ୱଛତାହିଁ ସେବା,ଏହି ମନୋଭାବ ସୃଷ୍ଟି କରିବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି ।ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁଙ୍କ ସମେତ ଗିର୍ବାଣୀ କର ଓ ସ୍ୱର୍ଣ୍ଣଲତା ସାହୁ ପିଲାଙ୍କ

## ସାମ୍ବାଦିକଙ୍କୁ 'ଗୋଧି ମିଡିଆ' ସମ୍ବୋଧନ ଘଟଣାକୁ ନିନ୍ଦା ସ୍ପଷ୍ଟୀକରଣ ଦାବି କରିବ ସୁନ୍ଦରଗଡ଼ ଜିଲ୍ଲା ୱେବ୍ ମିଡିଆ ସଂଘ




ସୁନ୍ଦରଗଡ଼:(ଅଟଳ ବିହାରି ପଣ୍ଡା) : ସୁନ୍ଦରଗଡ଼ର ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଜିଲ୍ଲା କଂଗ୍ରେସ ସଭାପତି 'ଗୋଧି ମିଡିଆ' ବୋଲି ସମ୍ବୋଧନ କରିଥିବା ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛି ସୁନ୍ଦରଗଡ଼ ଜିଲ୍ଲା ୱେବ୍ ମିଡିଆ ସଂଘ। ଏହି ଘଟଣାକୁ ସଂଘ ପକ୍ଷରୁ ଦୃଢ଼ ଭାବେ ନିନ୍ଦା କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଗଣମାଧ୍ୟମ କୌଣସି ରାଜନୈତିକ ଦଳର ସମର୍ଥକ ନୁହେଁ। ଜନସାଧାରଣଙ୍କ ସମସ୍ୟା, ପ୍ରଶ୍ନ ଓ ବିଭିନ୍ନ ଘଟଣାକୁ ସମାଜ ସମ୍ମୁଖକୁ ଆଣିବା ସାମ୍ବାଦିକଙ୍କ ଦାୟିତ୍ୱ। କୌଣସି ଖବର କିମ୍ବା ରିପୋର୍ଟକୁ ନେଇ ମତଭେଦ ରହିଲେ ତଥ୍ୟ, ଯୁକ୍ତି ଓ ପ୍ରମାଣ ଆଧାରରେ ତାହାର ଜବାବ ଦିଆଯାଇପାରେ। କିନ୍ତୁ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଅପମାନଜନକ ଶବ୍ଦରେ ସମ୍ବୋଧନ କରିବା ଗଣମାଧ୍ୟମର ମର୍ଯ୍ୟାଦା ଓ ସାମ୍ବାଦିକଙ୍କ ସମ୍ମାନ ପ୍ରତି ପ୍ରଶ୍ନ ଉଠାଏ ବୋଲି ସଂଘ କହିଛି। ସାମ୍ବାଦିକଙ୍କ ସମ୍ମାନ, ମର୍ଯ୍ୟାଦା ଓ ସ୍ୱାଧୀନ ସାମ୍ବାଦିକତାର ପ୍ରଶ୍ନରେ ସଂଘ ନିରବ ରହିବ ନାହିଁ ବୋଲି ଏହାର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିକଟରୁ ସ୍ପଷ୍ଟୀକରଣ ଓ ଜବାବ ମଗାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଗଣମାଧ୍ୟମ ଓ ରାଜନୈତିକ ଦଳ ମଧ୍ୟରେ ମତଭେଦ କିମ୍ବା ମତାନ୍ତର ରହିପାରେ। ତେବେ ମତଭେଦ ପ୍ରକାଶ କରିବାର ଗଣତାନ୍ତ୍ରିକ ଅଧିକାର ଥିବା ସତ୍ତ୍ୱେ ସାମ୍ବାଦିକଙ୍କ ସମ୍ମାନ ଓ ମର୍ଯ୍ୟାଦା ପ୍ରତି ସମସ୍ତ ପକ୍ଷ ସମ୍ବେଦନଶୀଳ ରହିବା ଆବଶ୍ୟକ ବୋଲି ସୁନ୍ଦରଗଡ଼ ଜିଲ୍ଲା ୱେବ୍ ମିଡିଆ ସଂଘ ମତ ପ୍ରକାଶ କରିଛି।

## ଏକ ପେଡ୍ ମା କେ ନାମ୍ ଅବସରରେ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ହେନ୍ତାଳ ଚାରାରୋପଣ

ପାରାଦୀପ, (ମହାଭାରତ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ପାଳନ ଅବସରରେ ଜଗତସିଂହପୁର ଜିଲ୍ଲାର ଜଣାଶୁଣା ପରିବେଶ ସୁରକ୍ଷା ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳି ପକ୍ଷରୁ ମହାନଦୀ ମୁହାଣସ୍ଥିତ ଆମ୍ବଗୋଲା କୁଦରେ ଦୀର୍ଘ ତିନି ଦିନ ଧରି ବ୍ୟାପକ ହେନ୍ତାଳ ଚାରାରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପରିଷଦର ସଭ୍ୟମାନେ ମତ୍ସ୍ୟଜୀବୀ ସମ୍ପ୍ରଦାୟର ମୁଖିଆମାନଙ୍କ ସହିତ ଡଙ୍ଗାରେ ବନି, ଓରୁଅ, ଗରାଣୀ, ସିନ୍ଦୁକା, ରାଇ ପ୍ରଭୃତି ବିଭିନ୍ନ କିସମର ହେନ୍ତାଳ ଚାରାରୋପଣ କରିଥିଲେ । ପ୍ରକାଶଥାଉକି, ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳି ପ୍ରକୃତି, ପରିବେଶ ସୁରକ୍ଷା ଓ ମହାନଦୀ ମୁହାଣରେ ବ୍ୟାପକ ହେନ୍ତାଳ ବନ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା




ଦୁଇ ଥର ପ୍ରକୃତି ବନ୍ଧୁ, ଦୁଇ ଥର ପ୍ରକୃତି ମିତ୍ର ପୁରସ୍କାର ହାସଲ କରିଥିବା ବେଳେ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ପରିଷଦର ପ୍ରତିଷ୍ଠାତା ଇଂ. ଅମରେଶ ନରେଶ ସାମନ୍ତଙ୍କୁ ୨୦୧୯ ମସିହାରେ ବିଜୁ ପଟ୍ଟନାୟକ ଓ ୨୦୨୫ ମସିହାରେ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସବଡିଭିଜନ୍ ସ୍ତରୀୟ ପୁରସ୍କାରରେ ସମ୍ମାନୀତ ହୋଇଛନ୍ତି । ପରିଷଦର ଏତାଦୃଶ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ୭୫ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ପରିଷଦର ପ୍ରତିଷ୍ଠାତା ଇଂ. ଅମରେଶ ନରେଶ ସାମନ୍ତଙ୍କୁ ପ୍ରଶଂସା କରିଥିଲେ । ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କାଳନ୍ଦୀ ବାରିକ, ଅମରେଶ ନରେଶ ସାମନ୍ତ, ପ୍ରଦୀପ ପରିଡା, ଅମୂଲ୍ୟ ଦାସ, ଦୀପକ ପରିଡା, ସୁମନ ସାହୁ, ଅଭିଜିତ ପଲେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆଗାମୀ ଦିନରେ ଏହି ଭଳି ହେନ୍ତାଳ ବନ ସୃଷ୍ଟି ଦିଗରେ କାର୍ଯ୍ୟ ଜାରୀ ରହିବ ବୋଲି ସଭାପତି ଅଶୋକ ମାଝୀ, ସମ୍ପାଦକ ଦିଲ୍ଲୀପ ପଲେଇ ପ୍ରକାଶ କରିଛନ୍ତି ।

## ସ୍କର୍ପିଓ ଧକ୍କାରେ ବାଇକ୍ ଚାଳକ ମୃତ, କ୍ଷତିପୂରଣ ଓ ନ୍ୟାୟ ଦାବିରେ ରାଜପଥ ଅବରୋଧ

ଲକ୍ଷ୍ମୀପୁର, ୧୮/୦୯ (ମହାଭାରତ ): ଝିଅର ଜନ୍ମଦିନ ପାଳନ କରି ଘରକୁ ଫେରିବା ପୂର୍ବରୁ ଅକାଳରେ ଜୀବନ ହରାଇଲେ ବାପା। ସ୍କର୍ପିଓ ଧକ୍କାରେ ଲକ୍ଷ୍ମୀପୁର ବ୍ଲକ୍ ? ଚମ୍ପି ପଞ୍ଚାୟତ ଅନ୍ତର୍ଗତ ଟିମାଝୋଲା ଗ୍ରାମର ମାଝୀ ହିକକା (୩୫)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ନ୍ୟାୟ ଦାବିରେ ଉତ୍ତେଜନା ପ୍ରକାଶ ପାଇଛି ।ସୂଚନା ଅନୁଯାୟୀ, ଗୁରୁବାର ମାଝୀଙ୍କ ସାନ ଝିଅର ଜନ୍ମଦିନ ଥିଲା। ଘରେ ଝିଅର ଜନ୍ମଦିନ ପାଳନ କରିବା ପରେ ସେ କୌଣସି କାମରେ ତୋୟାପୁଟ ଛକକୁ ଯାଇଥିଲେ। ରାତି ପ୍ରାୟ ୯ଟା ସମୟରେ ବାଇକ୍ ? ଯୋଗେ ଘରକୁ ଫେରୁଥିବା ବେଳେ ତୋୟାପୁଟ ଛକ ନିକଟରେ ଏକ କଳା ରଙ୍ଗର ସ୍କର୍ପିଓ (ଓଡି-୧୮-ପି-୯୯୯୮) ପଛପଟୁ ତାଙ୍କ ବାଇକ୍ ?କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ବାଇକ୍ ?ଟି ପ୍ରାୟ ୨୦ ମିଟର ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯାଇଥିବା ବେଳେ ମାଝୀ ରାସ୍ତାର ଅନ୍ୟପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ମାଝୀଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ସ୍କର୍ପିଓ ଚାଳକ ଗାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଲକ୍ଷ୍ମୀପୁର ପୋଲିସ ତଦନ୍ତ ଆରମ୍ଭ କରିଛି। ଏପଟେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ନ୍ୟାୟ ଦାବିରେ ଗତକାଲି ରାତି ପ୍ରାୟ ୧୦ଟାରୁ ସ୍ଥାନୀୟ ଲୋକେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିବା ସହ ଯାତାୟାତ ବ୍ୟାହତ ହୋଇଛି। କିଛି ସମୟ ପାଇଁ ଅବରୋଧ ହଟିଥିଲେ ମଧ୍ୟ ପରେ ପୁଣି ଅବରୋଧ ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ବିଶ୍ୱକର୍ମା ପୂଜା ପାଇଁ ପାରାଦୀପ ସହର ସରଗରମ

ପାରାଦୀପ-୧୮।୦୯- ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଇଁ ସରଗରମ ହୋଇ ଉଠିଛି ବନ୍ଦର ଓ ଶିଳ୍ପ ସହର ପାରାଦୀପ । ଗୁରୁବାର ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ସାତ ଦିନ ଧରି ଚାଲିବ । ପାରାଦୀପ ସହରରେ ପାରାଦୀପ ବନ୍ଦର ବିଦ୍ୟୁତ ବିଭାଗ, ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ, ସାମୁଦ୍ରିକ ବିଭାଗ, ଶ୍ରମିକ ସଙ୍ଗଠନ ପାରାଦୀପ ପୋର୍ଟ ମଜଦୁର ସଂଘ, ଭାରତୀୟ ବନ୍ଦର ମଜଦୁର ସଂଘ, ଉତ୍କଳ ପୋର୍ଟ ଆଣ୍ଡ ଡକ୍ କଜଦୁର ସଂଘ, ପିପିଡିଏମୟୁ, ଜଗନ୍ନାଥ ଟ୍ରକ୍ ମାଲିକ ସଂଘ, ପାରାଦୀପ ଟ୍ରକ୍ ମାଲିକ ସଂଘ, ଡମ୍ଫର ମାଲିକ ସଂଘ, ମତ୍ସ୍ୟ ଉତ୍ପାଦକ ସଂଘ, ବସ୍ ମାଲିକ ସଂଘ, ଅଟୋ ମାଲିକ ସଂଘ ଭଳି ଅନୁଷ୍ଠାନମାନଙ୍କ ପକ୍ଷରୁ ଆକର୍ଷଣୀୟ ତୋରଣମାନ ନିର୍ମାଣ କରାଯାଇଛି । ସାତ ଦିନ ଧରି



ଆୟୋଜକମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ କଳାକାରମାନେ ଯୋଗ ଦେବେ । ଗୁରୁବାର ଦିନ ପୂଜା ମଣ୍ଡପମାନଙ୍କ ପକ୍ଷରୁ କଳସ ଯାତ୍ରା ସହର ପ୍ରକମ୍ପିତ କରିଥିଲା ।

## ସେବା ପକ୍ଷରେ ଆଶିର୍ବାଦର ଦୀପ ପ୍ରଜ୍ୱଳନ

ଉମରକଟ, (ମହାଭାରତ) : ଗୁରୁବାର ନବରଙ୍ଗପୁର ଜିଲ୍ଲା ଉମରକଟ ଠାରେ ଆଶିର୍ବାଦର ଦୀପ କାର୍ଯ୍ୟକ୍ରମ ପାଳନ କରାଯାଇଛି । ଆଶିର୍ବାଦ ର ଦୀପ ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ୧୭ ସେପେ୍ଟମ୍ବର ଏବଂ ସାର୍ବଜନୀ ଜୀବନରେ ତାଙ୍କର ୨୫ ବର୍ଷ ପୁର୍ତ୍ତି ଉପଲକ୍ଷେ ଭାଜପା ଦ୍ୱାରା ଆରମ୍ଭ କରାଯାଇଥିବା ଏକ ବିକ୍ଷେଶ କାର୍ଯ୍ୟକ୍ରମ ଏହିଦିନ ସନ୍ଧ୍ୟା ୬:୦୦ ଟାରୁ ୭:୦୦ ମଧ୍ୟରେ ପ୍ରତ୍ୟକଙ୍କ ଘରେ ଗୋଟିଏ ଦୀପ ଜାଳିବାକୁ ନିବେଦନ କରାଯାଇ ଅଛି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉତ୍ତମ ସ୍ୱାସ୍ଥ୍ୟ,



ଦିର୍ଘାୟୁ ଏବଂ ରାଷ୍ଟ୍ର ସେବା ପାଇଁ କାମନା କରିବା ତଥା ୨୫ ବର୍ଷର ସେବା ସୁଶାସନ ଏବଂ ସମର୍ପଣ ଯାତ୍ରାକୁ ସମ୍ମାନ ଦେବା। ଏହି ଅଭିଯାନର ମୁଖ୍ୟ ଉଦ୍‌ଧେସ୍ୟ ଜିସନେ 'ଜୀବନ ସୁଧାରା ଉସେ ଆଶିର୍ବାଦ ହମାରା ' ଏହି ପରିପ୍ରେକ୍ଷିରେ ଓଡିଶା ସରକାରଙ୍କ ତରଫରୁ ନବରଙ୍ଗପୁର ଜିଲ୍ଲାର ଚାରୋଟି ବିଧାନସଭା କ୍ଷେତ୍ରରେ ବିଭିନ୍ନ ଶୈବପୀଠ, ଦେବୀପିଠ, ସ୍ମୃତିସ୍ତମ୍ଭ ଓ ପର୍ଯ୍ୟଟନ ସ୍ଥଳୀ ମାନଙ୍କରେ ବିଭିନ୍ନ ନେତୃବୃନ୍ଦଙ୍କୁ ଏହି ଆଶିର୍ବାଦ ଦୀପ ଜାଳିବାର ନିର୍ଦ୍ଦେଶ ସହ ସୁଯୋଗ ଦିଆଯାଇ ଅଛି ଏଥିମଧ୍ୟରୁ ଉମରକୋଟ ଠାରେ ଉମରକଟର ଗ୍ରାମ୍ୟଦେବୀ ତଥା ଏ ଅଂଚଳର ପ୍ରକ୍ଷାତ ଦେବୀପିଠ ମାଁ ପେଣ୍ଡ୍ରାଣୀଙ୍କ ମନ୍ଦିରରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡଙ୍କୁ ଆଶିର୍ବାଦ ର ଦୀପ ଜାଳିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା।

ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀଙ୍କ ସହ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ,ନଗର ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ମିଲୁ ପଣ୍ଡା, ହରପ୍ରସାଦ ପାଣିଗ୍ରାହୀ, ମାନସିକ ଦାସ, ବାଦଲ ପଟନାୟକ, ରାହୁଲ ଅଗ୍ରବାଲ, ଗୋପିନାଥ ସାହୁ,ଆସିସ୍ ରାଓ, ସାନ ଭାଇ, ସନ୍ତୋଷ ନାୟକ, ଶିବଶଙ୍କର ପତି,ସିମାଞ୍ଚଳ ବିଶୟି, ରମେଶ ଦାସ, ସନତ ଠାକୁର, କୁରମା ରାଓ ପ୍ରମୁଖ ଉପସ୍ଥିତ ଥିବା ସହ ଜିଲ୍ଲା ଓ ମଣ୍ଡଳ ମହିଳା ମୋର୍ଚ୍ଚା କାର୍ଯ୍ୟକ୍ରମ ନିର୍ବାହନ କରିଥିଲେ।

## ମାଲୁଦ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ (ମହାଭାରତ ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଆଦର୍ଶ ବିଦ୍ୟାଳୟ ର ୫ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେଯୋଗ ଦେଇ କୃଷ୍ଣପ୍ରସାଦ ବ୍ଲକ ବିଡିଓ ଅମୀୟ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥିଭାବେ କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ, ବିଆର ସି ସି ସିଦ୍ଧେଶ୍ୱର କରଣ, ଏବିଇ ଓ ପ୍ରକାଶ ଚନ୍ଦ୍ର ବେହେରା, ସି ଆର ସି ସି ରମାକାନ୍ତ ଜେନା ପ୍ରଭୃତି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବିଦ୍ୟାଳୟ ର ପ୍ରିନ୍ସପାଲ ସତ୍ୟବ୍ରତ ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଖଟୁଆ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ରେ ଶିକ୍ଷାଦାନ ସମୟରେ କିପରି ବିଦ୍ୟାକୁ ସହଜରେ ଆହରଣ କରିପାରିବ ଶ୍ରୀଯୁକ୍ତ ପଣ୍ଡା ଶିକ୍ଷାର୍ଥୀଙ୍କୁ ସେହି ମନ୍ତ୍ର ଦେଇଥିଲେ। ଶିକ୍ଷାର୍ଥୀ ମନେ କିପରି ଜ୍ଞାନ ଆହରଣ କରି ନିଜ ପିତା ମାତା, ଗାଁ, ଓଡିଶା, ଦେଶ ର ନାମ ରଖିପାରିବେ ଅତିଥିମାନେ ଉଦାହରଣ ସହ ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି, ମାତୃପିତୃ କମିଟି ମଧ୍ୟ ଯୋଗ ଦେଇଥିଲେ।

## ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ଅହେତୁକ ବିଳମ୍ବ ପ୍ରତି ବାଦ ରେ ଗଣ ଧାରଣା

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ରେ ଅହେତୁକ ବିଳମ୍ବ ପ୍ରତି ବାଦ ରେ ରାୟଗଡ଼ା ବ୍ଲକ୍ ର ଲାଇ ଲାଇ ପଞ୍ଚାୟତ ର ସାନ ଲୋବା ଗ୍ରାମର ଉପ ର ସାହି ଓ ତଳ ସାହି ବସି ଦୀର୍ଘ ପାଞ୍ଚ ବର୍ଷ ହେଲା ଆବେଦନ କରି ମଧ୍ୟ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇ ନଥିବାରୁ ବାଧ୍ୟ ହୋଇ ଗଣ ଧାରଣ ପ୍ରଦାନ କରି ଥିବାର ପ୍ରକାଶ କରିଛ ନ୍ତି ଗଜପତି ରୁ ବିବେକା ନନ୍ଦ ବେହେରା

## ମୀନକେତନ ସ୍ନାତକ ମହାବିଦ୍ୟାଳୟରେ ବିବେକାନନ୍ଦ ବକ୍ତୃତମାଳା କାର୍ଯ୍ୟକ୍ରମ



ଗଜପତି(ମହାଭାରତ): ସ୍ଥାନୀୟ ମୀନକେତନ ସ୍ନାତକ ମହାବିଦ୍ୟାଳୟ, ଗୁରାଣ୍ଡି, ଗଜପତିଠାରେ ବିବେକାନନ୍ଦ ଯୁବ ସଂସଦ, ଗଜପତି ଜିଲ୍ଲା ଶାଖା ତରଫରୁ 'ବିବେକାନନ୍ଦ ବକ୍ତୃତମାଳା' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପାନ୍ତ ପ୍ରହରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ପ୍ରାଧ୍ୟାପକ ଶ୍ରୀ ବିପ୍ଳବ ରଞ୍ଜନ ପ୍ରଧାନ, ଦକ୍ଷିଣ ସମ୍ଭାଗ ଅଧକ୍ଷା ଡ. କଲ୍ୟାଣୀ ମିଶ୍ର, ସମ୍ମାନିତ ଅତିଥି ତଥା ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଗୋଦାବରୀ ଜେନା, କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ତିରୁପତି ପରିଚ୍ଛା, ଅଧ୍ୟାପକ ଶ୍ରୀରାମ ପ୍ରଧାନ, କବି କୁସୁମ ଗୌରବ ଶ୍ରୀ ଘନଶ୍ୟାମ ଜେନା, ଶ୍ରୀ ଅର୍ଜୁନ ଦଳାଇ, ସଦସ୍ୟ ଶ୍ରୀ ରାଜେନ୍ଦ୍ର କୁମାର ରଥ, ସଦସ୍ୟା ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ଶିକ୍ଷା ବିଭାଗର ଅଧ୍ୟାପକ ଡ. ନାଗେଶ୍ୱର ରାଓ, ଅଧ୍ୟାପିକା ଶ୍ରୀମତୀ ମିନାକ୍ଷୀ ପାଣିଗ୍ରାହୀ ଏବଂ ଅଧ୍ୟାପକ ଶ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶ୍ରୀମତୀ ସସ୍ମିତା କୁମାରୀ ଜେନା ମଞ୍ଚକୁ ଅତିଥିମାନଙ୍କୁ ଆବାହନ କରିଥିଲେ। ଡ. କଲ୍ୟାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରୀମତୀ ସ୍ନିଗ୍ଧା ମିଶ୍ର ସ୍ୱଦେଶୀ ମନ୍ତ୍ର ପଠନ କରାଇଥିଲେ। ଶ୍ରୀ ରାଜେନ୍ଦ୍ର କୁମାର ରଥ ମଞ୍ଚ ପରିଚାଳନା କରିଥିଲେ।ଏହି ଅବସରରେ ସବୁଜାୟନୀ କାର୍ଯ୍ୟକ୍ରମ ଏବଂ ଉଦ୍‌ବୋଧନୀ କାର୍ଯ୍ୟକ୍ରମ ଶିକ୍ଷା ପ୍ରଦର୍ଶକ ତଥା ବ୍ଲକ ସମ୍ପାଦକ ଶ୍ରୀ ନିର୍ମଳ ଚନ୍ଦ୍ର ଭୂୟାଁଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା।ମୁଖ୍ୟବକ୍ତାମାନେ ସ୍ୱାମୀ ବିବେକାନନ୍ଦଙ୍କ ଶୃଙ୍ଖଳାବଦ୍ଧ ଜୀବନ, ଜ୍ଞାନ ଓ ମେଧା, ଗୁରୁ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ସହ ତାଙ୍କର ସମ୍ପର୍କ ଏବଂ ଚିକାଗୋ ଧର୍ମ ସମ୍ମିଳନୀରେ ତାଙ୍କର ଐତିହାସିକ ଭାଷଣ ସମ୍ପର୍କରେ ଚିତ୍ତାକର୍ଷକ ଆଲୋଚନା କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଆତ୍ମଜୀବନୀ ଓ ଆଦର୍ଶ ଆଜିର ଯୁବ ସମାଜ ତଥା ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଏକ ମହାନ ଉତ୍ସ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ଆଦର୍ଶ ଗାଈ ଗୁହାଳରୁ ପାଞ୍ଚ ଛେଳି ଚୋରି

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ପୁଟୁଳିଆ ଗ୍ରାମ ରୁ ବିଳମ୍ବିତ ରାତି ରେ ଦୃବୃତ୍ତ ମାନେ ଆସି ଗାଈ ଗୁହାଳ ରୁ ପାଞ୍ଚ ଟି ଛେଳି ଚୋରି କରି ନେଇ ଛନ୍ତି। ସୂଚନା ରୁ ପ୍ରକାଶ ପୁଟୁଳିଆ ଗ୍ରାମ ଭାଗବତ ମହାନ୍ତ ଙ୍କ ପରିବାର ରାତି ଖାଇ ସାରିବା ପରେ ଶୋଇ ବାକୁ ଯାଇ ଥିଲେ। ବିଳମ୍ବିତ ରାତି ରେ ଏକ ଗାଡ଼ି ଆସି ତାଙ୍କ ଘର ନିକଟରେ ଅଟକି ଥିବା। ସେହି ସମୟ ରେ ଘର ଲୋକେ ବାହାର କୁ ବାହାରି ଦେଖନ୍ତି ତୋ ଗାଈ ଗୁହାଳ ଟି ଖୋଲା ପଡି ଛି। ଗୁହାଳ ଖୋଲା ପଡିଥିବା ନେଇ ଘର ଉଠାଇ ଦେଖନ୍ତି ତୋ ଗାଈ ଗୁହାଳ ରେ କୋଟିଏ ଟି ଛେଳି ମଧ୍ୟ ରୁ ପାଞ୍ଚ ଟି ଛେଳି ନ ଥିବା ରୁ ପରିବାର ଲୋକେ ସନ୍ଦେହ ରେ ରାସ୍ତା କଡ ପଟେ ଛିଡ଼ା ଥିବା ବୋଲେର ଗାଡ଼ି ଟି ପଳାଉ ଥିବା ଦେଖି ଥିଲେ। ପାଞ୍ଚ ଟି ଛେଳି ଚୋରି ମଧ୍ୟ ରେ ତିନୋଟି ଖାସି ଓ ମାଈ ଛେଳି ଥିବା ପରିବାର ପକ୍ଷ ରୁ ସୂଚନା ରହି ଛି। ଏପରି ଛେଳି ଚୋରି କୁ ନେଇ ପରିବାର ଲୋକେ ପାଟଣା ଥାନା ରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡି ଛି।

## ରଘୁନାଥ ବିଦ୍ୟାପୀଠ ଜିଲ୍ଲାସ୍ତରକୁ ଉନ୍ନୀତ ମଣ୍ଡଳ ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ

ଓଡଗାଁ,( ମହାଭାରତ):ଓଡଗାଁ ଏନଏସି ସ୍ଥିତ ପିଏମଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମାନେ ଓଡ଼ିଶାର ଲୋକନୃତ୍ୟକୁ ନିଖୁଣ ଭାବରେ ପ୍ରଦର୍ଶନ କରିଥିଲେ।ରଘୁନାଥ ବିଦ୍ୟାପୀଠର ଦଶମଶ୍ରେଣୀ ଛାତ୍ରମାନେ ଶ୍ରେଷ୍ଠ ପ୍ରଦର୍ଶନକରି ପ୍ରଥମସ୍ଥାନ ଅକ୍ତିଆରକରି ଆସନ୍ତା ୨୫ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।ନରେନ୍ଦ୍ର କୁମାର ତ୍ରିପାଠୀ, ସିଆରସିସି ଯଶୋବନ୍ତ ପଟ୍ଟନାୟକ ଏବଂ ବିଭୁତି ଭୂଷଣ ଘଡେଇ ବିଚାରକ ଭାବରେ ଦାଇତ୍ୱ ନିର୍ବାହ କରିଥିଲେ।ବ୍ଲକ ଶିକ୍ଷାକାର୍ଯ୍ୟାଳୟ ଅତିରିକ୍ତ ଶିକ୍ଷା ଅଧିକାରୀ ରୁକ ନାୟକ,ସଦର ସିଆରସିସି ନରେଶ ପାଣିଗ୍ରାହୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଅତିଥି ଭାବରେ ଉପସ୍ଥିତ ଥିବାବେଳେ ଶିକ୍ଷକ ଜ୍ୟୋତିପ୍ରକାଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଝାଡ଼ାବାନ୍ତି ଆତଙ୍କ: ୮ ବର୍ଷର ନାବାଳକ ମୃତ, ୧୬ ଆକ୍ରାନ୍ତ

### ଭ୍ରାମ୍ୟମାଣ ମେଡିକାଲ ଟିମ୍ ପହଞ୍ଚି ଚିକିତ୍ସା ଆରମ୍ଭ

ଉମରକୋଟ (ମହାଭାରତ ) ଉମରକୋଟ ବ୍ଲକ୍ ଅନ୍ତର୍ଗତ ତୋହରା ପଞ୍ଚାୟତର କେନ୍ଦୁଘାଟ ଗ୍ରାମରେ ଜ୍ୱର ଓ ଝାଡ଼ାବାନ୍ତି ବ୍ୟାପିବା ଘଟଣାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜଣେ ୮ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୬ ଜଣ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।ମୃତ ନାବାଳକ ଜଣକ କେନ୍ଦୁଘାଟ ଗଉଡପଡ଼ାର ଟଙ୍କଧର ଗଉଡଙ୍କ ପୁଅ ଉଦୟନାଥ ଗଉଡ (୮) ବୋଲି ଜଣାଯାଇଛି। ଉଦୟନାଥ ଝରିଗାଁ ବ୍ଲକ୍‌ର କଲେଗାଁରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ନୂଆଖାଇ ଛୁଟି ଅବସରରେ ସେ ଘରକୁ ଆସିଥିବାବେଳେ ହଠାତ୍ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ, ଗ୍ରାମରେ ଏକାଧିକ ଲୋକ ଜ୍ୱର ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ଅସୁସ୍ଥମାନଙ୍କୁ ପୁଝାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଘଟଣାର ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଭ୍ରାମ୍ୟମାଣ ମେଡିକାଲ ଟିମ୍ କେନ୍ଦୁଘାଟରେ ପହଞ୍ଚି ଅସୁସ୍ଥଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଆରମ୍ଭ କରିଛି। ଗ୍ରାମରେ ରୋଗ ବ୍ୟାପିବାର ପ୍ରକୃତ କାରଣ ଜଣାପଡ଼ିନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ରୋଗର କାରଣ ଚିହ୍ନଟ ସହ ଆବଶ୍ୟକ ପରୀକ୍ଷା ଓ ଚିକିତ୍ସା ବ୍ୟବସ୍ଥାକୁ ଜୋରଦାର କରିବାକୁ ଦାବି ହୋଇଛି।

## ଜୋନାଲ୍ ସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଦଶପଲ୍ଲା,(ମହାଭାରତ):ସ୍ଥାନୀୟ ଅଞ୍ଚଳରେ ଶୁକ୍ରବାର ଦିନ ଜୋନାଲ୍ ସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ବେଶ୍ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶୁଭାରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆ.ରଏମ୍.ଜେ. ଜୋନ୍ ଅନ୍ତର୍ଗତ ୮ଟି ବିଦ୍ୟାଳୟରୁ ପ୍ରାୟ ୧୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ଆୟୋଜିତ ଉଦ୍ ?ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଆର ଏମ୍.ଜେ. ଜୋନ୍ ସଭାପତି ଶ୍ରୀଯୁକ୍ତ ଦିଲ୍ଲିପ କୁମାର ନାୟକ ଏବଂ ପୂର୍ବତନ ସି.ଆର ସି.ସି. ତଥା ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ଶଶାଙ୍କ ଶେଖର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଭୂମିକା ଓ ଶାରୀରିକ ବିକାଶ ଉପରେ ଆଲୋକପାତ କରିବା ସହ ଖେଳାଳିମାନଙ୍କୁ ଶୃଙ୍ଖଳିତ ଭାବେ ଖେଳିବାକୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଯେ, ଦଶପଲ୍ଲା ବ୍ଲକ୍‌ର ସମୁଦାୟ ୪ଟି ଜୋନ୍‌ରେ ଏକାସଙ୍ଗରେ ଏହି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଜୋନାଲ୍ ସ୍ତରର ବିଭିନ୍ନ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା କୃତୀ ପ୍ରତିଯୋଗୀମାନଙ୍କୁ ଆଗାମୀ ବ୍ଲକ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଚୟନ କରାଯିବ। ଏହାକୁ ନେଇ କ୍ରୀଡ଼ାବିତ୍, ଶିକ୍ଷକ ଓ ଅଭିଭାବକ ମହଲରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସମଗ୍ର ପ୍ରତିଯୋଗିତା ତଥା ଚୟନ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ପାଇଁ ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

### ବାଇପାସ୍ ତଳେ ଚାଷୀଙ୍କ ପାଇଁ ରାସ୍ତା ଓ ଠାକୁରାଣୀ ମନ୍ଦିର ସଂଯୋଗ ଦାବି

# କ୍ଷେତ୍ର ପରିଦର୍ଶନ କଲେ ଦଶପଲ୍ଲା ବିଧାୟକ



ଦଶପଲ୍ଲା,(ମହାଭାରତ) :ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ଼ ହରିଡ଼ାବାଡ଼ି ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟା ତଥା ଯାତାୟାତ ଅସୁବିଧାକୁ ନେଇ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍ଥାନୀୟ କାଉନସିଲର ଏବଂ ସଭାପତି ପ୍ରଶାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ହରିଡ଼ାବାଡ଼ି ଗ୍ରାମଠାରୁ ମା' ଗ୍ରାମଦେବତୀ ବାରବାରେଣୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ ଏକ ସ୍ଥାୟୀ ରାସ୍ତା ନିର୍ମାଣର ନିହାତି ଆବଶ୍ୟକତା ରହିଛି ବୋଲି ଦାବି ଉପସ୍ଥାପନ କରିଥିଲେ। ଏହା ସହିତ ନିର୍ମାଣାଧୀନ ବାଇପାସ୍ ରାସ୍ତା କାରଣରୁ ସ୍ଥାନୀୟ ଚାଷୀମାନେ ନିଜ ନିଜ ଜମିକୁ ହଳ-ଲଙ୍ଗଳ ନେବା ତଥା ଫସଲ ଅମଳ କରି ଘରକୁ ଆଣିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଚାଷୀଙ୍କ ସୁବିଧା ପାଇଁ ବାଇପାସ୍ ତଳେ ଏକ ଉପଯୁକ୍ତ ସଂଯୋଗକାରୀ ରାସ୍ତା ବା ଅଣ୍ଡରପାସ୍ ନିର୍ମାଣ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଦଶପଲ୍ଲା ବିଧାୟକ ତୁରନ୍ତ କାର୍ଯ୍ୟସ୍ଥଳକୁ ପହଞ୍ଚି ନିର୍ମାଣାଧୀନ ବାଇପାସ୍ ରାସ୍ତାକୁ ବୁଲି ଦେଖିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ବାଇପାସ୍ ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ସହିତ ବିଧାୟକ ଏ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ଚାଷୀମାନଙ୍କ ଚଳପ୍ରଚଳ ଓ ଶ୍ରଦ୍ଧାଳୁଙ୍କ ମନ୍ଦିର ଯିବାଆସିବା ପାଇଁ ତୁରନ୍ତ ସମାଧାନର ବାଟ ବାହାର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକଙ୍କ ଏହି ପଦକ୍ଷେପ ପରେ ସ୍ଥାନୀୟ ଅଞ୍ଚଳବାସୀ ତଥା ଚାଷୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି।

## ମୋଦିଜୀଙ୍କ ଜନ୍ମଦିନରେ ଡଙ୍କନାଶନଙ୍କ ପୀଠରେ ଦୀପଦାନ

ଓଡ଼ଗାଁ,(ମହାଭାରତ):ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ ତମ ପବିତ୍ର ଜନ୍ମଦିନ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି।ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ସ୍ଥିତ ଶ୍ରୀଶ୍ରୀ ଡଙ୍କନାଶନ ଜୀଉଙ୍କ ପବିତ୍ର ପୀଠରେ ଯୁବସଂଗଠକ ତଥା ସାମ୍ବାଦିକ ଶ୍ରୀନିବାସ ପ୍ରଧାନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଏମ୍.ବି.କେ ସନ୍ଧ୍ୟାରାଣୀ ବେହେରାଙ୍କ ନେତୃତ୍ୱରେ ମୋଦିଜୀଙ୍କ ଦୀର୍ଘାୟୁ କାମନା କରିବା ସହିତ ପୂଜାର୍ଚ୍ଚନା ଓ ସମୂହ ଆଶୀର୍ବାଦ ଦିପଦାନ କରାଯାଇଥିଲା।ଉକ୍ତ କାର୍ଯ୍ୟରେ ଗ୍ରାମର ବହୁ ମହିଳା ମାନେ ଅଂଶଗ୍ରହଣ କରିଥିବାବେଳେ କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀ ଓ ଅନେକ ବିଜେପି କର୍ମକର୍ତ୍ତା ସାମିଲ ହୋଇଥିଲେ।

### ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ମାମଲା

# ଆଜୀବନ ସଜା ଭୋଗିବେ ୧୨ ଅଭିଯୁକ୍ତ

ଗଜପତି(ମହାଭାରତ): ସ୍ୱାଧୀନତାର ୭୯ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଗୁଣିଗାରେଡିକୁ ନେଇ ଲୋକଙ୍କ ମାନସିକତା ବଦଳି ନାହିଁ। ଏହି କୁତ୍ସିତ ମାନସିକତାକୁ ନେଇ ଅଡ଼ବା ଥାନା ଅନ୍ତର୍ଗତ ମୁଟାଗୁଡା ସଉରା ସାହିର ବାପପୁଅଙ୍କୁ ଗୁଣିଆ ସନ୍ଦେହରେ ଘରୁ ଡାକି ନେଇ ହତ୍ୟା କରିବା ଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ମାନ୍ୟବର ଅତିରିକ୍ତ ଜିଲ୍ଲା ସେସନ ଜଜ ହର ପ୍ରସାଦ ପଟ୍ଟନାୟକ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୦୨ରେ ଅଡ଼ବା ଥାନା ଅନ୍ତର୍ଗତ ମୁଟାଗୁଡା ସଉରା ସାହିର ୧୨ଜଣ ଅଭିଯୁକ୍ତ ଜୋସୁଆ ଗମାଙ୍ଗ (୩୬ବର୍ଷ), ବେଞ୍ଜାମିନ ଗମାଙ୍ଗ (୪୦ବର୍ଷ), ସଞ୍ଜୟ ଗମାଙ୍ଗ (୨୮ବର୍ଷ), ଅଭିମନ୍ୟୁ ରାଇକା (୩୫ବର୍ଷ), କାନ୍ଦ୍ରା ଗମାଙ୍ଗ (୬୭ବର୍ଷ), ମିଖାଇଲ ଗମାଙ୍ଗ (୫୫ବର୍ଷ), ସେତୋ ରାଇକା (୪୨ବର୍ଷ), ଜିରିମିୟ ରାଇକା (୪୨ବର୍ଷ), ଆବ୍ରାହାମ ବଡ଼ରଇତ (୪୫ବର୍ଷ), ଜୁନେସ ରଇତ (୪୦ବର୍ଷ), କୁରା ରଇତ (୬୦ବର୍ଷ) ଓ ସୋମନାଥ ଗମାଙ୍ଗ (୪୫ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଅର୍ଥ ରାଶିରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଆହୁରି ଛଅମାସ ସଶ୍ରମ କାରାଦଣ୍ଡ ଭୋଗ କରିବେ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୧୨-୦୬-୨୦୨୧ରିଖ ଦିନ ସନ୍ଧ୍ୟା ୫ଘଟିକା ସମୟରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ମୃତକ ଲୁକ ଦଳବେହେରାଙ୍କୁ ଘରୁ ଡାକି ନେଇ ଜୋସିଆ ଗମାଙ୍ଗଙ୍କ ଘର ନିକଟରେ ଏକ ଆଲୋଚନା କରି ତାଙ୍କୁ ଗୁଣିଗାରେଡି କରୁଥିବା ନେଇ ଦୋଷାରୋପ କରିଥିଲେ। ପରେ ଅନ୍ୟ ଜଣେ ଅଭିଯୁକ୍ତଙ୍କ ଦ୍ୱାରା ମୃତକଙ୍କ ପୁଅ ଅନୁକ ଦଳବେହେରାଙ୍କୁ ସେହି ସ୍ଥାନକୁ ଡ଼କା ଯାଇଥିଲା। କିନ୍ତୁ ରାତି ୧୧ଟା ବେଳେ ଏହି ବାପ ପୁଅ ଦୁହିଁଙ୍କୁ ଅଭିଯୁକ୍ତମାନେ ଗାଁ ମୁଣ୍ଡକୁ ଟାଣିଟାଣି ନେଇ ଗାଁ ମୁଣ୍ଡରେ ଥିବା କୁସୁମ ସାହି ପଡିଆ ଜମିରେ ହତ୍ୟା କରିଥିଲେ। କିନ୍ତୁ ମୃତ୍ୟୁ ପୂର୍ବରୁ ଅନୁକଙ୍କ ବେକ କଟିଥିବା ଅବସ୍ଥାରେ ସେ ସେଠାରୁ ଆସି ନିଜ ଘର ଲୋକଙ୍କୁ ଆଙ୍ଗୁଠି ଦେଖାଇ ତାଙ୍କ ବାପା ପଡିଥିବା ଜାଗାକୁ ଦେଖାଇଥିଲେ ଓ ପରେ ସେ ମରିଯାଇଥିଲେ। ଏହି ଲୋମହର୍ଷଣ ଘଟଣାକୁ ନେଇ ଏତଲାକାରିଣୀ ଝିଅ ଏକ ସଙ୍ଗିନ ମାମଲା ୧୩-୦୬-୨୦୨୧ରେ ଅଡ଼ବା ଥାନାରେ ଦାୟର କରିଥିଲେ, ଯାହାକି ମାମଲା ନମ୍ବର ୬୩/ ୨୧ରେ ପଞ୍ଜିକୃତ ହୋଇଥିଲା। ମାମଲାର ଗମ୍ଭୀରତାକୁ ନଜରରେ ରଖି ତତ୍କାଳୀନ ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲେ। ଆଜି ୨୩ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ୨୭ଦସ୍ତାବିଜକୁ ଆଧାର କରି ମାନ୍ୟବର ନ୍ୟାୟାଧୀଶ ଉକ୍ତ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଆଉ ଜଣେ ଅଭିଯୁକ୍ତ ଦେବ ମିସ୍ତ୍ରୀଙ୍କ ମାମଲା ଅଲଗା ଭାବେ ଏବେ ବି ବିଚାରାଧୀନ ରହିଛି।

## କଳାହାଣ୍ଡି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ନୂତନ କମିଟି ଗଠନ



କଳାହାଣ୍ଡି/ମହାଭାରତ :ବାଦଲି ଗ୍ରାମ ଠାରେ କଳାହାଣ୍ଡି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଏକ ବୈଠକ ବସିଥିଲା । ଉକ୍ତ ବୈଠକରେ ଶ୍ରୀ ପରମାନନ୍ଦ ମାଝୀ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚୂଡ଼ାମଣି ମାଝୀ, ପଦ୍ମଲୋଚନ ମାଝୀ, ନୀଳାମ୍ବର ପାତ୍ର, ସନ୍ତୁ କୁମାର ନାଏକ, ରୁକ୍ମଣୀ ମାଝୀ, ଗଙ୍ଗାଧର ଶବର, ପିତାମ୍ବର ଶବର, ତରୁଣ ମାଝୀ, ନିରାକାର ପାତ୍ର, ବଳରାମ ଦଳପତି, ପୂର୍ଣ୍ଣଚନ୍ଦ୍ର ଶବର, ଦୁଷ୍ମନ୍ତ ମାଝୀ, ଉର୍ମିଳା ଦଳପତି, ଜୟନ୍ତୀ ମାଝୀ ଉପସ୍ଥିତ ଥିବାବେଳେ ମଂଚ ପରିଚାଳନା କରିଥିଲେ ଦ୍ରୋଣାଚାର୍ଯ୍ୟ ମାଝୀ ଏବଂ କୁମୁଦକାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସର୍ବ ସମ୍ମତି କ୍ରମେ ଆଦିବାସୀ କଲ୍ୟାଣ ସଂଘ କଳାହାଣ୍ଡିର ନୂତନ କମିଟୀ ଗଠନ କରାଗଲା। ସଭାପତି ଭାବରେ ପରମାନନ୍ଦ ମାଝୀଙ୍କୁ ଦାୟିତ୍ୱ ଦିଆ ଯାଇଥିବା ବେଳେ ଉପସଭାପତି ଭାବରେ ସର୍ବଶ୍ରୀ ବିଦ୍ୟାଧର ଶବର, ପଦ୍ମଲୋଚନ ମାଝୀ, ଚୂଡ଼ାମଣି ମାଝୀ, ଗଙ୍ଗାଧର ଶବର, ସନ୍ତୁ କୁମାର ନାଏକ, ଦ୍ରୋଣାଚାର୍ଯ୍ୟ ମାଝୀ, ନିରାକାର ପାତ୍ର ଦାୟିତ୍ୱ ଗ୍ରହଣ କରିଥିଲେ । ସାଧାରଣ ସମ୍ପାଦକ ଭାବରେ ଶେଷାଦେବ ମାଝୀ, ସମ୍ପାଦକ ସଞ୍ଜୟ ଶବର, କୋଷାଧ୍ୟକ୍ଷ ଭାବରେ ଦୁଷ୍ମନ୍ତ ମାଝୀ, ମହିଳା ସଭାନେତ୍ରୀ ଭାବରେ ରୁକ୍ମଣୀ ମାଝୀ ଦାୟିତ୍ୱ ଗ୍ରହଣ କରିଥିଲେ । ଏହିପରି ଭାବରେ ବ୍ଲକ ସଭାପତି ଭାବରେ ପୀତାମ୍ବର ଶବର (ଭବାନୀପାଟଣା), ସାଧୁରାମ ମାଝୀ (କେସିଙ୍ଗା), ଶ୍ୟାମଚନ୍ଦ୍ର ଭୋଇ (କର୍ଲାମୁଣ୍ଡା), ଗୌରଚନ୍ଦ୍ର ମାଝୀ (ମ.ରାମପୁର), ମଧୁସୂଦନ ମାଝୀ (ନର୍ଲା), ସୁଶାନ୍ତ ମାଝୀ (ଲାଞ୍ଜିଗଡ), ରାମଚନ୍ଦ୍ର ମାଝୀ (ଥୁ . ରାମପୁର), ମୀନକେତନ ମାଝୀ (କଲମପୁର), ଡମ୍ବରୁଧର ନାଏକ (ଜୟପାଟଣା), ଭରତଚନ୍ଦ୍ର ଜାନି (କୋକସରା), ବନମାଳୀ ଭୋଇ (ଧର୍ମଗଡ଼), ବଳରାମ ଦଳପତି (ଜୁନାଗଡ) ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବରେ ଚନ୍ଦ୍ର ଶେଖର ଶବର, ରବି ମାଝୀ, ରୁକୁରାମ ଶବର, କୁମୁଦକାନ୍ତ ମାଝୀ, ତରୁଣ ମାଝୀ, ବବୃବାହନ ପାତ୍ର, କାମଦେବ ଧଙ୍ଗଡାମାଝୀ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଉପଦେଷ୍ଟା ମଣ୍ଡଳୀରେ କୁମାରମଣୀ ଶବର, ବୈଦ୍ୟରାଜ ପବିତ୍ର ଶବର, ନରେନ୍ଦ୍ର ମାଝୀ, ନୀଳାମ୍ବର ପାତ୍ର, ଧନସିଂ ମାଝୀ, ପଦ୍ମସିଂ ମାଝୀ ପ୍ରମୁଖ ନିଜ ନିଜ ଦାୟିତ୍ୱ ବହନ କରିଥିଲେ ।

## ରିଲିଫ ଚାଉଳ ବଣ୍ଟନକୁ ନେଇ ଅନିୟମିତତା ଅଭିଯୋଗ

ଧାମନଗର (ମହାଭାରତ) ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତରେ ବନ୍ୟା ପ୍ରଭାବିତ ଲୋକଙ୍କ ସହାୟତା ପାଇଁ ଆସିଥିବା ରିଲିଫ ଚାଉଳ ବଣ୍ଟନକୁ ନେଇ ଅନିୟମିତତାର ଅଭିଯୋଗ ଉଠିଛି ।ବନ୍ୟାରେ ପ୍ରଭାବିତ ପରିବାରମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ରିଲିଫ ଚାଉଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଠିକ୍ ଭାବେ ପହଞ୍ଚୁନଥିବା ନେଇ କେତେକ ଅଭିଯୋଗ ସାମ୍ନାକୁ ଆସିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ରିଲିଫ ଚାଉଳ କେତେ ପରିମାଣରେ ଆସିଥିଲା, କେତେ ପରିମାଣ ବଣ୍ଟନ ହୋଇଛି ଏବଂ କେଉଁ କେଉଁ ପରିବାରକୁ ଏହା ଦିଆଯାଉଛି ଏବଂ କିଛି ପରିବାର ମଧ୍ୟ ରିଲିଫ ବଣ୍ଟନ ତାଲିକାରୁ ବାଦ୍ ପଡିଛନ୍ତି ବୋଲି ଅଭିଯୋଗ ଆସିଛି ।ଏହି ଅଭିଯୋଗର ସଠିକ୍ ତଦନ୍ତ କରାଯାଇ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉଚିତ ପଦକ୍ଷେପ ନେବା ସହିତ ପ୍ରକୃତ ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ ସୁବିଧା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।ଏବେ ଦେଖିବାକୁ ବାକି ରହିଲା, ଏହି ଅଭିଯୋଗ ଉପରେ ପ୍ରଶାସନ କେବେ ତଦନ୍ତ କରୁଛି ଏବଂ କି ପଦକ୍ଷେପ ନେଉଛି।

## ରହସ୍ୟ ଘେରରେ ବେଡ଼ାପଡ଼ା ସୋଲାର ମୃତ୍ୟୁ ମାମଲା,ଏସପିଙ୍କ ଦ୍ୱାରସ୍ଥ ହେଲେ ମହିଳା



ହିନ୍ଦୋଳ(ମହାଭାରତ)ହିନ୍ଦୋଳ ରାସୋଳ ଥାନା ଅନ୍ତର୍ଗତ ବେଡାପଡା ଗାଁ ରେ ଗତ ୧୫ ତାରିଖରେ ସୋଲାର କରେଣ୍ଟ ଲାଗି ମହିଳାଙ୍କ ମୃତ୍ୟୁ ଘଟଣାରେ ସେହି ଗ୍ରାମର ଗୌରାଙ୍ଗ ଗଡ଼ନାୟକଙ୍କୁ ରାସୋଳ ପୋଲିସ ଗିରଫ କରିଛି ।ଗତକାଲି ସନ୍ଧ୍ୟାରେ ବାଲିମୀ ପୋଲିସ ଏବଂ ରାସୋଳ ପୋଲିସ ମିଳିତ ଉଦ୍ୟମରେ ଖଜୁରିଆକଟା ବଜାର ନିକଟରୁ ଗିରଫ କରି ଯୁବକଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଘଟଣା ଏକ ନୂଆ ମୋଡ଼ ନେଇଛି । ଉଚିତ୍ ତଦନ୍ତ ନକରି ମୋ ଭାଇକୁ ଦୋଷୀ ସଜାଇ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି ସାନଭାଇ ସୁଶାନ୍ତ ଗଡନାୟକ ।ସେପଟେ ନିଜ ସ୍ୱାମୀକୁ ବିନା ଦୋଷରେ ରାସୋଳ ପୋଲିସ ଗିରଫ କରିଥିବା ଅଭିଯୋଗ ନେଇ ପତ୍ନୀ ଏବଂ ବୃଦ୍ଧ ବାପା ଜିଲ୍ଲାପାଳ ଏବଂ ଏସ୍ପିଙ୍କୁ ଭେଟି ନିଜ ଗୁହାରି ଜଣାଇଛନ୍ତି। ସୋଲାର ଦେଇଥିବା ବ୍ୟକ୍ତିଙ୍କୁ ଛାଡ଼ିଦେଇ ନିରୀହ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ରାସୋଳ ପୋଲିସ ସଠିକ୍ ତଦନ୍ତ ନକରି ବିନା କାରଣରେ ନିଜ ସ୍ୱାମୀଙ୍କୁ ଜେଲ ପଠାଇଥିବା ଅଭିଯୋଗ ଆଣିଛନ୍ତି ସ୍ତ୍ରୀ ଅପରାଜିତା ଗଡନାୟକ ।ସେପଟେ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ବ୍ୟବଚ୍ଛେଦ ରିପୋର୍ଟ ପରେ ପ୍ରକୃତ କାରଣ ଜଣାପଡିବ ଓ ମହିଳାଙ୍କ ଅଭିଯୋଗ ଉପରେ ନିରପେକ୍ଷ ତଦନ୍ତ କରିବା ପାଇଁ କହିଛନ୍ତି ଢେଙ୍କାନାଳ ଏସପି ଅଭିନବ ସୋନକର ।ତେବେ ପୂର୍ବରୁ ଅନେକ ଥର ରାସୋଳ ଥାନାରେ ଘଟିଯାଇଥିବା ଘଟଣାରେ ପ୍ରକୃତ ଦୋଷୀକୁ ଖୋଜିବାରେ ରାସୋଳ ପୋଲିସ ବିଫଳ ହୋଇଥିବା ବେଳେ ଆଜିର ଏହି ଘଟଣା ମଧ୍ୟ ରାସୋଳ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ଯାହାର ସଠିକ୍ ତଦନ୍ତ ପାଇଁ ଏସପିଙ୍କ ଦରବାରରେ ପହଞ୍ଚିଛନ୍ତି ପରିବାର ଲୋକେ। ତେବେ ଏହି ଘଟଣା ଆଗକୁ କେଉଁ ମୋଡ ନେଉଛି ତାହା ସମୟ କହିବ।

# ଟ୍ରେନିଂ ବେଳେ ଆକାଶରେ ବଡ଼ ଦୁର୍ଘଟଣା କ୍ରାସ୍ ହେଲା ଏଫ-୧୬ ଫାଇଟର ଜେଟ୍



ଆମେରିକା: ଋ-୧୬ ରସଶଷପ୍ପରକ୍ ଔରପ୍ପ ଉକ୍ବବପ୍ପଷ ଆମେରିକାର ମିଶିଗାନରେ ଟ୍ରେନିଂ ସମୟରେ ଆମେରିକୀୟ ବାୟୁସେନାର ଋ-୧୬ ଫାଇଟର ଜେଟ୍ କ୍ରାସ୍ ହୋଇଛି । ଗୁରୁବାର ଗ୍ରାଣ୍ଡ ଟ୍ରାଭର୍ସ କାଉଣ୍ଟିର ଏକ ଗ୍ରାମାଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ଜଣେ ପାଇଲଟ୍ ଆଶଙ୍କା କରିଛନ୍ତି ଯେ, ବିମାନଟି ହୁଏତ କୌଣସି ପକ୍ଷୀ ସହ ଧକ୍କା ହୋଇ କ୍ରାଶ୍ ହୋଇଥାଇପାରେ । ବିମାନରେ ଥିବା ପାଇଲଟ୍ ସମୟ ପୂର୍ବରୁ ନିଜକୁ ଇଜେକ୍ଟ କରିଥିଲେ ଏବଂ ପାରାଶୁଟ୍ ସାହାଯ୍ୟରେ ସୁରକ୍ଷିତ ଭାବେ ତଳକୁ ଅବତରଣ କରିଥିଲେ ।

ଦୁର୍ଘଟଣା ପରେ ପାଇଲଟ୍‌ଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । ଟେକ୍ସାସ ନ୍ୟାସନାଲ ଗାର୍ଡର ୧୪୯ତମ ଫାଇଟର ୱିଙ୍ଗ୍‌ର ପ୍ରବକ୍ତା ସାର୍ଜେଣ୍ଟ ଡେରେକ୍ ଗୁଟିରେଜ୍ ପାଇଲଟ୍‌ଙ୍କ ପରିଚୟ ଏବଂ ତାଙ୍କ ଆହତ ସମ୍ପର୍କରେ କୌଣସି ସୂଚନା ଦେବାକୁ ମନା କରିଛନ୍ତି । ତେବେ ଗ୍ରାଣ୍ଡ ଟ୍ରାଭର୍ସ କାଉଣ୍ଟିର ଶେରିଫ୍ ମାଇକେଲ୍ ଡି. ଶିଆଙ୍କ କହିବା ଅନୁଯାୟୀ, ପାଇଲଟ୍ ହସ୍ପିଟାଲରେ ସଚେତନ ଥିଲେ ଏବଂ ପୁଲିସ ସହ କଥା ହେଉଥିଲେ। ଏହି ଋ-୧୬ ଆଲ୍ପେନାରେ ଥିବା ନ୍ୟାସନାଲ ଗାର୍ଡ ବେସ୍‌ରେ ଚାଲିଥିବା ଟ୍ରେନିଂରେ ସାମିଲ ଥିଲା । ଏହି ସ୍ଥାନ ଡେଟ୍ରଏଟ୍‌ଠାରୁ ପ୍ରାୟ ୩୦୫ କିଲୋମିଟର ଉତ୍ତରରେ ଅବସ୍ଥିତ । ଦୁର୍ଘଟଣାର ପ୍ରକୃତ କାରଣ ନେଇ ତଦନ୍ତ ଜାରି ରହିଛି । ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ହୋଇଥିବା କଥାବାର୍ତ୍ତାର ଏକ ଅଡିଓ ଅନୁଯାୟୀ, ଅନ୍ୟ ଜଣେ ପାଇଲଟ୍ ଆଶଙ୍କା କରିଥିଲେ ଯେ ତାଙ୍କ ସହ ଉଡୁଥିବା ପାଇଲଟ୍‌ଙ୍କ ବିମାନ ସହ କୌଣସି ପକ୍ଷୀ ଧକ୍କା ହୋଇଥାଇପାରେ । ଦ୍ୱିତୀୟ ପାଇଲଟ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କୁ କହିଥିଲେ ଯେ, ତାଙ୍କ ସାଥୀ ବିମାନଟି ସମ୍ଭବତଃ ପକ୍ଷୀ ସହ ଧକ୍କା ହୋଇଛି । କଣ୍ଟ୍ରୋଲର୍ ତାଙ୍କୁ ଫ୍ରାଙ୍କଫର୍ଟ କିମ୍ବା ଟ୍ରାଭର୍ସ ସିଟି ବିମାନବନ୍ଦର ଦିଗରେ ଯିବା ପାଇଁ ମାର୍ଗ ଦେଖାଇବାକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ସେତେବେଳକୁ ବିମାନଟି କ୍ରାଶ୍ ହୋଇସାରିଥିଲା । ତେବେ ସେନାର ପ୍ରବକ୍ତା କହିଛନ୍ତି ଯେ, ପକ୍ଷୀ ସହ ଧକ୍କା ହେବା ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ଏବଂ ଦୁର୍ଘଟଣାର କାରଣ ନେଇ ତଦନ୍ତ ଜାରି ରହିଛି । ଦୁର୍ଘଟଣାସ୍ଥଳ ନିକଟରେ ଥିବା ଲୋକମାନେ ଜୋରଦାର ବିସ୍ଫୋରଣର ଶବ୍ଦ, କଳା ଧୂଆଁ ଏବଂ ନିଆଁର ଗୋଳା ଦେଖିଥିବା କହିଛନ୍ତି । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଦୁର୍ଘଟଣା ପୂର୍ବରୁ ବିମାନଟି ଖୁବ୍ କମ୍ ଉଚ୍ଚତାରେ ଏବଂ ଧୀର ଗତିରେ ଉଡୁଥିବା ଦେଖାଯାଇଥିଲା ।

ଦୁର୍ଘଟଣା ପରେ ବିମାନରୁ କେମିକାଲ୍ ଲିକ୍ ହେଉଥିବା ଜଣାପଡ଼ିଥିଲା । ପ୍ରଥମେ ଲୋକମାନଙ୍କୁ ଘର ଭିତରେ ରହିବାକୁ କୁହାଯାଇଥିଲା । ପରେ ମିଶିଗାନ ପୁଲିସ ଦୁର୍ଘଟଣାସ୍ଥଳଠାରୁ ପ୍ରାୟ ଏକ ମାଇଲ୍ ପରିଧିରେ ରହୁଥିବା ଲୋକଙ୍କୁ ଅଞ୍ଚଳ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା । କେଉଁ କେମିକାଲ୍ ଲିକ୍ ହୋଇଥିଲା, ଅଧିକାରୀମାନେ ତାହା ସ୍ପଷ୍ଟ କରିନାହାନ୍ତି । ତେବେ ଋ-୧୬ ବିମାନର ଜରୁରୀକାଳୀନ ପାୱାର ସିଷ୍ଟମ୍‌ରେ ହାଇଡ୍ରାଜିନ୍ ନାମକ ଏକ ବିଷାକ୍ତ କେମିକାଲ୍ ବ୍ୟବହାର ହୋଇଥାଏ । ଆମେରିକୀୟ ବାୟୁସେନା ୧୯୭୯ ମସିହାରୁ ଋ-୧୬ ବିମାନ ଉଡ଼ାଇବା ଆରମ୍ଭ କରିଥିଲା । ଗତ ଡିସେମ୍ବରରେ ମଧ୍ୟ ବାୟୁସେନାର ଥଣ୍ଡରବର୍ଡସ୍ ଦଳର ଏକ ଋ-୧୬ କାଲିଫର୍ଣ୍ଣିଆରେ କ୍ରାଶ୍ ହୋଇଥିଲା । ସେହି ଦୁର୍ଘଟଣାରେ ମଧ୍ୟ ପାଇଲଟ୍ ସୁରକ୍ଷିତ ଭାବେ ବିମାନରୁ ବାହାରି ଆସିଥିଲେ ।

# ମମତା ବାନାର୍ଜୀଙ୍କ ଦଳକୁ ମିଳିଲା ଫୁଟବଲ୍ ଚିହ୍ନ




ନୂଆଦିଲ୍ଲୀ: ମମତା ବାନାର୍ଜୀ ଦିଦିଙ୍କ ମୁହଁରେ ଥାଏ ଖେଲା ହବେ । ଏବେ ତାଙ୍କୁ ମିଳିଛି ଫୁଟବଲ ଖେଳାଳି ଚିହ୍ନ । ଦିଦିଙ୍କ ଟିଏମସି ଦୁଇ ଫାଳ ହେବା ପରେ ଦୁଇ ଗୋଷ୍ଠୀଙ୍କୁ ନୂଆ ନାମ ଓ ଚିହ୍ନ ପ୍ରଦାନ କରିଛନ୍ତି ନିର୍ବାଚନ କମିଶନ । "ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ" ଏବଂ ଏହାର ପାରମ୍ପରିକ "ଘାସ-ଫୁଲ" ଚିହ୍ନକୁ ଫ୍ରିଜ୍ କରାଯାଇଛି । ଆଗାମୀ ବିଧାନସଭା ଉପନିର୍ବାଚନ ପାଇଁ ମମତାଙ୍କ ନେତୃତ୍ୱାଧୀନ ଗୋଷ୍ଠୀର ନୂଆ ଦଳୀୟ ନାଁ ହେଲା ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ । ଏହି ଗୋଷ୍ଠୀକୁ ଫୁଟବଲ୍ ଖେଳାଳି ଚିହ୍ନ ଆବଣ୍ଟନ କରାଯାଇଛି । ସେହିପରି ଋତବ୍ରତ ବାନାର୍ଜୀ ଗୋଷ୍ଠୀର ନୂଆ ଦଳୀୟ ନାଁ ହେଲା ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ । ଏହି ଗୋଷ୍ଠୀକୁ ଲଫାପା ଚିହ୍ନ ଆବଣ୍ଟିତ ହୋଇଛି । ଦୁଇ ଗୋଷ୍ଠୀଙ୍କୁ ଅସ୍ଥାୟୀ ଭାବେ ଏହି ଚିହ୍ନ ଏବଂ ନାମ ଆବଣ୍ଟିତ ହୋଇଛି । ଏହି ଚିହ୍ନରେ ଦୁଇ ଗୋଷ୍ଠୀ ଆଗାମୀ ନିର୍ବାଚନ ଲଢ଼ିବେ । ନନ୍ଦୀଗ୍ରାମ ସମେତ ଅନ୍ୟାନ୍ୟ ନିର୍ବାଚନ ମଣ୍ଡଳୀରେ ଅକ୍ଟୋବର ୬ ତାରିଖରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବିଧାନସଭା ଉପ-ନିର୍ବାଚନ ପୂର୍ବରୁ ଏହି ଅସ୍ଥାୟୀ ବ୍ୟବସ୍ଥାକୁ ଚୂଡ଼ାନ୍ତ କରାଯାଇଛି ।

# ପାକିସ୍ତାନରେ ଭୟଙ୍କର ବିସ୍ଫୋରଣ, ୧୫ ମୃତ ଓ ୫୦ ଆହତ



ପାକିସ୍ତାନ: ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶର କୋହାଟ ଜିଲ୍ଲାର ପୋଲିସ ଲାଇନ୍ସ ଅଞ୍ଚଳରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି । ଯେଉଁ ବିସ୍ଫୋରଣରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୫୦ ଜଣ ଆହତ ହୋଇଛନ୍ତି । ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି । ଏହି ବିସ୍ଫୋରଣ ଏକ ଆତ୍ମଘାତୀ ବିସ୍ଫୋରଣ ବୋଲି ଜଣାପଡିଛି । ସୂଚନାନୁଯାୟୀ, ଆଜି ପୋଲିସ ଲାଇନ୍ସ ଅଞ୍ଚଳର ଏକ ମସଜିଦ ନିକଟରେ ଆଜି ନମାଜ ସମୟରେ ଏହି ବିସ୍ଫୋରଣ ଘଟିଥିଲା । ଯାହା ଦ୍ୱାରା ମସିଜିଦ୍ ବାହାରେ ଗାତ ସୃଷ୍ଟି କରିଥିଲା । ଏହି ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପୋଲିସ କର୍ମଚାରୀ ମଧ୍ୟ ରହିଛନ୍ତି । ଏହାରି ମଧ୍ୟରେ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ତାହିର ଅଲ୍ଲୀ ଶାହ କହିଛନ୍ତି ଯେ, ୫୦ ଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ୧୫ଟି ମୃତଦେହକୁ ମଧ୍ୟ ହସ୍ପିଟାଲକୁ ପଠାଯାଇଥିଲା । ଅନ୍ୟପଟେ ବିସ୍ଫୋରଣ ପରେ ପୋଲିସ ଲାଇନ୍ସ ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଥିଲା ।

# ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା, ଅଭିଯୁକ୍ତ ଗିରଫ

ନୂଆଦିଲ୍ଲୀ: ଉରକ୍ଷଷସ ଉକ୍ବସଙ୍କର ଉବପ୍ପର ଦିଲ୍ଲୀରେ ଜଣେ ୧୭ ବର୍ଷୀୟା ଯୁବତୀଙ୍କୁ ଗଣଦୁଷ୍କର୍ମ ଏବଂ ହତ୍ୟାର ଏକ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି । ପୋଲିସର ସୂଚନା ଅନୁଯାୟୀ, ଯୁବତୀ ଜଣକ ଅଭିଯୁକ୍ତଙ୍କ ସହିତ ଏକ ଟେମ୍ପୋରେ ଯାତ୍ରା କରିଥିଲେ । ଟେମ୍ପୋ ଭିତରେ ମଦ୍ୟପାନ କରିବା ପରେ ତାଙ୍କୁ ଦୁଷ୍କର୍ମ କରିବା ପରେ ମାରଣାସ୍ତ୍ରରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଯୁବତୀଙ୍କ ମୃତଦେହ ଏକ ଖୋଲା ପଡ଼ିଆରୁ ମିଳିଥିବା ଜଣାପଡିଛି । ଏହି ମାମଲାରେ ପୋଲିସ ଚାରି ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ମଧ୍ୟରେ ତିନି ଜଣ ନାବାଳକ ରହିଛନ୍ତି । ପୋଲିସ କହିଛି ଯେ, ସେପ୍ଟେମ୍ବର ୧୩ ତାରିଖରେ କୁଶକ ରୋଡରେ ଜୟପାଲ ରାଣାଙ୍କ ଫାର୍ମ ନିକଟରେ ଝିଅଟିର ମୃତଦେହ ମିଳିଥିଲା । ମୃତଦେହଟି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡ଼ିଥିଲା । ପୋଲିସର କହିବା ଅନୁଯାୟୀ, ଶରୀରର କିଛି ଅଂଶ ବୁଲା କୁକୁର ଖାଇ ଦେଇଥିଲେ ଏବଂ ତାଙ୍କ ଗୋଟିଏ ହାତ ଶରୀରରୁ ଅଲଗା ହୋଇଯାଇଥିଲା । ଅବସ୍ଥା ଏତେ ଦୟନୀୟ ଥିଲା ଯେ ମୃତଦେହଟି ପୁରୁଷର ନା ମହିଳାଙ୍କର ତାହା ତୁରନ୍ତ ସ୍ପଷ୍ଟ ହୋଇପାରିନଥିଲା । ଝିଅ ଏବଂ ଅଭିଯୁକ୍ତ ପରସ୍ପରକୁ ଜାଣିଥିଲେ । ସେମାନେ ଏକ ଟେମ୍ପୋ ଭିତରେ ଏକାଠି ମଦ୍ୟପାନ କରିଥିଲେ ବୋଲି ଅଭିଯୋଗ ହୋଇଛି । ଯାହା ପରେ ଝିଅଟିକୁ ଦୁଷ୍କର୍ମ କରାଯାଇଥିଲା ଏବଂ ପରେ ହତ୍ୟା କରାଯାଇଥିଲା । ଝିଅର ପରିବାର ଲୋକେ ନିଖୋଜ ଅଭିଯୋଗ କରିନଥିବା ମଧ୍ୟ ପୋଲିସ କହିଛି । ଭାରତୀୟ ଦଣ୍ଡ ସଂହିତା ଓ ଚଙଉଝଙ ଆଇନର ପ୍ରାସଙ୍ଗିକ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି । ଅନ୍ୟପଟେ ପୋଲିସର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ତିନି ଜଣ ନାବାଳକ ସମେତ ଚାରି ଜଣଙ୍କୁ ଗିରଫ କରାଯାଇଛି । ଏଥିସହ ମାରଣାସ୍ତ୍ର, ଅଭିଯୁକ୍ତମାନେ ପିନ୍ଧିଥିବା ପୋଷାକ ଏବଂ ଟେମ୍ପୋ ମଧ୍ୟ ଜବତ କରିଛି ପୋଲିସ୍ ।

# ପୁଅ ସହ ଯୌନ ସମ୍ପର୍କ ରଖିଥିବା ସ୍ୱୀକାର କଲେ ଆମେରିକୀୟ ମହିଳା: ଘରୋଇ ବିବାଦରୁ ସାମ୍ନାକୁ ଆସିଲା ଘଟଣା

ଲେକ୍‌ଲ୍ୟାଣ୍ଡ: ଘରୋଇ ବିବାଦର ତଦନ୍ତ କରିବାକୁ ଯାଇ ଆମେରିକାର ଫ୍ଲୋରିଡା ପୁଲିସ ଏକ ଅସ୍ୱାଭାବିକ ଘଟଣା ସମ୍ପର୍କରେ ଜାଣିବାକୁ ପାଇଛି । ଲେକ୍?ଲ୍ୟାଣ୍ଡ ଅଞ୍ଚଳର ୪୬ ବର୍ଷୀୟା କ୍ରିଷ୍ଟିନା କ୍ଲେମେନ୍ସ ଓ ତାଙ୍କ ୨୨ ବର୍ଷୀୟ ପୁଅ ସେନ୍? କ୍ଲେମେନ୍ସଙ୍କ ବିରୋଧରେ ଅନୈତିକ ସମ୍ପର୍କ ରଖିବା ଅଭିଯୋଗରେ ମାମଲା ହୋଇଛି । ମା' ନିଜ ପୁଅ ସହ ପ୍ରାୟ ୧୦୦ ଥର ଯୌନ ସମ୍ପର୍କ ରଖିଥିବା ପୁଲିସକୁ କହିଥିବା ପୋଲ୍କ କାଉଣ୍ଟି ଶେରିଫ୍? ଗ୍ରାଡି ଜଡ୍? ସୂଚନା ଦେଇଛନ୍ତି । ଘଟଣାଟି ଅଗଷ୍ଟ ମାସରେ ଘଟିଥିଲା । କ୍ରିଷ୍ଟିନା ପୁଲିସକୁ ଫୋନ୍? କରି ତାଙ୍କ ପୁଅ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ କରିଥିଲେ । ପୁଲିସ ଘରେ ପହଞ୍ଚି ସେନ୍?ଙ୍କୁ ଗିରଫ କରିଥିଲା । ଏହା ପରେ ପଚରାଉଚରା ସମୟରେ ସେନ୍? ଅଧିକାରୀମାନଙ୍କୁ କହିଥିଲେ ଯେ, ସେ ୧୮ ବର୍ଷ ବୟସର ହେବା ପରଠାରୁ ତାଙ୍କ ମା'ଙ୍କ ସହ ଯୌନ ସମ୍ପର୍କ ରଖିଆସୁଛନ୍ତି । ପରେ ତଦନ୍ତକାରୀମାନେ କ୍ରିଷ୍ଟିନାଙ୍କୁ ମଧ୍ୟ ଏ ସମ୍ପର୍କରେ ପଚାରିଥିଲେ ।

ତାଙ୍କ ପୁଅ କହିଥିବା କଥା ସତ କି ବୋଲି ପଚରାଯିବାରୁ ସେ ଏହି ସମ୍ପର୍କକୁ ସ୍ୱୀକାର କରିବା ସହ ପ୍ରାୟ ୧୦୦ ଥର ଏଭଳି ଘଟିଥିବା କହିଥିଲେ ବୋଲି ଶେରିଫ୍? ଜଡ୍? କହିଛନ୍ତି । ପୁଲିସ ଏହାକୁ ଆଇନବିରୋଧୀ ସମ୍ପର୍କ ବୋଲି କହି ଉଭୟଙ୍କ ବିରୋଧରେ ମାମଲା ରୁଜୁ କରିଛି । ତଦନ୍ତ ବେଳେ ପୁଲିସ କ୍ରିଷ୍ଟିନାଙ୍କ ସ୍ୱାମୀଙ୍କୁ ମଧ୍ୟ ପଚରାଉଚରା କରିଥିଲା । ସେ ନିଜ ପତ୍ନୀ ଓ ପୁଅଙ୍କ ମଧ୍ୟରେ ଏଭଳି ସମ୍ପର୍କ ଥିବା ବିଷୟରେ ଜାଣିନଥିବା କହିଥିଲେ ।

# ପାକିସ୍ତାନରେ ଲାଗିଲା ନୂଆ କଟକଣା, ରାତି ୯ଟାରେ ବନ୍ଦ ହେବ ଦୋକାନ ଓ ବଜାର




ପାକିସ୍ତାନ: ପାକିସ୍ତାନ ପେଟ୍ରୋଲ ଓ ଡିଜେଲ ସଂରକ୍ଷଣ କରିବାକୁ ଅନେକ ନିଷ୍ପତ୍ତି ଲାଗୁ କରିଛି । ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଏବେ ସମସ୍ତ ଦୋକାନ, ବଜାର, କିରାଣା ଷ୍ଟୋର, ଗ୍ରୋସରୀ ଏବଂ ଜେନେରାଲ ଷ୍ଟୋର, ସପିଂ ମଲ୍ ପୁରା ସପ୍ତାହ ରାତି ୯ ଟା ସୁଦ୍ଧା ବନ୍ଦ ହୋଇଯିବ । ବିବାହ ହଲ୍ ଏବଂ ମ୍ୟାରେଜ୍ ଟେଣ୍ଟ ରାତି ୧୦ ଟା ସୁଦ୍ଧା ବନ୍ଦ ହୋଇଯିବାକୁ ଗୁରୁତ୍ୱ ଦିଆଯାଇଛି । ରେଷ୍ଟୁରାଣ୍ଟ ଏବଂ ଖାଇବା ପିଇବା ସ୍ଥାନ ୧୧ଟା ମଧ୍ୟ ବନ୍ଦ ହୋଇଯିବ । ଏହା ବ୍ୟତୀତ ବିବାହ ଉତ୍ସବରେ କେବଳ ଗୋଟିଏ ଖାଦ୍ୟକୁ ଅନୁମତି ଦିଆଯିବ । ପାକିସ୍ତାନ ସରକାର ସରକାରୀ ରାତ୍ରୀଭୋଜନ ଉପରେ ମଧ୍ୟ ନିଷେଧ କରିଛନ୍ତି ।

ପାକିସ୍ତାନ ଇରାନ୍ ଯୁଦ୍ଧ ଯୋଗୁଁ ଭୟଙ୍କର ଇନ୍ଧନ ସଙ୍କଟ ଦେଖିବାକୁ ମିଳିଛି । ଏହି ନୂତନ କଟକଣା ପଦକ୍ଷେପଗୁଡ଼ିକ ବର୍ତ୍ତମାନ କେବଳ ଇସଲାମାବାଦରେ ସୀମିତ କିନ୍ତୁ ସଂଘୀୟ ସରକାର ରାଜ୍ୟଗୁଡିକୁ ମଧ୍ୟ ଏହାକୁ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । କେବଳ ଏତିକି ନୁହେଁ ପାକିସ୍ତାନରେ ଗ୍ରହଣ କରାଯାଇଥିବା ନୂତନ ପଦକ୍ଷେପଗୁଡିକରେ ସରକାରୀ ଯାନବାହନ କ୍ରୟ ଉପରେ ସମ୍ପୂର୍ଣ୍ଣ ନିଷେଧ ଏବଂ ସରକାରୀ ଯାନବାହନ ପାଇଁ ଇନ୍ଧନ ଆବଣ୍ଟନରେ ୫୦% ହ୍ରାସ ଅନ୍ତର୍ଭୁକ୍ତ । ତେଣୁ ଖର୍ଚ୍ଚ ସଞ୍ଚୟ କରିବାକୁ ପାକିସ୍ତାନ ସଂଘୀୟ ସରକାରୀ କର୍ମଚାରୀଙ୍କ ବିଦେଶ ଯାତ୍ରା ଉପରେ ୩ ମାସ ପାଇଁ ପ୍ରତିବନ୍ଧକ ଲଗାଇଛି । ଇରାନ ଯୁଦ୍ଧ, ଅବନତିଶୀଳ ଅର୍ଥନୀତି ଏବଂ ଋଣ ପାକିସ୍ତାନକୁ ଘୋର ସଙ୍କଟରେ ପକାଇଛି । ତେଣୁ, ପାକିସ୍ତାନ ସରକାରଙ୍କୁ ଏହି ନିଷ୍ପତ୍ତି ନେବାକୁ ପଡିଛି । ମାର୍ଚ୍ଚ ମାସରେ ଆମେରିକା-ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ପାକିସ୍ତାନ ସ? ସମାନ କଟକଣା ଲାଗୁ କରିଥିଲା । ଇସଲାମାବାଦ ଦୁଇ ସପ୍ତାହ ପାଇଁ ସ୍କୁଲ ବନ୍ଦ କରିଥୁଲା, ସରକାରୀ ଅଧିକାରୀଙ୍କ ପାଇଁ ଇନ୍ଧନ ବ୍ୟବହାର ହ୍ରାସ କରିଥିଲା ଏବଂ ଇନ୍ଧନ ସଞ୍ଚୟ କରିବା ଏବଂ ସରକାରୀ ଖର୍ଚ୍ଚ ହ୍ରାସ କରିବା ପାଇଁ ଅଫିସ କର୍ମଚାରୀମାନଙ୍କୁ ଘରୁ କାମ କରିବାକୁ କହିଥିଲେ । ଏବେ ପାକିସ୍ତାନ ପୁଣି ସମାନ ପଦକ୍ଷେପ ଗ୍ରହଣ କରୁଛି । ପାକିସ୍ତାନ ସରକାରଙ୍କ କ୍ୟାବିନେଟ୍ ବିଭାଗ ଗୁରୁବାର ଏକ ବିଜ୍ଞପ୍ତି ଜାରି କରିଛି ଏବଂ ପଦକ୍ଷେପଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିଛି । ଇନ୍ଧନ ବ୍ୟବହାର ହ୍ରାସ ଏବଂ ସଂଘୀୟ ଅଧିକାରୀଙ୍କ ପାଇଁ ବିଦେଶ ଯାତ୍ରା ଉପରେ ପ୍ରତିବନ୍ଧକ ସମେତ କିଛି କଟକଣା ଅତି କମରେ ତିନି ମାସ ପାଇଁ ବଳବତ୍ତର ରହିବ । ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଥିବା ପଦକ୍ଷେପ ଅନୁଯାୟୀ, ପାକିସ୍ତାନ ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ ସମସ୍ତ ବିବାହ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକ୍ରମରେ କେବଳ ଗୋଟିଏ ଖାଦ୍ୟ ପରିବେଷଣ କରାଯିବା ଉଚିତ । ସରକାର ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ପୂର୍ବରୁ ବନ୍ଦ ସମୟ ମଧ୍ୟ ଘୋଷଣା କରିଛନ୍ତି । ଦୋକାନ, ବଜାର, ସପିଂ ମଲ୍, ବିଭାଗୀୟ ଏବଂ କିରାଣା ଦୋକାନଗୁଡ଼ିକୁ ରାତି ୨ ଟା ସୁଦ୍ଧା ବନ୍ଦ କରିବାକୁ ପଦକ୍ଷେପ ନିଆଯାଇଛି । ବିବାହ ହଲ୍ ଏବଂ ମ୍ୟାରେଜ୍ ଟେଣ୍ଟ ରାତି ୧୦ ଟା ସୁଦ୍ଧା ବନ୍ଦ ହୋଇଯିବାକୁ ଗୁରୁତ୍ୱ ଦିଆଯାଇଛି । ରେଷ୍ଟୁରାଣ୍ଟ ଏବଂ ଖାଇବା ପିଇବା ସ୍ଥାନ ୧୧ଟା ମଧ୍ୟ ବନ୍ଦ ହୋଇଯିବ । ହେଲେ ଟେକଆୱେ ଏବଂ ହୋମ୍-ଡେଲିଭରି ସେବାଗୁଡିକ ଏହି କଟକଣାରୁ ମୁକ୍ତ । ଅନ୍ୟପଟେ ପାକିସ୍ତାନ କହିଛି ଯେ, ଚଳିତ ଆର୍ଥିକ ବର୍ଷରେ କର୍ମଚାରୀଙ୍କ ସହ ଜଡିତ ଖର୍ଚ୍ଚ ବ୍ୟତୀତ ଅନ୍ୟାନ୍ୟ ଖର୍ଚ୍ଚ ପ୍ରତିମାସରେ ୫% ହ୍ରାସ କରାଯିବ । ଏହି ନିୟମ ପାକିସ୍ତାନର ବିଦେଶୀ ମିଶନ ଏବଂ ବିଦେଶରେ ନିଯୁକ୍ତ ଅଧିକାରୀଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ଉନ୍ନୟନ ପ୍ରକଳ୍ପଗୁଡ଼ିକୁ ଖର୍ଚ୍ଚ କାଟରୁ ମୁକ୍ତ ରଖାଯାଇଛି । ସରକାର ଅତ୍ୟାବଶ୍ୟକୀୟ ଯାତ୍ରା ସମେତ ତିନି ମାସ ପାଇଁ ବିଦେଶ ଗସ୍ତ ଏବଂ ଯାତ୍ରା ଉପରେ ସମ୍ପୂର୍ଣ୍ଣ ନିଷେଧ ଘୋଷଣା କରିଛନ୍ତି । ଯେଉଁଥିରେ ବିଦେଶ ଯାତ୍ରା ଜରୁରୀ, ସେଠାରେ ସରକାରୀ ପ୍ରତିନିଧି ଏବଂ ଅଧିକାରୀମାନଙ୍କୁ ଇକୋନୋମି କ୍ଲାସରେ ଯାତ୍ରା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି କଟକଣା ମନ୍ତ୍ରୀ, ପରାମର୍ଶଦାତା, ରାଜ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟକ, ସାଂସଦ ଏବଂ ସରକାରୀ ଅଧିକାରୀଙ୍କ ଉପରେ ପ୍ରଯୁଜ୍ୟ । ଏଥିସହ ପାକିସ୍ତାନ ମଧ୍ୟ ସରକାରୀ ରାତ୍ରୀଭୋଜନ ଉପରେ ନିଷେଧ କରିଛି, କିନ୍ତୁ ବିଦେଶୀ ପ୍ରତିନିଧିମଣ୍ଡଳୀ ସହିତ ଜଡିତ କାର୍ଯ୍ୟକ୍ରମ ପାଇଁ ଛାଡ ଦିଆଯାଇଛି । ପାକିସ୍ତାନ ଏହାର ସରକାରୀ ବିଭାଗଗୁଡ଼ିକୁ ସହର ମଧ୍ୟରେ ଅନୁଷ୍ଠିତ ବୈଠକ ବ୍ୟତୀତ ଅଧିକାଂଶ ବୈଠକ ଟେଲିକନଫରେନ୍ସ ମାଧ୍ୟମରେ କରିବାକୁ ନିର୍ଦ୍ଦେଶ ଦେଇଛି । ସରକାରଙ୍କ ଦ୍ୱାରା ଅନୁଦାନପ୍ରାପ୍ତ ସେମିନାର, ତାଲିମ ଅଧିବେଶନ ଏବଂ ସମ୍ମିଳନୀଗୁଡ଼ିକୁ ମଧ୍ୟ ସ୍ଥଗିତ ରଖାଯାଇଛି ।

# ଏୟାର ଇଣ୍ଡିଆ ଏକ୍ସପ୍ରେସର ୮ ଜଣ କ୍ରୁ ସଦସ୍ୟ ନିଲମ୍ବିତ

ନୂଆଦିଲ୍ଲୀ: ଇସକ୍ବ ଓଭୟସବ ରଘଙ୍କ୍ତ୍ରବ୍ବରପ୍ପପ୍ପ ମକ୍ବରଙ୍ଗ ଝଙ୍କପ୍ପକ୍ତ୍ରରଭୟ ଏୟାର ଇଣ୍ଡିଆ ଏକ୍ସପ୍ରେସ ୮ ଜଣ କ୍ରୁ ସଦସ୍ୟଙ୍କୁ ତିନି ମାସ ପାଇଁ ନିଲମ୍ବନ କରିଛି । ଫ୍ଲାଇଟ୍ ପରେ ଆବଶ୍ୟକ ଡିକ୍ଲରେସନ୍ ପୂରଣ କରିବାରେ ବିଳମ୍ବ ହେବାରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ସୂଚନା ମିଳିଛି । ଏହି ଘଟଣା ଅଗଷ୍ଟ ୨ ତାରିଖରେ ଦୁବାଇରୁ ଅମୃତସର ଆସୁଥିବା ଏକ ବିମାନ ଅବତରଣ କରିବା ପରେ ଘଟିଥିଲା । ନିୟମ ଅନୁସାରେ ବିମାନ ଭାରତରେ ଲ୍ୟାଣ୍ଡ କରିବାର ଦୁଇ ଘଣ୍ଟା ମଧ୍ୟରେ କ୍ରୁ ସଦସ୍ୟମାନଙ୍କୁ ପୋଷ୍ଟ-ଫ୍ଲାଇଟ୍ ଡିକ୍ଲରେସନ୍ ପୂରଣ କରିବାକୁ ପଡ଼େ। କିନ୍ତୁ ଏହି ଘଟଣାରେ ୩୫ ମିନିଟ୍ ବିଳମ୍ବ ହୋଇଥିଲା ଏବଂ କ୍ରୁ ସଦସ୍ୟମାନେ ଲ୍ୟାଣ୍ଡିଂର ଦୁଇ ଘଣ୍ଟା ୩୫ ମିନିଟ୍ ପରେ ଡିକ୍ଲରେସନ୍ ଦାଖଲ କରିଥିଲେ । ଏକ ଏୟାରବସ୍ ଇ୩୨୦ ବିମାନର ଉଚ୍ଚତା ଯେତେବେଳେ ହଠାତ୍ ପ୍ରାୟ ୩୦୦ ଫୁଟ୍ କମିଯାଇଥିଲା ସେହି ସମୟରେ ଏୟାରଲାଇନ୍ କ୍ରୁ ସଦସ୍ୟଙ୍କ ମଧ୍ୟରେ ସାଇକୋଆକ୍ଟିଭ୍ ସବ୍?ଷ୍ଟାନ୍ସ (ନିଶାଦ୍ରବ୍ୟ) ଯାଞ୍ଚ ପୁଣି ଆରମ୍ଭ କରାଯାଇଥିଲା । ଏହି ଘଟଣା ପରେ ନିର୍ଦ୍ଧାରିତ ନିୟମ ଅନୁସାରେ ବିମାନର ଉଭୟ ପାଇଲଟଙ୍କର ସାଇକୋଆକ୍ଟିଭ୍ ସବ୍?ଷ୍ଟାନ୍ସ ସ୍କ୍ରିନିଂ କରାଯାଇଥିଲା । ପାଇଲଟ୍-ଇନ୍-କମାଣ୍ଡଙ୍କ ପ୍ରାରମ୍ଭିକ ସ୍କ୍ରିନିଂ ଫଳାଫଳ ପରେ କନଫର୍ମେଟରି ଟେଷ୍ଟିଂର ଆବଶ୍ୟକତା ପଡ଼ିଥିଲା। ଏହା ପରେ ଡିଏଉଇ ପକ୍ଷରୁ ପରବର୍ତ୍ତୀ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଉଭୟ ପାଇଲଟଙ୍କୁ ରୋଷ୍ଟରରୁ ହଟାଇ ଦିଆଯାଇଥିଲା। ସୂଚନା ଅନୁଯାୟୀ, "ସାଇକୋଆକ୍ଟିଭ୍ ସବ୍?ଷ୍ଟାନ୍ସ ଯାଞ୍ଚ ପାଇଁ ଏୟାରଲାଇନ୍?ର ବାଧ୍ୟତାମୂଳକ ନିୟମ ଅନୁସାରେ ସମସ୍ତ କ୍ରୁ ସଦସ୍ୟଙ୍କର ଟେଷ୍ଟ କରାଯାଇଥିଲା ଏବଂ ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା ।"ସେମାନେ ଆହୁରି କହିଥିଲେ ଯେ, "ଏହି ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଡିଏଉଇକୁ ଅବଗତ କରାଯାଇଥିଲା ଏବଂ ଏୟାରଲାଇନ୍ ପକ୍ଷରୁ ୮ ଜଣ କ୍ରୁ ସଦସ୍ୟଙ୍କୁ ତିନି ମାସ ପାଇଁ ନିଲମ୍ବନ କରିବାର ନିଷ୍ପତ୍ତି ନିଆଯାଇଥିଲା ।" ଅନ୍ୟପଟେ ଡିଏଉଇର ନିୟମ ଅନୁସାରେ, ଭାରତୀୟ ଏୟାରଲାଇନ୍?ର ଅନ୍ତର୍ଜାତୀୟ ବିମାନରେ କାର୍ଯ୍ୟରତ କ୍ରୁ ସଦସ୍ୟମାନଙ୍କୁ ଭାରତରେ ବିମାନ ଲ୍ୟାଣ୍ଡ କରିବାର ଦୁଇ ଘଣ୍ଟା ମଧ୍ୟରେ ପୋଷ୍ଟ-ଫ୍ଲାଇଟ୍ ଆଲକୋହଲ୍ ଟେଷ୍ଟ ସମ୍ପୂର୍ଣ୍ଣ କରିବାକୁ ପଡ଼େ । ଏହି ସମୟସୀମା ମଧ୍ୟରେ ସେମାନଙ୍କ ବ୍ୟକ୍ତିଗତ ପରିସ୍ଥିତି ଯାହା ବି ହେଉ, ନିୟମ ଅନୁସାରେ ଏହି ପରୀକ୍ଷା କରାଇବା ବାଧ୍ୟତାମୂଳକ ।

### ଆଜିଠୁ ଏସିଆନ ଗେମ୍ସ

# ଧ୍ୱଜା ବାହକ ସାଜିବେ ମନୁ ଭାକର ଓ ତଜିନ୍ଦରପାଲ ସିଂହ ତୁର

ନୂଆଦିଲ୍ଲୀ,୧୮।୯: ଅଲିମ୍ପିକ୍ସରେ ଭାରତ ପାଇଁ ଡବଲ ପଦକ ଜିତିଥିବା ମନୁ ଭାକର ଓ ଏସିଆନ ଗେମ୍ସ ଚାମ୍ପିୟନ ତଜିନ୍ଦରପାଲ ସିଂହ ତୁରଙ୍କୁ ମିଳିଛି ଗୁରୁ ଦାୟିତ୍ୱ। ଜାପାନରେ ଅନୁଷ୍ଠିତ ଏସିଆନ ଗେମ୍ସର ଉଦଘାଟନୀ ସମାରୋହରେ ଭାରତୀୟ କଣ୍ଟିଜେଣ୍ଟର ଧ୍ୱଜାବାହକ ଏହି ଦୁଇ ଜଣ ଖେଳାଳି ସାଜିବେ।

ଆସନ୍ତାକାଲି ଜାପାନର ଆଇଚି-ନାଗୋୟାରେ ଏସିଆନ ଗେମ୍ସର ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ଏହି ସମୟରେ ଉଭୟ ଭାରତର ପତାକା ଧରିବେ ବୋଲି ନିଶ୍ଚିତ ହୋଇଛି। ଭାରତର ଚିଫ ଡେ ମିଶନ ସହଦେବ ଯାଦବ ଶୁକ୍ରବାର ଭାକରଙ୍କ ଚିୟନକୁ ନିଶ୍ଚିତ କରିଥିବା ବେଳେ ତଜିନ୍ଦର ପାଲ ସିଂହ ତୁର ଦ୍ୱିତୀୟ ଧ୍ୱଜା ବାହାକ ବୋଲି କହିଛି ଆଥଲେଟିକ ଫେଡରେସନ ଅଫ



ଇଣ୍ଡିଆ।୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଇତିହାସ ରଚିଥିଲେ ମନୁ ଭାକର। ସେ



ଭାରତର ପ୍ରଥମ ମହିଳା ଆଥଲେଟ ଭାବେ ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଡବଲ ପଦକ ଜିତିଥିଲେ। ସେ ପ୍ରଥମେ ମହିଳା ୧୦ ମିଟର ଏୟାର ପିସ୍ତଲରେ ବ୍ରୋଞ୍ଜ ଓ ପରେ ସରବଜୋତ ସିଂହଙ୍କ ସହ ମିଶି ମିକ୍ସଡ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟ କାଂସ୍ୟ ପଦକ ହାତେଇଥିଲେ।

ଏପଟେ ତୁର ଏସିଆନ ଗେମ୍ସର ଗତ ୨ଟି ଯାକ ସଂସ୍କରଣରେ ଦେଶ ପାଇଁ ଶୁଟ ପୁଟ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ୨୦୧୮ରେ ପ୍ରଥମେ ଜାକାର୍ତ୍ତାରେ ସେ ଚାମ୍ପିୟନ ହୋଇଥିଲେ। ଏହାପରେ ୨୦୨୩ ଚାଇନାର ହାଙ୍ଗଝୋରେ ମଧ ୨୦.୩୬ ମିଟର ଦୂରତାକୁ ଶଟପୁଟ୍ ଫିଙ୍ଗ ସ୍ୱର୍ଣ୍ଣ ପଦକ ବଜାୟୀ ରଖିଥିଲେ।

ଏଥର ମଧ ମନୁ ଭାକର ଓ ତଜିନ୍ଦର ପାଲ ସିଂହ ପଦକ ଜିତବାର ଦାବିଦାର ରହିଛନ୍ତି। ଭାରତ ଚଳିତ ବର୍ଷ ଏସିଆନ ଗେମ୍ସକୁ ୪୯୨ ଜଣ ଆଥଲେଟଙ୍କୁ ପଠାଇଛି। ଚାଇନାର ଦେଶ ୧୦୭ ପଦକ ଜିତିଥିଲା। ଏଥର ଏହାକୁ ବୃଦ୍ଧି କରିବା ହିଁ ଏକମାତ୍ର ଲକ୍ଷ୍ୟ ରହିଛି। ଏସିଆନ ଗେମ୍ସର ଉଦଘାଟନୀ ସମାରୋହ ଶନିବାର ରହିଥିଲେ ହେଁ ଭାରତ ତା'ର ଅଭିଯାନ ଏହି କ୍ରୀଡା ମହାକୁମ୍ଭରେ ଆରମ୍ଭ କରି ସାରିଛି। କ୍ୟୁମୀ ଜୋଆକ୍ୟୁମ ଡିସୁଜା ଟେକ ବଲର ସେମି ଫାଇନାଲ୍ ପ୍ରବେଶ କରି ସାରିଛନ୍ତି। ଯଦି ସେ ଶନିବାର ସେମି ଫାଇନାଲ ଜିତିବେ, ତା'ହେଲେ ଟେକ ବଲରେ ଭାରତ ପାଇଁ ଐତିହାସିକ ପଦକ ଜିତିବାକୁ ସକ୍ଷମ ହେବେ।

ଏହାବାଦ ଭାରତୀୟ ମହିଳା କ୍ରିକେଟ ଟିମ୍ ମଧ ଜାପାନ ବିପକ୍ଷରେ ଏକତରଫା ବିଜୟ ହାସଲ କରି ସେମି ଫାଇନାଲରେ ପ୍ରବେଶ କରିଛି। ୨୦ ତାରିଖରେ ଦଳ ବାଂଲାଦେଶ ବିପକ୍ଷରେ ନିଜ ସେମି ଫାଇନାଲ ମୁକାବିଲା ଖେଳିବ।

## ମୁଖ୍ୟ ଚୟନକର୍ତ୍ତା ଦୌଡରେ ପ୍ରଜ୍ଞାନ

ମୁମ୍ବାଇ,୧୮।୯: ଚଳିତ ମାସରେ ଶେଷ ହେବାକୁ ଯାଉଛି ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ। ସେ ୨୦୨୭ ଦିନିକିଆ ବିଶ୍ୱକପ ଯାଏ ଏହି ପଦରେ ରହିବାକୁ ଚାହୁଁଛନ୍ତି। ହେଲେ ବିସିସିଆଇ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ସପକ୍ଷରେ ନାହିଁ। ଅଜିତ ଅଗରକରଙ୍କୁ ମୁଖ୍ୟ ଚୟନକର୍ତ୍ତା ପଦରୁ ହଟାଇବାକୁ ବିସିସିଆଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇ ସାରିଛି। ଅଜିତ ଅଗରକର ବିଦାୟ ନେବାକୁ ଯାଉଥିବା ବେଳେ ଏବେ ମୁଖ୍ୟ ଚୟନକର୍ତ୍ତା ହେବା ଦୌଡରେ ଦୁଇ ଜଣ ଭେଟରାନ ଖେଳାଳିଙ୍କ ନାଁ ସାମିଲ ହୋଇଛି। ସେମାନେ ହେଲେ- ପୂର୍ବତନ ଭାରତୀୟ କ୍ରିକେଟର ପାର୍ଥିବ ପଟେଲ ଓ ପ୍ରଜ୍ଞାନ ଓଝା। ଆସନ୍ତାକାଲି ଅର୍ଥାତ ଶୁକ୍ରବାର ବିସିସିଆଇର ବାର୍ଷିକ ସାଧାରଣ ପରିଷଦ ମିଟିଂ ଅନୁଷ୍ଠିତ ହେବ। ଏହି ସମୟରେ ଅଗରକରଙ୍କ ଭିବିଷ୍ୟତ ଉପରେ ନିଷ୍ପତ୍ତି ନିଆଯିବ। ସୂତ୍ର ଅନୁସାରେ, ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି ନ କରିବାକୁ ବିସିସିଆଇ ଏଜିଏମ ପୂର୍ବରୁ ହିଁ ଏକମତ ହୋଇ ସାରିଛି।ସେହିପରି ଅଗରକର ବୁଧବାର ତାଙ୍କ କାର୍ଯ୍ୟକାଳର ଶେଷ ଚୟନକର୍ତ୍ତା ଟିମର ଅଧ୍ୟକ୍ଷତା କରି ସାରିଛନ୍ତି। ବୁଧବାର ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ, ଟି-୨୦ ଓ ଇରାନୀ ଟ୍ରଫିର ସ୍କ୍ୱାଡ ଘୋଷଣା କରିବା ବେଳେ ଏହାର ଅଧ୍ୟକ୍ଷତା ଅଗରକର କରିଥିଲେ। ଅଗରକର ବିଦାୟ ନେବାକୁ ଯାଉଥିବା ପୂର୍ବତନ ୱିକେଟ କିପର ପାର୍ଥିବ ପଟେଲ ଓ ପୂର୍ବତନ ସ୍ପିନର ପ୍ରଜ୍ଞାନ ଓଝା ମୁଖ୍ୟ ଚୟନକର୍ତ୍ତା ହେବା ଦୌଡରେ ସବୁଠାରୁ ଆଗରେ ରହିଛନ୍ତି। ଉଭୟ ପାର୍ଥିବ ଓ ପ୍ରଜ୍ଞାନ ୩ଥର ନିଜ ନିଜ ଟିମ ପାଇଁ ଆଇପିଏଲ ଟ୍ରଫି ଜିତିଛନ୍ତି।

## ବିନା ବଲରେ ବାଂଲାଦେଶ, କଷ୍ଟରେ ସେମିକୁ ଗଲା ପାକିସ୍ତାନ

ଟୋକିଓ,୧୮।୯: ଏସିଆନ ଗେମ୍ସ ୨୦୨୬ର ପ୍ରଥମ ଦିନରେ ଚାଇନାକୁ ଶକ୍ତ ଝଟକା। ଦେଶର ମହିଳା କ୍ରିକେଟ ଟିମ ଗୋଟିଏ ବି ବଲ୍ ସାମ୍ନା କରି ନ ପାରି ନିଜର ଏସିଆ ଗେମ୍ସ ଅଭିଯାନ ଶେଷ କରିଛି। ଆଜି ଚାଇନିଜ ମହିଳା କ୍ରିକେଟର ଟିମର ମୁକାବିଲା ବାଂଲାଦେଶ ସହ ଥିଲା। ବାଂଲାଦେଶ ପଡିଆକୁ ନ ଓହ୍ଲାଇ ଏସିଆନ ଗେମ୍ସ ସେମି ଫାଇନାଲରେ ପ୍ରବେଶ କରିଛି।

ଜାପାନର କାରୋଗି ସ୍ପର୍ଟସ ପାର୍କରେ ଆଜି ବାଂଲାଦେଶ ଓ ଚାଇନା ମହିଳା କ୍ରିକେଟ ଟିମ ମଧ୍ୟରେ କ୍ୱାର୍ଟର ଫାଇନାଲ ମୁକାବିଲା ହେବାର ଥିଲା। କିନ୍ତୁ ଓଦା ଆଉଟ ଫିଲ୍ଡ ଯୋଗୁ ଟସ୍ ପଡି ପାରି ନଥିଲା।ଶେଷରେ ପଡିଆ ଯାଞ୍ଚ କରି ମ୍ୟାଚ୍‌କୁ ଅମ୍ପାୟାର ବାତିଲ କରି ଦେଇଛନ୍ତି। ଏହାପରେ ବାଂଲାଦେଶ ମହିଳା କ୍ରିକେଟ ଟିମ୍ ଉଚ୍ଚ ଆଇସିସି ରାଙ୍କିଙ୍ଗ ଆଧାରରେ ସେମି ଫାଇନାଲରେ ପ୍ରବେଶ କରିଛି। ବାଂଲାଦେଶ ଏବେ ରାଙ୍କିଙ୍ଗର ୧୦ ନମ୍ବରରେ



ଥିବା ବେଳେ ଚାଇନାର ସ୍ଥାନ ୩୬। ମ୍ୟାଚ ବାତିଲ ହେବାରୁ ଚାଇନିଜ ଟିମ ପଡିଆକୁ ମଧ ଓହ୍ଲାଇବାକୁ ସୁଯୋଗ ପାଇ ନଥିଲା। ଶେଷରେ ଦଳର ଏସିଆନ ଗେମ୍ସ କ୍ରିକେଟ ଅଭିଯାନ ମଧ ଶେଷ ହୋଇଥିଲା। ବାଂଲାଦେଶ ସେମିରେ ପ୍ରବେଶ କରିଥିବା ବେଳେ ଶୁକ୍ରବାର ଭାରତ ଓ ଜାପାନ ମୁହାଁମୁହିଁ ହେବେ। ଏହି ମ୍ୟାଚ୍ ଜିତିବାକୁ ଥିବା ଦଳ ବାଂଲାଦେଶ ସହ ସେପ୍ଟେମ୍ବର ୨୦ରେ ସେମି ଫାଇନାଲରେ ଲଢ଼ କରିବ।

ଅନ୍ୟପକ୍ଷରେ ପାକିସ୍ତାନ ମଧ ବହୁତ କଷ୍ଟରେ ଥାଇଲ୍ୟାଣ୍ଡକୁ ହରାଇ ସେମିରେ ନିଜ ସ୍ଥାନ ସୁରକ୍ଷିତ କରିଛି। ଓଦା ଆଉଟ ଫିଲ୍ଡ ଯୋଗୁ ମ୍ୟାଚ୍‌ର ଓଭରରେ କାଟଛାଣ୍ଟ କରାଯାଇଥିଲା। ମ୍ୟାଚ୍ ୧୧ ଓଭର ବିଶିଷ୍ଟ ହୋଇଥିଲା।

ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିଥିଲେ ହେଁ ଥାଇଲ୍ୟାଣ୍ଡ ଭଳି ଦୁର୍ବଳ ଦଳ ୪ ୱିକେଟ ହରାଇ ୯୧ ରନ କରି ନେଇଥିଲା। ୩ ନମ୍ବରରେ ବ୍ୟାଟିଂ କରିଥିବା ନାନ୍ନାପଟ ୪୯ ବଲରେ ୭ ଚୌକା ସହ ୩୮ ରନ କରିଥିଲେ।

ଏହାର ଜବାବରେ ପାକିସ୍ତାନ ନିୟମିତ ୱିକେଟ ହରାଇଥିଲା। ଶାୱାଲ ଜୁଲଫିକରଙ୍କ ୨୫ ରନ ଓ ଅଧିନାୟକ ଫାତିମା ସାନାଙ୍କ ୨୧ ରନ ବଳରେ ପାକିସ୍ତାନ ଶେଷରେ ଧାର୍ଯ୍ୟ ଟାର୍ଗେଟକୁ ଛୁଇଁ ପାରିଥିଲା।

ପାକିସ୍ତାନ ୯୨ ରନର ଟାର୍ଗେଟକୁ ପିଛା କରିବା ବେଳେ ୭ଟି ୱିକେଟ ମଧ ହରାଇଥିଲା। ଗୋଟିଏ ସମୟରେ ପାକିସ୍ତାନ ମ୍ୟାଚ୍ ହାରିବା ସ୍ଥିତିରେ ରହିଥିଲେ ହେଁ ଶେଷରେ ଜିତିବାକୁ ସକ୍ଷମ ହୋଇଛି।

ଦଳ ୨୦ ତାରିଖରେ ଶ୍ରୀଲଙ୍କା କିମ୍ବା ମାଲେସିୟା ମଧ୍ୟରୁ ଜଣଙ୍କୁ ଭେଟିପାରେ। ଶୁକ୍ରବାର ଶ୍ରୀଲଙ୍କାର ମୁକାବିଲା ମାଲେସିୟା ସହ ରହିଛି। ଏହି ମ୍ୟାଚର ବିଜେତା ସହ ପାକିସ୍ତାନ ସେମି ଫାଇନାଲ ମ୍ୟାଚ୍ ଖେଳିବ।

# ଏସିଆନ ଗେମ୍ସ ସେମିରେ ଭାରତ

## ଶ୍ରୀ ଚରଣୀୟଙ୍କ ଦମଦାର ପ୍ରଦର୍ଶନ

ଜାକର୍ତ୍ତା,୧୮।୯: ଏସିଆନ ଗେମ୍ସର ସେମି ଫାଇନାଲରେ ଭାରତୀୟ ମହିଳା କ୍ରିକେଟ ଟିମ। ଆୟୋଜକ ଜାପାନ ବିପକ୍ଷ ଐତିହାସିକ ମୁକାବିଲାରେ ହରମନପ୍ରୀତ କୌରଙ୍କ ଭାରତ ହାସଲ କରିଛି ଏକତରଫା ବିଜୟ।

ପ୍ରଥମେ ବୋଲିଂରେ ସ୍ପିନର ଶ୍ରୀ ଚରଣୀ ଦମଦାର ପ୍ରଦର୍ଶନ କରି ୪ ଓଭରରେ ୧୦ ରନ ଦେଇ ୪ ୱିକେଟ୍ ନେଇଥିଲେ। ଏହାପରେ ଶେଫାଳୀ ବର୍ମା ୫୮ ରନର ଟାର୍ଗେଟକୁ ମାତ୍ର ୫ ଓଭରରେ ହାସଲ କରି ନେଇଛନ୍ତି।

ଭାରତ ୮ ୱିକେଟରେ ମ୍ୟାଚ୍ ଜିତି ଏସିଆନ ଗେମ୍ସର ସେମି ଫାଇନାଲରେ ପ୍ରବେଶ କରିଛି। ୨୦ ତାରିଖରେ ଦଳ ବାଂଲାଦେଶକୁ ସେମି ଫାଇନାଲରେ ଭେଟିବ।

ନିଶିନ ସ୍ଥିତ କୋରୋଗି ସ୍ପର୍ଟସ ପାର୍କରେ ପ୍ରଥମଥର ପାଇଁ ଭାରତୀୟ ମହିଳା କ୍ରିକେଟ ଟିମ ଜାପାନ ବିପକ୍ଷରେ ମ୍ୟାଚ୍ ଖେଳିବାକୁ ମୈଦାନକୁ ଓହ୍ଲାଇଥିଲା। ଟସ୍ ଜିତି ଆୟୋଜକ ଦଳକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା ଭାରତ।

ଘରୋଇ ଟିମର ଦୁଇ ଓପନର ପ୍ରଥମ ୪ ଓଭରରେ କୌଣସି ୱିକେଟ



ନ ହରାଇ ସମସ୍ତଙ୍କୁ ଚକିତ କରିଥିଲା। ହେଲେ ଜାପାନ କେବଳ ୧୨ ରନ କରିପାରିଥିଲା। ଏହାପରେ ଶ୍ରୀ ଚରଣୀ ଆସିବା ମାତ୍ରେ ଜାପାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଜାପାନ ପକ୍ଷରୁ ହାରୁନା ଇୱାସାକି(୧୦) ଓ ଆୟାକା କାଟୋ ଷ୍ଟାଫର୍ଡ(୨୫)ଙ୍କୁ ଛାଡି ଦେଲେ ଆଉ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁବାକୁ ସକ୍ଷମ ହୋଇ ନାହାନ୍ତି।ଚରଣୀଙ୍କୁ ସାଥ ଦେଇଥିଲେ ଶେଫାଳୀ ବର୍ମା, ଦୀପ୍ତି ଶର୍ମା ଓ ଶ୍ରେୟଙ୍କା ପାଟିଲ। ଏହି ୩ ବୋଲର ମିଳିତ ଭାବେ ହାସଲ କରିଛନ୍ତି ୮ ୱିକେଟ। ଶ୍ରୀ ଚରଣୀ ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ଶେଫାଳୀ ୨ଟି, ଦୀପ୍ତି ଓ ଶ୍ରେୟଙ୍କା ଗୋଟିଏ ଲେଖାଏ ସଫଳତା ପାଇଥିଲେ। ଭାରତର ଦୁଇ ଦ୍ରୁତ ବୋଲର କ୍ରାନ୍ତି ଗୌଡ ଓ ନନ୍ଦିନୀ ଶର୍ମା ୱିକେଟ ପାଇ ନଥିଲେ ହେଁ ମାପିଚୁପି ବୋଲିଂ କରିଥିଲେ। କ୍ରାନ୍ତି ୨ ଓଭରରେ ୪ ରନ ଓ ନନ୍ଦିନୀ ୬ ରନ ଖର୍ଚ୍ଚ କରିଥିଲେ। ଜାପାନ ଶେଷରେ ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ ୫୭ ରନ କରିଥିଲା। ୫୮ ରନର ଟାର୍ଗେଟକୁ ପିଛା କରୁଥିବା ଭାରତ ଆଜି ନିୟମିତ ଓପନର ସ୍ମୃତି ମନ୍ଧାନାଙ୍କ ବଦଳରେ ଇନିଂସ ଆରମ୍ଭ କରିବାକୁ ଶେଫାଳୀଙ୍କ ସହ ଜି କାମାଲିନୀଙ୍କୁ ଛାଡିଥିଲା। କିନ୍ତୁ ସେ ୨ଟି ବଲର ସାମ୍ନା କରି ପ୍ୟାଭିଲିୟନ ଫେରିଥିଲେ।

ଜାପାନ ପାଇଁ ଭାରତ ବିପକ୍ଷରେ ଐତିହାସିକ ୱିକେଟ ହାସଲ କରିଥିଲେ ନୋନୋହା ୟାସୁମୋଟୋ। ଏହାପରେ ବ୍ୟାଟିଂ କରିବାକୁ ଆସିଥିଲେ ଭାରତୀ ଫୁଲମାଳି। ସେ ମଧ କେବଳ ୬ ରନ କରି ଆୟାକା କାଟୋ ଷ୍ଟାଫର୍ଡଙ୍କ ବଲରେ ଆଉଟ ହୋଇ ଯାଇଥିଲେ।

ଭାରତ ୨୪ ରନରେ ଦୁଇଟି ୱିକେଟ ହରାଇଥିଲେ ହେଁ ଶେଫାଳୀ ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖିଥିଲେ। ତାଙ୍କୁ ସାଥ ଦେଇଥିଲେ ରିଚା ଘୋଷ। ଶେଫାଳୀ ଚୌକା ଛକା ବର୍ଷା କରୁଥିବା ବେଳେ ରିଚା ୪ଟି ବାଉଣ୍ଡରୀ ହାସଲ କରିଥିଲେ।

ଶେଷରେ ଶେଫାଳୀ ଛକା ମାରି ଭାରତ ପାଇଁ ବିଜୟ ମୁଣ୍ଡି ମାରିଥିଲେ। ଶେଷ ଯାଏ ଶେଫାଳୀ ୧୫ ବଲରେ ୪୦ ଓ ରିଚା ୬ ବଲରେ ୧୨ ରନ କରି ଅପରାଜିତ ରହିଥିଲେ। ଭାରତ ଗତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏଥର ମଧ ଦଳ ପୁଣି ଏହାକୁ ହାସଲ କରିବା ଲକ୍ଷ୍ୟରେ ରହିଛି।

## ଶ୍ରୀଲଙ୍କାକୁ ହରାଇ ସିରିଜ କବଜା କଲା ଇଂଲଣ୍ଡ

ଲଣ୍ଡନ: ଘରୋଇ ମାଟିରେ ଦମ ଦେଖାଇଛି ଇଂଲଣ୍ଡ। ଶ୍ରୀଲଙ୍କା ବିପକ୍ଷ ୩ ଟିକିଆ ଟି-୨୦ ସିରିଜକୁ ଆଗୁଆ ୨-୦ରେ କବଜା କରି ନେଇଛି ହ୍ୟାରୀ ବ୍ରୁକଙ୍କ ଇଂଲଣ୍ଡ। ଇଂଲଣ୍ଡ ପାଇଁ ଡଓ୍ୱସନ ୩ଟି ୱିକେଟ ନେଇଥିବା ବେଳେ ଓଭରଟନଙ୍କ ଖାତାକୁ ଯାଇଛି ୨ଟି ସଫଳତା। ଏହାବାଦ ଜୋଫ୍ରା ଆର୍‌ଚର ୨ଟି, ସୋନି ଭାକର ଓ ଆଦିଲ ରଶିଦ



ପ୍ରଥମ ମ୍ୟାଚ୍‌ରେ ବ୍ରୁକ୍ ଐତିହାସିକ ଶତକ ହାସଲ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଚମକିଛନ୍ତି ଟମ ବାଣ୍ଟନ।ସେ ୨୪ ବଲରେ ଅପରାଜିତ ୫୨ ରନର ଇନିଂସ ଖେଳି ଇଂଲଣ୍ଡକୁ ୬ ୱିକେଟରେ ବିଜୟ ଭେଟି ଦେଇଛନ୍ତି। ପ୍ରଥମେ ଟି-୨୦କୁ ଇଂଲଣ୍ଡ ୧୧୯ ରନରେ ଜିତିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଶ୍ରୀଲଙ୍କା ଦମଦାର ଆରମ୍ଭ କରିଥିଲା।

୫ ଓଭର ସୁଦ୍ଧା ଶ୍ରୀଲଙ୍କା ବିନା କୌଣସି କ୍ଷତିରେ ୫୫ ରନ କରି ନେଇଥିଲା। ପଥୁମ ନିଶାଙ୍କା ଓ ଲାହିରୁ ଉଦାରା ଠିକଠାକ ଆରମ୍ଭ କରିଥିଲେ। ହେଲେ ଏହାପରେ ଶ୍ରୀଲଙ୍କାର ବ୍ୟାଟିଂ ଲାଇନଅପ୍ ତାସର ଘର ଭଳି ଭୁଶୁଡି ପଡିଥିଲା। ଲିଆମ ଡଓ୍ୱସନ ଓ ଜାମି ଓଭରଟନ୍ କମାଲ କରିଥିଲେ। ଶେଷରେ ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କେବଳ ୧୪୫ ରନ କରିପାରିଥିଲା।

ଇଂଲଣ୍ଡ ପାଇଁ ନିଶାଙ୍କା ୨୧ ବଲର ୩୭ ରନ କରିଥିବା ବେଳେ ଅଧିନାୟକ ଚରିଥ ଅସଲଙ୍କା ୩୧ ବଲରେ ୩୧ ରନ ଓ ୱାନିନ୍ଦୁ ହସରଙ୍ଗା ୨୭ ରହନ କରିପାରିଥିଲେ।

ମଧ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି।

ଇଂଲଣ୍ଡ ୧୪୬ ରନର ଟାର୍ଗେଟକୁ ଦମଦାର ଷ୍ଟାଇଲରେ ପିଛା କରିଥିଲା। ଜୋଶ ବଟଲର ୧୬ ବଲରେ ୩୦ ଓ ବ୍ରୁକ ୮ ବଲରେ ୨୩ ରନ କରିଥିଲେ। କିନ୍ତୁ ଉଭୟ ପାୱାର ପ୍ଲେ ମଧ୍ୟରେ ଆଉଟ ହୋଇ ଯାଇଥିଲେ। ଡୋନାଲ୍ଡ ମଧ କେବଳ ୨୧ ଓ ଜୋର୍ଡାନ କ୍ରକ୍ସ ୧୨ ରନ କରିବାକୁ ସକ୍ଷମ ହୋଇଥିଲେ।

କିନ୍ତୁ ଟମ ବାଣ୍ଟନ ନିଜର ଆକ୍ରମଣାତ୍ମକ ଖେଳ ଜାରି ରଖି ମାତ୍ର ୨୪ ବଲରେ ଅପରାଜିତ ୫୨ ରନର ଇନିଂସ ଖେଳିଥିଲେ। ତାଙ୍କ ଇନିଂସ ଯୋଗୁ ଇଂଲଣ୍ଡ ମାତ୍ର ୧୨.୧ ଓଭରରେ ୪ ୱିକେଟ ହରାଇ ଧାର୍ଯ୍ୟ ଟାର୍ଗେଟକୁ ହାସଲ କରି ନେଇଥିଲା। ବାଣ୍ଟନ ତାଙ୍କ ଇନିଂସରେ ୪ଟି ଛକା ଓ ୨ଟି ଚୌକା ମାରିଛନ୍ତି।

ଶ୍ରୀଲଙ୍କା ପାଇଁ ଦୁଷ୍ମନ୍ତ ଚାମିରା, ୱାନିନ୍ଦୁ ହସରଙ୍ଗା, ଇଶାନ ମାଲିଙ୍ଗା ଓ ତାରିନ୍ଦୁ ରତନାୟକେ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ତୃତୀୟ ଟି-୨୦ ଆସନ୍ତାକାଲି ଖେଳାଯିବ।

## ବେଟିଂରେ ମାତିଥିଲେ ରିଜୱାନ

କରାଚୀ,୧୮।୯: ପାକିସ୍ତାନ କ୍ରିକେଟର ମହମ୍ମଦ ରିଜୱାନଙ୍କ ସମ୍ପର୍କରେ ଆସିଛି ସାଂଘାତିକ ତଥ୍ୟ। ଦେଶ ପାଇଁ ପ୍ରତିନିଧିତ୍ୱ କରୁଥିବା ମହମ୍ମଦ ରିଜୱାନଙ୍କୁ ଘାରିଥିଲା ବଡ ଲୋକ ହେବାର ନିଶା।ଏହି ନିଶାରେ ସେ ଏତେ ମାତ୍ରେ ବୁଡି ଯାଇଥିଲେ ଯେ ପଡିଆରେ ପାକିସ୍ତାନ ପାଇଁ କ୍ରିକେଟ ଖେଳରେ ତାଙ୍କର ମନ ଲାଗୁ ନଥିଲା। ପଡିଆରେ କ୍ରିକେଟ ଖେଳିବା ବଦଳରେ ରାତାରାତି କେମିତି ଟଙ୍କା କମାଇବେ, ସେହି ଚିନ୍ତା ରିଜୱାନ କରୁଥିଲେ। ଏଥିପାଇଁ ସେ ବେଆଇନ କ୍ରିକେଟ ବେଟିଂ ଓ ଜୁଆ ଖେଳରେ ମାତିଥିଲେ। ଖୋଜ ପାକିସ୍ତାନର ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଏଜେନ୍ସି ଜାଣିବାକୁ ପାଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଅଧାରୁ ପାକିସ୍ତାନ ସ୍କ୍ୱାଡରୁ ତଡା ଖାଇଥିବା ରିଜୱାନ ଓ ଅନ୍ୟତମ ବ୍ୟାଟର ଇମାମ ଉଲ ହକ ସମ୍ଭାବ୍ୟ ମ୍ୟାଚ ଫିକ୍ସିଂ ଘଟଣାରେ ଫସିଛନ୍ତି। ଏଥିପାଇଁ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯାଇଛି।

ତଦନ୍ତ ସମୟରେ ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି ଉଭୟଙ୍କ ଫୋନ ଜବତ କରିଥିଲା। ଏହାପରେ ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଏଜେନ୍ସିକୁ ଦିଆଯାଇଥିଲା। ଯାଞ୍ଚ ବେଳେ ରିଜୱାନ ବେଆଇନ କ୍ରିକେଟ ବେଟିଂ ଓ ଜୁଆ ଖେଳରେ ଲିପ୍ତ ଥିବା ଏଜେନ୍ସି ଜାଣିବାକୁ ପାଇଛି। ଏହି ପ୍ରସଙ୍ଗରେ ରିଜୱାନଙ୍କୁ ମଧ ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଜେରା କରି ସାରିଛି। ଆଗକୁ ପୁଣି ଜେରା ଓ ଗିରଫଦାରୀ ଆଶଙ୍କା ଥିବାରୁ ରିଜୱାନ ଲାହୋର ହାଇକୋର୍ଟରେ ସୁରକ୍ଷା ପାଇଁ ଆବେଦନ କରିଥିଲେ। କିନ୍ତୁ ଏହାକୁ କୋର୍ଟ ଖାରଜ କରି ଦେଇଛନ୍ତି। ଏଥିସହ ମୁଖ୍ୟ ବିଚାରପତି ଜଷ୍ଟିସ ଆଲିଆ ନୀଲୁମ ତାଙ୍କୁ ତଦନ୍ତର ସାମ୍ନା କରିବାକୁ କହିଛନ୍ତି। ଇଂଲଣ୍ଡ ଟୁର ସମୟରେ ପାକିସ୍ତାନ କ୍ରିକେଟ ଦେଖାଯାଇଥିବା ବିବାଦ ପଛରେ ଥିବା କାରଣ ଏବେ ରିଜୱାନଙ୍କ ଆଇନଗତ ଲଇ ପରେ ପର୍ଦ୍ଦାଫାସ ହୋଇଛି। ପ୍ରଥମେ କୁହାଯାଉଥିଲା ଯେ ଡ୍ରେସିଂ ରୁମ ତଥ୍ୟ ଲିକ୍‌କୁ ନେଇ ବିବାଦ ଦେଖାଯାଇଛି।ହେଲେ ରିଜୱାନଙ୍କ କୋର୍ଟ ପିଟିସନରୁ ସ୍ପଷ୍ଟ ହୋଇଛି ଯେ ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଏଜେନ୍ସି ବା ଏନସିସିଆଇଏ ତାଙ୍କୁ ସିଧା ସଳଖ କ୍ରିକେଟ ସହ ଜଡିତ ଅନଲାଇନ ବେଟିଂ ଓ ଜୁଆ ଖେଳ ସହ ଯୋଡିଥିଲା। ରିଜୱାନ ସେପ୍ଟେମ୍ବର ୧୦ରେ ଏନସିସିଆଇଏ ନିକଟରେ ହାଜର ହୋଇଥିଲେ। ଏହି ସମୟରେ ତାଙ୍କୁ ଜୁଆ ଖେଳ ଓ ଟିମ ସହ ଜଡିତ ସମ୍ବେଦନଶୀଳ ତଥ୍ୟ ଲିକ ସମ୍ପର୍କରେ ପଚରା ଯାଇଥିଲା।୩୪ ବର୍ଷୀୟ ରିଜୱାନ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ଭିତ୍ତିହୀନ ବୋଲି କହିଥିଲେ। କେବଳ ତାଙ୍କୁ ହଇରାଣ କରିବା ଓ ଅପମାନିତ କରିବା ଉଦ୍ଦେଶ୍ୟରେ ଏପରି କରାଯାଉଥିବା ମଧ ସେ ପିଟିସନରେ ଉଲ୍ଲେଖ କରିଛନ୍ତି।

## ଅଭିଷେକଙ୍କ ଦ୍ରୁତତମ ଶତକ

ନୂଆଦିଲ୍ଲୀ,୧୮।୯: ଆଫଗାନିସ୍ତାନ ବିପକ୍ଷ ଶେଷ ଟି-୨୦ରେ ଐତିହାସିକ ଶତକ ହାସଲ କରିଛନ୍ତି ଭାରତର ଅଭିଷେକ ଶର୍ମା। ସେ ବିଶ୍ୱର ପ୍ରଥମ ଟେଷ୍ଟ ଫ୍ଲେଇଂ ଦେଶର ଖେଳାଳି ଭାବେ ମାତ୍ର ୩୦ ବଲରେ ହାସଲ କରିଛନ୍ତି ଶତକ। ସେହିପରି ସେ ଟି-୨୦ରେ ଭାରତ ପାଇଁ ଦ୍ରୁତତମ ଶତକଧାରୀ ମଧ ବନି ଯାଇଛନ୍ତି।

ଏହାବାଦ ଅଭିଷେକ ଶର୍ମା ବିଶ୍ୱର ଏକମାତ୍ର ବ୍ୟାଟର ଯିଏ ନିଜ ଟି-୨୦ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ୪୦ରୁ କମ ବଲରେ ଶତକ ମାରିଛନ୍ତି। ପୂର୍ବରୁ ସେ ଇଂଲଣ୍ଡ ବିପକ୍ଷ ମୁମ୍ବାଇ ଟି-୨୦ରେ ମାତ୍ର ୩୭ ବଲରେ ଶତକ ହାସଲ କରିଥିଲେ। ଗୁରୁବାର ସେ ୩୦ ବଲରେ ଶତକ ଓ ୩୪ ବଲରେ ୧୦୮ ରନ କରିଛନ୍ତି।

ତେବେ ଅଭିଷେକ ଶର୍ମାଙ୍କ ଏହି ରେକର୍ଡ ବ୍ରେକିଂ ପ୍ରଦର୍ଶନ ପଛରେ ରହିଛି କିମ୍ବଦନ୍ତୀ କ୍ରିକେଟର ଯୁବରାଜ ସିଂହଙ୍କ ଗୁରୁମନ୍ତ୍ର। ଭାରତ ୩-୦ରେ ଆଫଗାନ ବିପକ୍ଷ ଟି-୨୦ ସିରିଜ ଜିତିବା ପରେ ଅଭିଷେକ ନିଜେ ଏହା ଉପରୁ ପରଦା ହଟାଇଛନ୍ତି। ଯୁବରାଜ ସିଂହଙ୍କ ସେ ମ୍ୟାଚ୍ ପୂର୍ବରୁ କ'ଣ କଥା ହୋଇଥିଲେ ଓ କ'ଣ ସବୁ ପରାମର୍ଶ ନେଇଥିଲେ, ସେକଥା ଅଭିଷେକ କହିଛନ୍ତି। ସେ କହିଛନ୍ତି, "ସିରିଜର ଦ୍ୱିତୀୟ ମ୍ୟାଚ ପରେ ମୁଁ ତାଙ୍କ(ଯୁବରାଜ ସିଂହ) ଠାରୁ ଗୋଟିଏ ମେସେଜ ପାଇଥିଲି। ମୁଁ ଯେପରି ପ୍ରତ୍ୟେକ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଚେଷ୍ଟା ନକରେ, ସେକଥା ମୋତେ ସେ କହିଥିଲେ। ବିଶେଷକରି ଏଭଳି ପରିସ୍ଥିତିରେ ମଝିରେ ଯଦି ଗୋଟିଏ-ଦୁଇଟି ସିଙ୍ଗଲ୍ ନେଇପାରିବି, ତାହା ମୋ ପାଇଁ ଭଲ ହେବ। ଏହା ମଧ ମୋ ଖେଳିବା ଶୈଳୀର ବାହାରେ ନୁହେଁ। ମୁଁ ସିଙ୍ଗଲ୍ ମଧ ନେଇପାରେ। କିନ୍ତୁ ନିଶ୍ଚିତ ଭାବେ ସାର୍ ସବୁବେଳେ ଚାହାନ୍ତି ଯେ ମୁଁ ଲମ୍ବା ଇନିଂସ ଖେଳେ। ଆଉ ମୋ ମନରେ ସବୁବେଳେ ଏହା ଥାଏ ଯେ ଯଦି ମୁଁ ଦଳକୁ ଏଭଳି ଭଲ ଆରମ୍ଭ ଦେଇପାରୁଛି ଓ ଆମେ ବିଜୟୀ ହେଉଛୁ, ସେହି କଥା ମଧ ସବୁବେଳେ ମୋ ମନରେ ଚାଲିଥାଏ।" ଅଭିଷେକ ଶର୍ମା କ୍ରମାଗତ ୭ଟି ଇନିଂସରେ ଫେଲ ମାରିବା ପରେ ଆଫଗାନିସ୍ତାନ ସିରିଜରେ ପ୍ରବେଶ କରିଥିଲେ। ଏହା ମଧ୍ୟରେ ୪ଟି ୧୦ରୁ କମ ସ୍କୋର ଥିଲା। ତାଙ୍କୁ ଓପନିଂ ସ୍ଲଟ ପାଇଁ ସଞ୍ଜୁ ସାମସନ ଓ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ମଧ ପ୍ରତିଯୋଗିତା କରିବାକୁ ପଡିଥିଲା।

ଅଭିଷେକ ଶର୍ମା ନିଜର ଛାପ ଏବେ ଦମଦାର ଢଙ୍ଗରେ ଛାଡିଛନ୍ତି। ସେ ୩ଟି ମ୍ୟାଚ୍‌ରେ ହାସଲ କରିଛନ୍ତି ୨୨୯ ରନ। ଏହା ମଧ୍ୟରେ ରହିଛି ୩୦ ବଲରେ ଶତକ। ଏପରି ଇନିଂସ ପରେ ସେ ରୋହିତ ଶର୍ମାଙ୍କ ଦ୍ରୁତତମ ଶତକ ରେକର୍ଡକୁ ମଧ ଭାଙ୍ଗି ଦେଇଛନ୍ତି। ରୋହିତ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷ ଟି-୨୦ରେ ମାତ୍ର ୩୫ ବଲରେ ଶତକ ହାସଲ କରିଥିଲା। ଅଭିଷେକ



ଶର୍ମାଙ୍କ ବ୍ୟାଟିଂରେ ଗୋଟିଏ ବଡ ପରିବର୍ତ୍ତନ ଆଫଗାନିସ୍ତାନ ବିପକ୍ଷ ସିରିଜରେ ଦେଖିବାକୁ ମିଳିଛି। ନିଜର ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ଅଭିଷେକ ବେଶ ଜଣାଶୁଣା। କିନ୍ତୁ ଯୁବରାଜ ସିଂହଙ୍କ ମେସେଜ ପରେ ସେ ସିଙ୍ଗଲ ନେବା ମଧ ଆରମ୍ଭ କରିଛନ୍ତି। ବଡ ଶଟ ଭଳି ସିଙ୍ଗଲର ମଧ ଗୁରୁତ୍ୱ ରହିଥିବା, ସେ ଅନୁଭବ କରିବାରେ ଲାଗିଛନ୍ତି। ଅଭିଷେକ ସ୍ପିନ ବିପକ୍ଷରେ ମଧ ଏବେ ଭଲ ଖେଳିବାରେ ଲାଗିଛନ୍ତି। ପୂର୍ବରୁ ପ୍ରତିପକ୍ଷ ଟିମ ତାଙ୍କୁ ସ୍ପିନ ଜାଲରେ ଫସାଇ ଦେଉଥିଲା। ଏବେ ସେ ଆଫଗାନର ରାଶିଦ ଖାନ ଓ ଅନ୍ୟ ସ୍ପିନରମାନଙ୍କୁ ଆଟାକ କରୁଥିବା ଦେଖାଯାଇଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର**